Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 219
Thursday, 15 October 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୫ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଡ୍ରମ୍ ହତ୍ୟାକାଣ୍ଡରେ ମୁସ୍କାନ ଓ ସାହିଲଙ୍କୁ ଫାଶୀ

ନୂଆଦିଲ୍ଲୀ, ୧୪/୧୦(ନ୍ୟୁ.ଏ): ଶେଷରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛନ୍ତି ମୁସ୍କାନ ରସ୍ତୋଗୀ ଓ ତା' ପ୍ରେମିକ ସାହିଲ ଶୁକ୍ଲା । ମୀରଟର ଗୋଟିଏ କୋର୍ଟ ଉଭୟଙ୍କୁ ଆଜି ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି । ଗତବର୍ଷ ମୁସ୍କାନ ନିଜ ସ୍ୱାମୀ ତଥା ମର୍ଚ୍ଚେଣ୍ଟ ନୌସେନା ଅଧିକାରୀ ସୌରଭ ରାଜପୁତଙ୍କୁ ପ୍ରେମିକ ସାହିଲ ସହ ମିଶି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା । ଏହାପରେ ମୃତଦେହକୁ ନୀଳ ଡ୍ରମ୍ ?ରେ ସିଲ କରି ହନିମୁନ ପାଇଁ ଚାଲି ଯାଇଥିଲେ । ସେଠାରୁ ଫେରିବା ପରେ ଗିରଫ ହୋଇଥିବା ମୁସ୍କାନ ଓ ସାହିଲଙ୍କୁ ଦୁଇ ସପ୍ତାହ ପୂର୍ବରୁ କୋର୍ଟ ପ୍ରଥମେ ଦୋଷୀ ସାବ୍ୟସ୍ତ କରିଥିଲେ । ଆଜି ଉଭୟଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି । ଏଥିସହ ଧାରା ୩୦୨ ଅନୁଯାୟୀ ୫୦ ହଜାର ଟଙ୍କା ଓ ଧାରା ୨୩୮ଏ ଅନୁଯାୟୀ ୨୦ ହଜାର ଟଙ୍କାର ଜୋରିମାନା ଲଗାଇଛନ୍ତି । ମାତ୍ର ୧୩ ମାସ ମଧ୍ୟରେ ୧୨୬ ଥର ଶୁଣାଣି ଓ ୨୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜିଲ୍ଲା ଜଜ୍ ? ଅରବିନ୍ଦ କୁମାର ମିଶ୍ର ଉଭୟଙ୍କ ବିରୋଧରେ ରାୟ ଶୁଣାଇଛନ୍ତି । ସରକାରୀ ଓକିଲ ୨୨ ଜଣ ସାକ୍ଷୀଙ୍କ ବୟାନକୁ ଯାଂଚ କରିଥିବା ବେଳେ ମାମଲା ସହ ଜଡ଼ିତ ସମସ୍ତ ଫରେନ୍ସିକ ତଥ୍ୟକୁ ମଧ୍ୟ କୋର୍ଟରେ ଉପସ୍ଥାପନ କରିଥିଲେ । ସରକାରୀ ଓକିଲ ଉଭୟଙ୍କ ମୃତ୍ୟୁଦଣ୍ଡ ଭଳି କଠୋର ଶାସ୍ତି ପାଇଁ ଦାବି କରୁଥିବା ବେଳେ ପ୍ରତିପକ୍ଷ ଓକିଲ ଏହାକୁ ୧୦ରୁ ୨୦ ବର୍ଷ ମଧ୍ୟରେ ସୀମିତ ରଖିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ । ହେଲେ ବିଚାରପତି ପ୍ରତିପକ୍ଷ ଓକିଲଙ୍କ ସମସ୍ତ ଦାବିକୁ ଅଗ୍ରାହ୍ୟ କରି ମୁସ୍କାନ ଓ ସାହିଲଙ୍କୁ ଫାଶୀ ଖୁଂଟରେ ଝୁଲାଇବାକୁ କହିଛନ୍ତି । ଆଇନଜୀବୀ କ୍ଲିଷ୍ଟ କୁମାର ଚୌବେ କହିଛନ୍ତି ଯେ "ଏହି ରାୟ ଗୋଟିଏ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ଏମିତି ହେବା ଦରକାର । କୋର୍ଟ ମାମଲା ସହ ଜଡ଼ିତ ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ରାୟ ଦେଇଛି । ଏହା ଗୋଟିଏ ଚମତ୍କାର ରା ।" ସୌରଭଙ୍କୁ ବାହା ହୋଇଥିଲେ ମଧ୍ୟ ସାହିଲଙ୍କ ସହ ଅନୈତିକ ସମ୍ପର୍କରେ ମାତିଥିଲା ମୁସ୍କାନ । ଏଥିପାଇଁ ସେ ସ୍ୱାମୀଙ୍କୁ ସବୁ ଦିନ ପାଇଁ ନିଜ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା । ଯୋଜନା ଅନୁସାରେ ଉଭୟ ୨୦୨୫ ମାର୍ଚ୍ଚ ୩ରେ ସୌରଭଙ୍କୁ ପ୍ରଥମେ ଡ୍ରଗ୍ସ ଦେବା ପରେ ଛୁରୀ ଭୁଷି ହତ୍ୟା କରିଥିଲେ । ଏହାପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଗୋଟିଏ ନୀଳ ଡ୍ରମରେ ଭର୍ତ୍ତି କରି ସିମେଂଟ ଦ୍ୱାରା ସିଲ କରିଥିଲେ । ହତ୍ୟାକାଣ୍ଡ ପରେ ସେମାନେ ହିମାଚଳ ପ୍ରଦେଶର ଶିମଲାକୁ ହନିମୁନ ପାଇଁ ଚାଲି ଯାଇଥିଲେ । ସେଠାରେ ଛୁଟି କାଟି ପ୍ରାୟ ୧୫ ଦିନ ପରେ ଉଭୟ ଫେରିବା ପରେ ପୁଲିସ୍ ? ଦ୍ୱାରା ଗିରଫ ହୋଇଥିଲେ । ହିମାଚଳ ଟ୍ରିପରୁ ଉଭୟ ମାର୍ଚ୍ଚ ୧୭ରେ ଫେରିଥିଲେ । ଏହାପରେ ଡ୍ରମ ସହ ଖଣ୍ଡବିଖଣ୍ଡିତ ମୃତଦେହକୁ ଅନ୍ୟତ୍ର ଫିଙ୍ଗିବା ପାଇଁ ଚାହିଁଥିଲେ । ଦିନକ ପରେ ସେମାନେ କିଛି ଶ୍ରମିକଙ୍କୁ ଘରକୁ ଡାକିଥିଲେ ଓ ସେମାନଙ୍କୁ ଡ୍ରମକୁ ଘରୁ ବାହାର କରି ଅନ୍ୟତ୍ର ଫିଙ୍ଗି ଦେବାକୁ କହିଥିଲେ । କିନ୍ତୁ ଡ୍ରମର ଓଜନ ଅଧିକ ଥିବାରୁ ଘରକୁ ଆସିଥିବା ଶ୍ରମିକମାନେ ଏହାକୁ ଉଠାଇ ପାରି ନଥିଲେ । ତଥାପି ସେମାନେ ଡ୍ରମକୁ ଟେକାଟେକି କରିଥିଲେ । ଏତିକି ବେଳେ ଡ୍ରମର ଉପର ଭାଗ ଖୋଲି ଯାଇଥିଲା । ତୁରନ୍ତ ଡ୍ରମରେ ଅଧା ପଚି ଯାଇଥିବା ସୌରଭଙ୍କ ଖଣ୍ଡବିଖଣ୍ଡିତ ମୃତଦେହର ଗନ୍ଧ ପୂରା ପରିବେଶରେ ଖେଳି ଯାଇଥିଲା । ଶ୍ରମିକମାନେ ଡ୍ରମକୁ ଉଠାଇବାରେ ବିଫଳ ହୋଇଥିବା ବେଳେ ଗନ୍ଧ ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ସେମାନେ କାମ ନ କରି ସେଠାରୁ ତୁରନ୍ତ ଚାଲି ଯାଇଥିଲେ । ଏସବୁ ଦେଖି ମୁସ୍କାନ ପୂରା ଡରି ଯାଇଥିଲା । ସେ ତୁରନ୍ତ ସେଠାରୁ ନିଜ ବାପା ମା'ଙ୍କ ଘରକୁ ଚାଲି ଯାଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ସୌରଭଙ୍କ ଭଉଣୀ ଓ ଭିଣୋଇଙ୍କୁ ହତ୍ୟା ଘଟଣାରେ ଫସାଇବାକୁ ଚେଷ୍ଟା କରିଥିଲା । କିନ୍ତୁ ବାପା ମା' ବାରମ୍ବାର ପଚାରିବାରୁ ମୁସ୍କାନ କହିଥିଲେ ଯେ ସାହିଲ ସହ ମିଶି ସେ ସୌରଭଙ୍କୁ ହତ୍ୟା କରିଥିଲା । ମୁସ୍କାନ ଓ ସୌରଭ ୨୦୧୬ରେ ପ୍ରେମ ବିବାହ କରିଥିଲେ । କିନ୍ତୁ ସେମାନଙ୍କ ଖୁସି ଖୁବ କମ ଦିନ ପାଇଁ ରହିଥିଲା । ସୌରଭ ୨୦୨୧ରେ ମୁସ୍କାନର ସମ୍ପର୍କ ଆଉ କାହା ସହ ରହିଥିବା ଜାଣିବାକୁ ପାଇଥିଲେ । ସେ ଘରେ ନଥିବା ବେଳେ ମୁସ୍କାନ ଓ ସାହିଲ ଏକାଠି ସମୟ କାଟୁଥିଲେ । ଉଭୟଙ୍କୁ ଏକଦା ଫ୍ଲାଟର ମାଲିକ ଆପତ୍ତିଜନକ ଅବସ୍ଥାରେ ଦେଖି ସୌରଭଙ୍କୁ ଜଣାଇଥିଲେ । ମୁସ୍କାନର ପରିବାର ଲୋକ ଦାବି କରିଥିଲେ ଯେ ସାହିଲ ହିଁ ତାଙ୍କ ଝିଅକୁ ନିଶା ଖାଇବା ଶିଖାଇଥିଲା । ପୁଲିସ୍ ମଧ୍ୟ ତଦନ୍ତ ବେଳେ ଜାଣିବାକୁ ପାଇଛି ଯେ ସାହିଲ ଓ ମୁସ୍କାନ ଏକାଠି ହେବା ମାତ୍ରେ ପ୍ରଥମେ ମଦ ପିଉଥିଲେ । କିନ୍ତୁ ମୁସ୍କାନ ଦାବି କରିଛି ଯେ ସାହିଲକୁ ଭେଟିବା ପୂର୍ବରୁ ସେ ମଦ ପିଉଥିଲା । ୨୦୨୩ରୁ ସୌରଭ ଲଣ୍ଡନର ଗୋଟିଏ ବେକରୀରେ କାମ କରୁଥିଲେ । ସେ ଫେବୃଆରୀ ୨୪ରେ ଭାରତକୁ ଆସିଥିଲେ । ଦୁଇ ଅଭିଯୁକ୍ତ ତାଙ୍କୁ ଫେବୃଆରୀ ୨୫ରେ ମାରିବାକୁ ଯୋଜନା କରିଥିଲେ । କିନ୍ତୁ ଏଥିରେ ସେମାନଙ୍କୁ ସଫଳତା ମିଳି ନଥିଲା । ତେବେ ମାର୍ଚ୍ଚ ୩ରେ ସେମାନେ ନିଜ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ । ମୁସ୍କାନ ଓ ସୌରଭଙ୍କ ଜଣେ ୬ ବର୍ଷର ଝିଅ ମଧ୍ୟ ରହିଛନ୍ତି ।

ଶାନ୍ତିପ୍ରିୟ ଓଡ଼ିଶାରେ ଅରାଜକତା ଓ ହିଂସାର କୌଣସି ସ୍ଥାନ ନାହିଁ : ନବୀନ

ଭୁବନେଶ୍ୱର, ୧୪/୧୦ (ଆ.ପ୍ର) : ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ଘଟିଥିବା ହିଂସାକାଣ୍ଡ ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୃଢ ନିନ୍ଦା କରିଛନ୍ତି । ଅରାଜକତାର ସୀମା ଟପିଛି ବୋଲି ସେ କହିଛନ୍ତି । ବ୍ଲକ କାର୍ଯ୍ୟାଳୟରେ ପଶି ବିଜେପି କର୍ମୀମାନେ ଘଟାଇଥିବା ହିଂସାକାଣ୍ଡ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି ବୋଲି ସେ କହିଛନ୍ତି । ଏପରି ଅରାଜକତାକୁ ସରକାର କାହିଁକି ବାରମ୍ବାର ପ୍ରଶ୍ରୟ ଦେଉଛନ୍ତି । ଅରାଜକତା ପାଇଁ ଓଡ଼ିଶା ଏବେ ବିଶ୍ୱ ଦରବାରରେ ନିନ୍ଦିତ ହେଉଛି ବୋଲି ନବୀନ କହିଛନ୍ତି । ବିଜେପି ସରକାର ସମୟରେ ଭୁବନେଶ୍ୱରର ବିଏମସି କାର୍ଯ୍ୟାଳୟଠୁ ନେଇ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, ଆଠଗଡ଼ ଓ ଜଟଣୀରେ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ବିଜେପି କର୍ମୀମାନେ ଘଟାଇଥିବା କାଣ୍ଡକୁ ଓଡ଼ିଶାବାସୀ ଭୁଲି ନାହାନ୍ତି । ହେଲେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ ବୋଲି ନବୀନ କହିଛନ୍ତି । ଓଡ଼ିଶାରେ ଅରାଜକତା ଓ ହିଂସାର କୌଣସି ସ୍ଥାନ ନାହିଁ । ଓଡ଼ିଶାବାସୀ ନିଶ୍ଚୟ ଏହାର ଉଚିତ୍ ଜବାବ ଦେବେ ବୋଲି ନବୀନ ତାଙ୍କ ସୋସିଆଲ ମିଡିଆ ଆକାଉଂଟରେ ଉଲ୍ଲେଖ କରିଛନ୍ତି ।

ପୁଲିସ୍ ମାଡ଼ରେ ଛାତ୍ରୀ ହରାଇଛନ୍ତି ଶ୍ରବଣ ଶକ୍ତି : ରାହୁଲ

ନୂଆଦିଲ୍ଲୀ, ୧୪/୧୦(ନ୍ୟୁ.ଏ): ଦିଲ୍ଲୀ ପୁଲିସ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଯୁବ କଂଗ୍ରେସ କର୍ମୀଙ୍କ ସହ ପୁଲିସ୍ ଭୟଙ୍କର କାଣ୍ଡ ଘଟାଇଥିବା ସେ ଅଭିଯୋଗ କରିଛନ୍ତି । ଏପରି କି ପୁଲିସ୍ ମାଡ଼ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଥିବା କେରଳର ଜଣେ ଛାତ୍ରୀଙ୍କ ଗୋଟିଏ କାନର ପରଦା ଫାଟି ଯାଇଛି ଓ ସେ ଶ୍ରବଣ ଶକ୍ତି ହରାଇଥିବା ରାହୁଲ ଗାନ୍ଧି ଆଜି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି । ଏହି ସମୟରେ ଛାତ୍ର ଓ ଯୁବ କଂଗ୍ରେସର ଅନେକ କର୍ମୀ ମଧ୍ୟ ରାହୁଲଙ୍କ ସହ ରହିଥିଲେ । ଶ୍ରବଣ ଶକ୍ତି ହରାଇଥିବା ଛାତ୍ରୀଙ୍କୁ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଦେଖିବାକୁ ମିଳିଛି । ମଙ୍ଗଳବାର ବିକ୍ଷୋଭ ବେଳେ ପୁଲିସ୍ ଆପଣାଇଥିବା ବର୍ବରତା ସମ୍ପର୍କରେ ସୂଚନା ଦେବା ବେଳେ ରାହୁଲ ଗାନ୍ଧି ସିଧାସଳଖ ଛାତ୍ରୀ ଆଥିରାଙ୍କ ଉଦାହରଣ ଦେଇଛି । ଆଥିରା ମଧ୍ୟ ବସ୍ ଭିତରେ ପୁଲିସ୍ କେମିତି ତାଙ୍କୁ ମାଡ଼ ମାରିଥିଲା, ସେକଥା ସମସ୍ତଙ୍କୁ ଜଣାଇଛନ୍ତି । ରାହୁଲ କହିଛନ୍ତି, "କେରଳର ଆଥିରା ଗୋଟିଏ କାନରେ ଶ୍ରବଣ ଶକ୍ତି ହରାଇଛନ୍ତି । ତାଙ୍କ କାନ ମୁଣ୍ଡାରେ ପୁଲିସ୍ ପ୍ରହାର କରିବାରୁ ଏବେ ସେ ଶୁଣି ପାରୁ ନାହାନ୍ତି । ସେ ଆଉ ଶୁଣି ପାରିବେ ନାହିଁ । ଶେଷଥର ମୁଁ ଆପଣମାନଙ୍କୁ ଜଣେ ଛାତ୍ରଙ୍କ କଥା କହିଥିଲି । ସେ ଦୃଷ୍ଟି ଶକ୍ତି ହରାଇଥିଲେ । ଏବେ ଛାତ୍ରୀ ଜଣଙ୍କ ଗୋଟିଏ କାନରେ ଶ୍ରବଣ ଶକ୍ତି ହରାଇଛନ୍ତି ।" ବିକ୍ଷୋଭ ବେଳେ ସମସ୍ତଙ୍କୁ ବସ୍‌ରେ ଭର୍ତ୍ତି କରାଯାଇଥିଲା । ବସ୍ ଭିତରେ ଅନେକ ଛାତ୍ରୀ ରହିଥିଲେ ହେଁ କୌଣସି ମହିଳା ପୁଲିସ ନଥିଲେ ବୋଲି ଶ୍ରବଣ ଶକ୍ତି ହରାଇଥିବା ଆଥିରା କହିଛନ୍ତି । ଛାତ୍ରୀମାନଙ୍କୁ ଅଟକ ରଖିବା ବେଳେ ଜଣେ ମହିଳା କନଷ୍ଟେବଲଙ୍କ ଉପସ୍ଥିତି ଜରୁରୀ ବୋଲି କହିଥିଲେ । ତଥାପି ସେମାନଙ୍କ କଥା କେହି ଶୁଣି ନଥିଲେ । ପୁଲିସ୍ ସମସ୍ତଙ୍କୁ କନୌଟ ପ୍ୟାଲେସ ପୁଲିସ୍ ଷ୍ଟେସନକୁ ନିଆଯାଇଥିଲା । ଏହି ସମୟରେ ଜଣେ ପୁଲିସ କର୍ମଚାରୀ ତାଙ୍କୁ ଶକ୍ତ ଚାପୁଡ଼ା ମାରିଥିଲେ । ଏଥିଯୋଗୁ ତାଙ୍କ ଆଖି ପାଖରେ ଆଘାତ ଲାଗିଥିଲା ଓ କାନ କ୍ଷତିଗ୍ରସ୍ତ ହୋଇଥିଲା ବୋଲି ଆଥିରା ଅଭିଯୋଗ କରିଛନ୍ତି । ଛାତ୍ର କଂଗ୍ରେସର ଆଉ ଜଣେ ଛାତ୍ରୀ ମଧ୍ୟ ଦିଲ୍ଲୀ ପୁଲିସ୍ ସେମାନଙ୍କୁ ମଙ୍ଗଳବାର ବିକ୍ଷୋଭ ବେଳେ ମାଡ଼ ମାରିଥିବା କହିଛନ୍ତି । ରାହୁଲ ଗାନ୍ଧି ତାଙ୍କୁ 'ଆମର ଶେରନୀ' କହି ପରିଚୟ କରାଇଥିଲେ । ପୁଲିସ୍ ତାଙ୍କୁ ମାଡ଼ ମାରିଥିଲେ ମଧ୍ୟ ସେ ଡରି ନଥିଲେ ଓ ତାଙ୍କ ହୃଦୟରେ କାହା ପାଇଁ ଘୃଣା ନଥିବା ମଧ୍ୟ ରାହୁଲ କହିଛନ୍ତି । ଛାତ୍ରୀ ଜଣଙ୍କ କହିଛନ୍ତି, ଏନଏସୟୁଆଇର କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିବା ବେଳେ ସେମାନଙ୍କୁ ୩ଟି ବସ୍‌ରେ ଅଟକ ରଖାଯାଇଥିଲା । ପ୍ରତି ବସ୍‌ରେ ୩୦ରୁ ୪୦ ଜଣ କର୍ମୀ ଥିଲେ । ବିକ୍ଷୋଭକାରୀମାନେ ବସ୍‌କୁ ଅଟକାଇ ବିକ୍ଷୋଭ କରିବାକୁ ଉଦ୍ୟମ କରିବା ବେଳେ ଚଂଚଲ ଯାଦବ ନାମକ ଜଣେ ମହିଳା ପୁଲିସ୍ କର୍ମଚାରୀ ତାଙ୍କୁ ବେକ ପଟୁ ମାଡ଼ି ବସିଥିଲେ ଓ ସିଟ୍‌କୁ ଠେଲି ଦେଇଥିଲେ । ଏହାପରେ ଚଂଚଲ ଯାଦବ ନିଜ ନଖରେ ତାଙ୍କ ମୁହଁକୁ ରାମ୍ପି ଦେଇଥିଲେ । ଏଥିଯୋଗୁ ଛାତ୍ରୀଙ୍କ ମୁହଁ ଓ କାନ ପାଖରେ ଖଣ୍ଡିଆ ହୋଇ ଯାଇଛି । ଏହାକୁ ସେ ବିରୋଧ କରିବାରୁ ଚଂଚଲ ତାଙ୍କୁ ଶକ୍ତ ଚାପୁଡ଼ା ମାରିଥିଲେ ବୋଲି ଛାତ୍ରୀ ଜଣଙ୍କ କହିଛନ୍ତି ।

ବାଣୀବିହାର ସଭାରେ ଦୁଇ ଛାତ୍ରଗୋଷ୍ଠୀ ଗଣ୍ଡଗୋଳ, ୭ ଆହତ

ଭୁବନେଶ୍ୱର, ୧୪/୧୦ (ଆ.ପ୍ର) : ବାଣୀବିହାର କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତେଜନା ଲାଗିରହିଛି । ଆଜି 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ସଭାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓ ଛାତ୍ର ବିଜୁ ଜନତା ଦଳ ସମର୍ଥିତ ଛାତ୍ରଙ୍କ ମଧ୍ୟରେ ମାରପିଟ ହୋଇଛି । ଉଭୟେ ଉଭୟଙ୍କୁ ଲକ୍ଷ୍ୟ କରି ଚେୟାର ଆଦି ଫିଙ୍ଗିଛନ୍ତି, ବ୍ୟାନର ଲାଗିଥିବା ବାଡ଼ିରେ ଆକ୍ରମଣ କରିଛନ୍ତି । ଏଥିରେ ଉଭୟ ପକ୍ଷରୁ ୭ଜଣ ଆହତ ହୋଇଥିବା ଜଣାଯାଇଛି । ପୂର୍ବାହ୍ନ ପାଖାପାଖି ୧୧ଟା ସମୟରେ ଏବିଭିପି ସମର୍ଥିତ ପ୍ରାର୍ଥୀ ଓ ସମର୍ଥକମାନେ ସେଂଟ୍ରାଲ୍ କ୍ୟାଂଟିନ୍‌ରୁ ଶୋଭାଯାତ୍ରାରେ ବାହାରି ସଭାସ୍ଥଳକୁ ଯାଇଥିଲେ । ପରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ଓ ସମର୍ଥକମାନେ ମଧ୍ୟ ଶୋଭାଯାତ୍ରାରେ ବାହାରି ସେଠାରେ ପହଂଚିଥିଲେ । ଦୀକ୍ଷାନ୍ତ ହଲ୍ ପ୍ରବେଶ ପଥରେ ଦୁଇ ପକ୍ଷ ସମର୍ଥକଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟି ହୋଇଥିଲା । ପୁଲିସ ଉପସ୍ଥିତିରେ ମଧ୍ୟ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ସୁନ୍ଦର ଭାବେ ସଜ୍ଜିତ ହୋଇଥିବା ଦୀକ୍ଷାନ୍ତ ହଲ୍ ଏହି ଗଣ୍ଡଗୋଳ ଯୋଗୁଁ ଏକପ୍ରକାର ଛିନ୍ନଛତ୍ର ହୋଇଯାଇଥିଲା । ମଂଚ ଉପରେ ଥିବା ପ୍ରାଧ୍ୟାପକ ଓଅନ୍ୟ କର୍ମଚାରୀମାନେ ଅସହାୟ ହୋଇ ଚାହିଁ ରହିଥିଲେ । ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାଇବା ପାଇଁ ଉଦ୍ୟମ କରି ନାକେଦମ୍ ହୋଇଥିଲା । ଖବର ପାଇ ଡିସିପି ବିବେକ ସର୍ବଣା ଏମ୍. ଘଟଣାସ୍ଥଳରେ ପହଂଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ସହ ଅଣଛାତ୍ରମାନଙ୍କୁ ବାହାରକୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେପରେ ପୁଲିସ କମିସନର ସୁରେଶ ଦେବଦତ ସିଂହ ମଧ୍ୟ ଘଟଣାସ୍ଥଳରେ ପହଂଚିଥିଲେ ।

ଓଡ଼ିଶା ହେବ ଦେଶର ଶ୍ରେଷ୍ଠ ମାନୁଫାକ୍ଚରିଂ ହବ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୧୦ (ଆ.ପ୍ର) : ସମଗ୍ର ଓଡ଼ିଶାରେ ଯେଉଁ ଶିଳ୍ପ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହେଉଛି, ତାହା ରାଜ୍ୟର ଦ୍ୱିତୀୟ ଶିଳ୍ପ ବିପ୍ଳବର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଆମ ସରକାର ଆସିବା ପୂର୍ବରୁ ଶିଳ୍ପ ନିବେଶ କେବଳ ଏକ ସ୍ଲୋଗାନ ଏବଂ ପ୍ରଚାର ପ୍ରସାରର ମାଧ୍ୟମ ହୋଇ ରହିଥିଲା । କିନ୍ତୁ ଆମେ ପ୍ରତିଟି ବୁଝାମଣାପତ୍ରକୁ ବାସ୍ତବ ରୂପ ଦେଇ ଫାକ୍ଟ୍ରି ନିର୍ମାଣ କରି ଉତ୍ପାଦନ ଆରମ୍ଭ କରିଛୁ ଏବଂ ଆମର ଓଡ଼ିଆ ପୁଅ-ଝିଅମାନଙ୍କୁ ନିଯୁକ୍ତି ଦେବାରେ ସମର୍ଥ ହୋଇଛୁ । ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ଶିଳ୍ପ ପ୍ରକଳ୍ପ ଭୂମିପୂଜନ ଏବଂ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟର ୧୪ଟି ଜିଲ୍ଲାରେ ୩୧,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଭୂମିପୂଜନ ଏବଂ ଉଦ୍ଘାଟନ କରିଛନ୍ତି । ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି । ଯାଜପୁରର କଳିଙ୍ଗନଗର ଅଂଚଳ ଆଜି ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି । ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଗ୍ରୁପ୍ର କାର୍ବନ୍ ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ସେହିପରି ଟାଟା ଷ୍ଟିଲ୍ର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପ୍ଲାଇନ, ଗ୍ରାଇଣ୍ଡିଂ ଏବଂ ଫିଲ୍ଟରେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ । ଏହାସହିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଅଲୋୟେଜ୍ ଲିମିଟେଡ୍, ଜଟିଆ ଷ୍ଟିଲ୍ ଲିମିଟେଡ୍, ଭିକେ ଉତ୍କଳ ଷ୍ଟିଲ୍ ଏବଂ ଶ୍ରୀ ଏମ୍. କେ. ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ଏହି କ୍ଷେତ୍ରର ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ ବୋଲି ଜଣାପଡିଛି । ଏହି ଶିଳ୍ପ ଗୁଡିକ ରାଜ୍ୟର ୧୪ଟି ଜିଲ୍ଲାରେ ସ୍ଥାପନ କରାଯାଇଛି । ଏଗୁଡିକ ହେଲା- ଅନୁଗୋଳ, ବରଗଡ, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ ଅଂଚଳରେ ସ୍ଥାପିତ ହେବା ଉଚିତ । ଏହି ନୀତିକୁ ଆଧାର କରି କେନ୍ଦୁଝର ଓ ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି । ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୧୫୧ ଗୋଟି ପ୍ରକଳ୍ପର ଭୂମିପୂଜନ କିମ୍ବା ଉଦ୍ଘାଟନ କରାଯାଇ ୩ ଲକ୍ଷ ୧୧ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ ହୋଇଥିବାବେଳେ ଏହାଦ୍ୱାରା ୨ ଲକ୍ଷ ୪୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପଥ ଉନ୍ମୁକ୍ତ ହୋଇଛି । ଆଜିର ପ୍ରକଳ୍ପକୁ ମିଶାଇଲେ ରାଜ୍ୟରେ ସମୁଦାୟ ୩ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପର ପ୍ରସ୍ତାବ ସମୟଠାରୁ ଗ୍ରାଉଣ୍ଡିଙ୍ଗ୍ ହେବା ପର୍ଯ୍ୟନ୍ତ Project ଖସଲର Cycleର ପୁରା ସମୟଚକ୍ରରେ ନିବେଶକମାନଙ୍କୁ ଓଡିଶା ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଉଦେଉଛନ୍ତି । ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଏବଂ ନୂତନ ଶିଳ୍ପନୀତି ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ସ୍ୱଚ୍ଛ କରାଯାଇଛି । ଏପର୍ଯ୍ୟନ୍ତ ୧୨.୦୭ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ସହିତ ୫୬୦ଟି ଶିଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇସାରିଛି । ଏହା ମାଧ୍ୟମରେ ପ୍ରାୟ ୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ ଆଗାମୀ ଦିନରେ ଯାଜପୁର ଜିଲ୍ଲାର ଅଭୂତପୂର୍ବ ବିକାଶ ଘଟିବ ଏବଂ ଶିଳ୍ପ ନକ୍ସା ଅଧିକ ସମୃଦ୍ଧ ହେବ । ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଆମ ସରକାର ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବାରେ ଅନେକ ଉନ୍ନତି ଆଣିଛନ୍ତି, ବର୍ତ୍ତମାନ ନୂତନ ଶିଳ୍ପ ଆବଶ୍ୟକତା ଅନୁଯାୟୀ ଆମର

ଦୁର୍ଗାପୂଜା ପ୍ରସ୍ତୁତି ଭିତରେ ଆରମ୍ଭ ହେଲାଣି ବର୍ଷା, ଦକ୍ଷିଣ ଓ ଉପକୂଳ ଓଡ଼ିଶାକୁ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୪/୧୦ (ଆ.ପ୍ର) : ଦୁର୍ଗାପୂଜା ପ୍ରସ୍ତୁତି ଭିତରେ ଆରମ୍ଭ ହେଲାଣି ବର୍ଷା । କେଉଁଠି ନିର୍ଘୁମ କାଟିଛି ତ ଆଉ କେଉଁଠି ଝିପିଝିପି ବର୍ଷିଛି । ଭୁବନେଶ୍ୱରର କିଛି ସ୍ଥାନରେ ଆଜି ଅପରାହ୍ନରେ ପ୍ରବଳ ବର୍ଷା ହୋଇଛି । ଫଳରେ ପ୍ରଭାବିତ ହୋଇଥିଲା ଜନଜୀବନ । ସେହିପରି ଗଜପତି ଜିଲ୍ଲାରେ ବି ପାଗର ପରିବର୍ତ୍ତନ ସହ ବିଭିନ୍ନ ସ୍ଥାନରେ ଲାଗିରହିଛି ବର୍ଷା । ମୋହନା ଓ ଆର.ଉଦୟଗିରି ଅଂଚଳରେ ଆଜି ଝିପିଝିପି ବର୍ଷା ହୋଇଛି ।...ପାଣିପାଗ ବିଭାଗର ପୂର୍ବାନୁମାନ, ଆଜିଠୁ ଆସନ୍ତା ୧୭ ଯାଏଁ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ତେଣୁ ନୟାଗଡ଼, ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି । ଆସନ୍ତାକାଲି ପାଇଁ ୮ଟି ଜିଲ୍ଲା, ୧୬ ତାରିଖ ପାଇଁ ଦକ୍ଷିଣ ଓ ଉପକୂଳ ଓଡ଼ିଶାର ୬ ଜିଲ୍ଲା ଏବଂ ୧୭ ତାରିଖ ପାଇଁ ୮ଟି ଜିଲ୍ଲାରେ ସାମାନ୍ୟ ବର୍ଷା ପାଇଁ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ ।

ସିଏସ୍ଆଇଆର-ଆଇଏମ୍ଏମଟିରେ "୮୫ତମ ସିଏସ୍ଆଇଆର୍ ପ୍ରତିଷ୍ଠା ଦିବସ" ପାଳିତ



ଭୁବନେଶ୍ୱର, ୧୪/୧୦ (ପିଆଇବି) : ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର ଖଣିଜ ଓ ପଦାର୍ଥ ପ୍ରଯୁକ୍ତି ପ୍ରତିଷ୍ଠାନ ପରିସରରେ ଆଜି ୮୫ତମ ସିଏସ୍ଆଇଆର୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତିଷ୍ଠାନର ଏସ୍. ଏସ୍. ଭଟନାଗର ସଭାଗୃହରେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା । କାଉନସିଲ୍ ଅଫ୍ ସାଇଂଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ର ପ୍ରତିଷ୍ଠା ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୨୬ ତାରିଖରେ ଜାତୀୟ ସ୍ତରରେ ନୂଆଦିଲ୍ଲୀଠାରେ ପାଳନ କରାଯାଏ । ସିଏସ୍ଆଇଆର୍ର ଏକ ଅନୁବନ୍ଧିତ ପ୍ରୟୋଗଶାଳା ଭାବେ ସିଏସ୍ଆଇଆ-ଆଇଏମ୍ଏମଟି ପକ୍ଷରୁ ଏହି ଅବସରକୁ ପାଳନ କରାଯାଇ ବିଜ୍ଞାନ, ଗବେଷଣା, ପ୍ରଯୁକ୍ତିବିଦ୍ୟା ଓ ଦେଶର ବିକାଶ କ୍ଷେତ୍ରରେ ସଂସ୍ଥାର ଅବଦାନକୁ ସ୍ମରଣ କରାଯାଇଥିଲା । ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରି ସିଏସ୍ଆଇଆ-ଆଇଏମ୍ଏମ୍ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସିଏସ୍ଆଇଆର୍ର ପ୍ରତିଷ୍ଠା ଓ ବିକାଶର ପ୍ରାରମ୍ଭିକ ପର୍ଯ୍ୟାୟରେ ଡ. ଶାନ୍ତି ସ୍ୱରୂପ ଭଟନାଗର ଏବଂ ସାର୍ ଆର୍କଟ୍ ରାମସ୍ୱାମୀ ମୁଦାଲିଆରଙ୍କ ଅବଦାନକୁ ସ୍ମରଣ କରିଥିଲେ । ଦେଶରେ ବୈଜ୍ଞାନିକ ଗବେଷଣାର ଏକ ସୁଦୃଢ଼ ଭିତ୍ତିଭୂମି ଗଠନ ଏବଂ ଶିଳ୍ପ କ୍ଷେତ୍ରର ବିକାଶରେ ସିଏସ୍ଆଇଆର୍ର ଐତିହାସିକ ଭୂମିକାକୁ ସେ ଉଲ୍ଲେଖ କରିଥିଲେ । ଏଥିସହ ସିଏସ୍ଆଇଆର୍ର ୩୭ଟି ପ୍ରୟୋଗଶାଳାର ବିବିଧ ଗବେଷଣାମୂଳକ ଅବଦାନକୁ ସେ ଏକ କାବ୍ୟାତ୍ମକ ଶୈଳୀରେ ଉପସ୍ଥାପନ କରିଥିଲେ । ଦେଶର ବିଜ୍ଞାନ, ପ୍ରଯୁକ୍ତି, ଶିଳ୍ପ ଓ ସାମାଜିକ ବିକାଶରେ ଏହି ପ୍ରୟୋଗଶାଳାଗୁଡ଼ିକର ସାମୂହିକ ଅବଦାନକୁ ତାଙ୍କ ଅଭିଭାଷଣ ଉଜ୍ଜ୍ୱଳ ଭାବେ ପ୍ରତିଫଳିତ କରିଥିଲା । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ୨୫ ବର୍ଷର ସେବା ପୂର୍ଣ୍ଣ କରିଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ଯାହାକୁ CSIR-IMMT ର ପ୍ରଶାସନିକ ନିୟନ୍ତ୍ରକ ଶ୍ରୀ ପି. କେ. ଦାଶ ପରିଚାଳନା କରିଥିଲେ । ହିନ୍ଦୀ ପକ୍ଷବାଡ଼ା ପାଇଁ ପୁରସ୍କାର ବଂଟନ କାର୍ଯ୍ୟ ଡକ୍ଟର ପ୍ରିୟଙ୍କା ରାଜପୁତ ଏବଂ ଶ୍ରୀ ଆକାଶ ଶ୍ରୀବାସ୍ତବଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ନିର୍ମାଣରେ ଏକ ବଡ଼ମାଇଲ ଖୁଂଟ ସାବ୍ୟସ୍ତ ହେବ: ଦିଲୀପ ମଲ୍ଲିକ

ଭୁବନେଶ୍ୱର, ୧୪/୧୦ (ଆ.ପ୍ର) : ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ୧୧ଟି ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା । ପୂର୍ବ ସରକାର ସମୟରେ ମାତ୍ର କିଛି ମିନିଟ୍‌ରେ କ୍ୟାବିନେଟ୍ ବୈଠକ ସରିଯାଉଥିଲା । ମାତ୍ର ରାଜ୍ୟରେ ବିଜେପି ସରକାର ଆସିବା ପରେ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକ ବସୁଛି । ଏଥିରେ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଦୀର୍ଘ ସମୟ ଧରି ଆଲୋଚନା କରି ରାଜ୍ୟର ବିକାଶ ନିମନ୍ତେ ନିଷ୍ପତ୍ତି ନେଉଛନ୍ତି, ଏହା ନି ୧/ ଚିନ୍ତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ରାଜ୍ୟ କ୍ୟାବିନେଟ୍‌ରେ ଗତକାଲି ୧୬ଟି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ପ୍ରସ୍ତାବ ପାରିତ ହୋଇଥିବାରୁ ଭାରତୀୟ ଜନତା ପାର୍ଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ମଣ୍ଡଳର ସଦସ୍ୟ ତଥା ରାଜ୍ୟ ସରକାରଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଉଛି । ରାଜ୍ୟର ଛାତ୍ରଛାତ୍ରୀ, ଯୁବପିଢ଼ୀ, କୃଷକ, ମତ୍ସ୍ୟଜୀବୀ ଓ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ନିଆଯାଇଥିବା ଏହି ପଦକ୍ଷେପ ଗୁଡ଼ିକ ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଗୁଣାତ୍ମକ ଶିକ୍ଷାରୁ ଯେପରି କେହି ବଂଚିତ ହେବେନାହିଁ ସେଥିପାଇଁ ରାଜ୍ୟ କ୍ୟାବିନେଟ୍ ପକ୍ଷରୁ ନିଆଯାଇଥିବା ଏହି ଐତିହାସିକ ନିଷ୍ପତ୍ତିକୁ ରାଜ୍ୟ ବିଜେପି ପକ୍ଷରୁ ସ୍ୱାଗତ କରାଯାଉଛି । "ସବ୍‌କା ସାଥ, ସବକ୍ । ବିକାଶ,ସବ୍‌କା ବିଶ୍ୱାସ ଓ ସବକା ପ୍ରୟାସ" ମନ୍ତ୍ରରେ ଆଗେଇ ଚାଲିଥିବା ରାଜ୍ୟ ସରକାର ଓଡ଼ିଶାର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଦୃଢ଼ ପଦକ୍ଷେପ ନେଉଛନ୍ତି । ବିଜେପି ସରକାର ସଦାସର୍ବଦା ଜନସାଧାରଣଙ୍କ ସେବା, ସାମାଜିକ ନ୍ୟାୟ ଏବଂ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି କ୍ୟାବିନେଟ୍ ନିଷ୍ପତ୍ତି ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ନିର୍ମାଣରେ ଏକ ବଡ଼ମାଇଲ ଖୁଂଟ ସାବ୍ୟସ୍ତ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି । ଶ୍ରୀ ମଲ୍ଲିକ କହିଛନ୍ତି ଯେ, ରାଜ୍ୟ କ୍ୟାବିନେଟ୍‌ରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପାଇଁ ଅଭିନନ୍ଦନ ସଂକଳ୍ପ ପାରିତ ହୋଇଛି । ଶାସନ ମୁଖ୍ୟ (ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀ) ଭାବେ ସଫଳତାର ସହ ୨୫ ବର୍ଷ ପୂରଣ କରିଥିବା ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନକଲ୍ୟାଣକାରୀ ନେତୃତ୍ୱକୁ ସମ୍ମାନ ଜଣାଇ ରାଜ୍ୟ କ୍ୟାବିନେଟ୍‌ରେ 'ଅଭିନନ୍ଦନ ସଂକଳ୍ପ' ପାରିତ ହୋଇଛି । ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି । ନିଃଶୁଳ୍କ ପାଠ୍ୟ ପୁସ୍ତକ ଯୋଗାଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ବହି ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ରାଜ୍ୟର ଚାଷୀ ଭାଇ ଭଉଣୀଙ୍କୁ ସମୟ ସୀମା ମଧ୍ୟରେ ସାର ଓ ବିହନ ଯୋଗାଇବା ଏବଂ ଏହାର ସୁପରିଚାଳନା ପାଇଁ ୧୩୬୦ କୋଟି ଟଙ୍କାର କର୍ପସ ପାଣ୍ଠି ମଞ୍ଜୁର କରାଯାଇଛି । ଏହା କୃଷି କ୍ଷେତ୍ରରେ ନୂତନ ବିପ୍ଳବ ଆଣିଦେବ । ରାଜ୍ୟର ୪.୨୦ ଲକ୍ଷ ଯୁବକ ଯୁବତୀଙ୍କ ଦକ୍ଷତା ବୃଦ୍ଧି ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୪୫୦ କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ ମିଳିଛି । ଏହା ଯୁବପିଢ଼ିଙ୍କ ପାଇଁ ନୂତନ ରୋଜଗାର ଓ ଆତ୍ମନିର୍ଭରଶୀଳତାର ଦ୍ୱାର ଖୋଲିବ । ସହରାଂଚଳରେ ବର୍ଷା ଦିନେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଷ୍ଟର୍ମ ୱାଟର ଡ୍ରେନେଜ୍ ସିଷ୍ଟମର ଆଧୁନିକୀକରଣ ପାଇଁ ୫୦୦ କୋଟି ଟଙ୍କା ବ୍ୟୟବରାଦକୁ ଅନୁମୋଦନ ଦିଆଯାଇଛି । ଶିକ୍ଷକ ସମାଜ ପାଇଁ 'ପୂଜାରେଟି' ଦିଆଯାଇଛି । ମାଧ୍ୟମିକ ଶିକ୍ଷକଙ୍କ ପାଇଁ ନୂତନ ସେବା ନିୟମାବଳୀ ପ୍ରଣୟନ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ରାଜ୍ୟ କ୍ୟାଡର ମାନ୍ୟତା ପ୍ରଦାନ କରାଯାଇଛି । ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ବହୁଦିନର ବରିଷ୍ଠତା ବିବାଦର ଶାଶ୍ୱତ ସମାଧାନ କରାଯାଇ ଶିକ୍ଷକ ସମାଜକୁ ଏକ ଦଶହରା ପୂଜାରେଟି ଦିଆଯାଇଛି । କଟକ ଠାରେ ମହାନଦୀ ଭିଭର ଫ୍ରଂଟ୍‌ର ନବକଳେବର କରାଯାଇଛି । ଐତିହାସିକ କଟକ ସହରର ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନର ବିକାଶ ପାଇଁ ମହାନଦୀ ରିଭର ଫ୍ରଂଟକୁ ସମ୍ପୂର୍ଣ୍ଣ ନୂଆ ରୂପ ଦେବା ପାଇଁ ଯୋଜନାକୁ ଅନୁମୋଦନ ଦିଆଯାଇଛି । ୧୭୭ କୋଟି ଟଙ୍କା ବ୍ୟୟରେ କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ ଏକ ଡାଟାସେଂଟର ପ୍ରତିଷ୍ଠା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଭବିଷ୍ୟତରେ ଏହାକୁ ଏକ ଜାତୀୟସ୍ତରର ସାଇବର ସାର୍ବଭୌମତ୍ୱ ଓ ଡିଜିଟାଲରେ ରେଜିଲିଏନ୍ସ ହବ୍‌ରେ ପରିଣତ କରିବାର ଅବକାଶ ବା ସୁଯୋଗ ରହିବ । ଫଳରେ ସାଇବର ଯୁଦ୍ଧ, ରାନସମୱ୍ୟାର ଆକ୍ରମଣ କୃତ୍ରିମବୁଦ୍ଧିମତାର ଅପପ୍ରୟୋଗ, ଯୋଗାଣ ଶୃଙ୍ଖଳାରେ ଅଯଥା ବିଭ୍ରାଟ, ଗୁରୁତ୍ୱପୂର୍ଣ୍ଣ ସୂଚନା ଭିତିଭୂମି ଉପରେ ଆକ୍ରମଣ ଓ ସୁରକ୍ଷା ସମ୍ବନ୍ଧିତ ତଥ୍ୟ ଚୋରିକୁ ରୋକାଯାଇ ପାରିବ । ଏହି ନିଷ୍ପତ୍ତି ନବସୃଜନ ଓ ନିଯୁକ୍ତିକୁ ଉତ୍ସାହିତ କରିବା ସଙ୍ଗେସଙ୍ଗେ ରାଜ୍ୟର ଡିଜିଟାଲ ଇକୋସିଷ୍ଟମ ଉପରେ ନିବେଶକଙ୍କ ଆସ୍ଥା ଆଣିପାରିବ । ରାଜ୍ୟର ଭୌତିକ ଓ ସାମାଜିକ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ଅନୁମୋଦିତ ହୋଇଥିବ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଏବଂ ଜନକଲ୍ୟାଣକାରୀ ପ୍ରସ୍ତାବ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବାରେ ବିଶେଷ ସହାୟକ ହେବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ରାଜ୍ୟ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାହ–୨୦୨୬ ପାଳିତ

ନବରଙ୍ଗପୁର, ୧୪/୧୦ (ଆ.ପ୍ର) : "ଆମର ଅଙ୍ଗନବାଡ଼ି, ଆମର ଦାୟିତ୍ୱ" ବିଷୟବସ୍ତୁକୁ ନେଇ ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ୯ମ ରାଷ୍ଟ୍ରୀୟ ପୋଷଣ ମାହ-୨୦୨୬ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁମିତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଏକ ମାସ ଧରି ଚାଲିଥିବା ଏହି ଅଭିଯାନ ଅଧୀନରେ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ, କର୍ମଚାରୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କ ପକ୍ଷରୁ ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳରେ ପୁଷ୍ଟିକର ଖାଦ୍ୟ, ସୁସ୍ଥ ଖାଦ୍ୟାଭ୍ୟାସ ଏବଂ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସମ୍ପର୍କରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଆୟୋଜନ କରାଯାଇଥିଲା । ପ୍ରଦର୍ଶନୀରେ ମିଲେଟ୍ ଲଡ୍ଡୁ, ଛତୁଆ ସମେତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସ୍ଥାନ ପାଇଥିଲା । ଜିଲ୍ଲାପାଳ ମଧୁମିତା ଅଙ୍ଗନବାଡ଼ି କର୍ମୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ପୁଷ୍ଟିସାଧନ କ୍ଷେତ୍ରରେ ଜନସହଭାଗିତା ଓ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମା' ଓ ଶିଶୁଙ୍କ ସୁସ୍ଥତା ପାଇଁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଗ୍ରହଣ, ସ୍ୱାସ୍ଥ୍ୟସେବାର ଉପଯୋଗ ଏବଂ ସରକାରୀ ଯୋଜନାଗୁଡ଼ିକର ସୁଫଳ ହାସଲ କରିବା ଦିଗରେ ସମସ୍ତଙ୍କୁ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏତଦବ୍ୟତୀତ ନିଜ ଅଭିଭାଷଣରେ ପୁଷ୍ଟି ସଚେତନତାକୁ ଅଧିକ ବ୍ୟାପକ କରିବା ପାଇଁ ଜିଲ୍ଲାସ୍ତରରେ ଏକ ସ୍ୱତନ୍ତ୍ର ଜନସଚେତନତା ଅଭିଯାନ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ । ଏହି ଅଭିଯାନରେ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସୁଫଳ ହାସଲ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ଏବଂ ସୁଷମ ଓ ପୁଷ୍ଟିକର ଖାଦ୍ୟ ଗ୍ରହଣର ଉପକାରିତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ । ବିଶେଷକରି ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନଙ୍କ ପାଇଁ ମିଲେଟ୍ ଲଡ୍ଡୁ, ଛତୁଆ ଭଳି ପୁଷ୍ଟିକର ଖାଦ୍ୟ ଏବଂ ଉପଲବ୍ଧ ସ୍ୱାସ୍ଥ୍ୟ ଓ ପୁଷ୍ଟିସେବାର ଉପଯୋଗିତା ଉପରେ ଗୁରୁତ୍ୱ ଦିଆଯିବ । ଏଥିପାଇଁ ପୁଷ୍ଟି, ସ୍ୱାସ୍ଥ୍ୟସେବା ଓ ସରକାରୀ ଯୋଜନାଗୁଡ଼ିକର ଲାଭ ସମ୍ପର୍କରେ ସଚେତନତାମୂଳକ ଭିଡିଓ ପ୍ରସ୍ତୁତ କରାଯାଇ ପ୍ରସାର କରାଯିବ । ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟରେ ଏହି ଅଭିଯାନ ଚାଲିବ । ଏହାଦ୍ୱାରା ଲୋକଙ୍କ ମଧ୍ୟରେ ପୁଷ୍ଟିକର ଖାଦ୍ୟ ଗ୍ରହଣ, ସୁସ୍ଥ ଜୀବନଶୈଳୀ ଏବଂ ସରକାରୀ ଯୋଜନାର ସଠିକ୍ ଉପଯୋଗ ସମ୍ପର୍କରେ ସଚେତନତା ବୃଦ୍ଧି ପାଇବା ସହ ଯୋଗ୍ୟ ହିତାଧିକାରୀମାନେ ଉପଲବ୍ଧ ସେବାର ସୁଫଳ ପାଇପାରିବେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଏନ୍ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ । ପୁଷ୍ଟି ଶିକ୍ଷା, ଜନସଚେତନତା ଓ ଅତ୍ୟାବଶ୍ୟକ ସେବା ପ୍ରଦାନ କ୍ଷେତ୍ରରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଅଧିକ ସୁଦୃଢ଼ କରିବା ସହ ଜିଲ୍ଲା ପ୍ରଶାସନ, ଅଙ୍ଗନବାଡ଼ି କର୍ମୀ ଓ ସମାଜର ସମସ୍ତ ବର୍ଗଙ୍କ ସମନ୍ୱିତ ପ୍ରୟାସରେ ଏକ ସୁସ୍ଥ, ସମୃଦ୍ଧ ଓ ପୁଷ୍ଟିସମ୍ପନ୍ନ ନବରଙ୍ଗପୁର ଗଠନ କରିବା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା ।

ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଅଶାନ୍ତି ଆଶଙ୍କା, ଶ୍ରୀ ଭରତପତି ମହାବିଦ୍ୟାଳୟରେ ବାହ୍ୟ ହସ୍ତକ୍ଷେପ ଓ ଧମକଚମକ ଅଭିଯୋଗ

ପାତ୍ରପୁର, ୧୪/୧୦ (ଆ.ପ୍ର) : ଆସନ୍ତାକାଲି ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ନେଇ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଶ୍ରୀ ଭରତପତି ମହାବିଦ୍ୟାଳୟରେ ଉତ୍ତେଜନାର ଆଶଙ୍କା ଦେଖାଦେଇଛି । ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ କରିବା ସହ ପ୍ରାର୍ଥୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦାବିରେ ବିଭିନ୍ନ ପଦବିର ପ୍ରାର୍ଥୀମାନେ ଆଜି ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ପ୍ରାର୍ଥୀମାନଙ୍କ ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟ ପରିସରରେ ବାହ୍ୟ ବ୍ୟକ୍ତି ଓ ଅସାମାଜିକ ତତ୍ତ୍ୱଙ୍କ ଅନଧିକୃତ ହସ୍ତକ୍ଷେପ ବଢ଼ିବା ଯୋଗୁଁ ସାଧାରଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କୁ ଧମକଚମକ ଦିଆଯିବା ଏବଂ ନାମାଙ୍କନ ପ୍ରତ୍ୟାହାର ପାଇଁ ଚାପ ପ୍ରୟୋଗ କରାଯାଇଥିବା ନେଇ ପ୍ରାର୍ଥୀମାନେ ଅଭିଯୋଗ ଉଠାଇଛନ୍ତି । କେତେକ ଅଧ୍ୟାପକଏକ ଗୋଷ୍ଠୀକୁ ସମର୍ଥନ କରୁଥିବା ଅଭିଯୋଗ ମଧ୍ୟ ସେମାନେ ଆଣିଛନ୍ତି । ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱତନ୍ତ୍ର ଯାଂଚ କିମ୍ବା ସମ୍ପୃକ୍ତ ପକ୍ଷଙ୍କ ପ୍ରତିକ୍ରିୟା ସମ୍ପର୍କରେ ଏଯାଏଁ ସୂଚନା ମିଳିନାହିଁ । ଛାତ୍ର ରାଜନୀତିରେ ବାହ୍ୟ ହସ୍ତକ୍ଷେପକୁ ବିରୋଧ କରି ପ୍ରାର୍ଥୀମାନେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ଏବଂ ଏହା ଶିକ୍ଷାନୁଷ୍ଠାନର ଶୈକ୍ଷିକ ପରିବେଶ ମଧ୍ୟରେ ସ୍ୱଚ୍ଛ ଭାବେ ସମ୍ପନ୍ନ ହେବା ଉଚିତ । ତେଣୁ ନିର୍ବାଚନ ପୂର୍ବରୁ ମହାବିଦ୍ୟାଳୟ ପରିସରରେ ପୋଲିସ ମୁତୟନ, ବାହ୍ୟ ବ୍ୟକ୍ତିଙ୍କ ଅନଧିକୃତ ପ୍ରବେଶ ଉପରେ ରୋକ୍, ପ୍ରାର୍ଥୀଙ୍କୁ ସୁରକ୍ଷା ଏବଂ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷ ତଦାରଖ ପାଇଁ ସେମାନେ ଦାବି କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସଭାପତି ପ୍ରାର୍ଥୀ ଲିମା ଶବର, ଉପସଭାପତି ପ୍ରାର୍ଥୀ ରେଶମା ପ୍ରଧାନ, ସହସମ୍ପାଦକ ପ୍ରାର୍ଥୀ ସୂରଜ ରାଉଳ ଓ କ୍ରୀଡ଼ା ସମ୍ପାଦକ ପ୍ରାର୍ଥୀ ନିତ୍ୟାନନ୍ଦ ଭୂୟାଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଆସନ୍ତାକାଲିର ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପ୍ରଶାସନ ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଉପରେ ଗୁରୁ ଦାୟିତ୍ୱ ବହନ କରୁଛି ।

ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଦିବ୍ୟାଙ୍ଗ ସହାୟତା କାର୍ଯ୍ୟକ୍ରମ

ରାୟଗଡ଼, ୧୪/୧୦ (ଆ.ପ୍ର) : ରାୟଗଡ଼ ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପଠାରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏକ ଦିବ୍ୟାଙ୍ଗ ସହାୟତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ରନାଥ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ରାୟଗଡ଼ ପୌର ପରିଷଦର ଉପାଧ୍ୟକ୍ଷା ଶ୍ରମିତା ପାତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗରଡ଼ା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀଙ୍କ ସମେତ ରାୟଗଡ଼ ଭିନ୍ନକ୍ଷମ ମହାସଂଘ ଓ ଓଡ଼ିଶା ବିକଳାଙ୍ଗ ମଂଚର ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁର ନିଜ ଅଭିଭାଷଣରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ କଲ୍ୟାଣ, ସାମାଜିକ ସୁରକ୍ଷା ଏବଂ ସରକାରୀ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚାଇବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପରେ ନୂତନ ଭାବେ ଯୋଗ୍ୟ ବିବେଚିତ ୨୫ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଏହି ପଦକ୍ଷେପ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ସହ ସେମାନଙ୍କ ଜୀବନଧାରଣକୁ ଅଧିକ ସହଜ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ । ଜିଲ୍ଲା ଓ ଉପଖଣ୍ଡ ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତ୍ତାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା ।

ମକ୍ ଡ୍ରିଲ୍ ମାଧ୍ୟମରେ ବିପର୍ଯ୍ୟୟ ମୁକାବିଲାର କୌଶଳ ପ୍ରଦର୍ଶନ

ପାରଳାଖେମୁଣ୍ଡି, ୧୪/୧୦ (ଆ.ପ୍ର) : ମାଇ ଭାରତ ଗଜପତି ପକ୍ଷରୁ ଖଜୁରିପଦ୍ରାସ୍ଥିତ ବାବା ସାହେବ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିପର୍ଯ୍ୟୟ ହ୍ରାସ ପାଇଁ ଆନ୍ତର୍ଜାତୀୟ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଯୁବ ଅଧିକାରୀ କିଶୋର ବେମ୍ବଲାଓ୍ୱାଡାଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ସମୟରେ ସୁରକ୍ଷା, ପ୍ରସ୍ତୁତି ଓ ତ୍ୱରିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ମାଇ ଭାରତର ଷ୍ଟାଫ୍ ଏ. ମହେଶ୍ୱର ରାଓ ଏବଂ ନୂଆଗଡ଼ ବ୍ଲକର ମାଇ ଭାରତ ସ୍ୱେଚ୍ଛାସେବୀ ବିପ୍ର ପାଇକ ଓ ମନୋଜ ପାଇକଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମଚନ୍ଦ୍ର ସିଂହ ଏବଂ ଉପପ୍ରଧାନଶିକ୍ଷକ ସନ୍ତୋଷ କୁମାର ପାଇକ ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ ସମୟରେ ସଚେତନ ଓ ପ୍ରସ୍ତୁତ ରହିବା ସହ ନିଜର ତଥା ଅନ୍ୟମାନଙ୍କ ଜୀବନ ସୁରକ୍ଷା ପାଇଁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଗ୍ନିଶମ ବିଭାଗର କର୍ମଚାରୀ ଗୁରୁ ବେହେରା, ସଞ୍ଜୟ ସାହୁ, ସଦାନନ୍ଦ ପଣ୍ଡା ଓ ଅନ୍ୟ କର୍ମଚାରୀମାନେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସାପ କାମୁଡ଼ା, ଭୂସ୍ଖଳନ, ଭୂମିକମ୍ପ, ଅଗ୍ନିକାଣ୍ଡ, ବଜ୍ରପାତ ଓ ବନ୍ୟା ଭଳି ପ୍ରାକୃତିକ ତଥା ମାନବ ସୃଷ୍ଟି ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସହାୟତା କରାଯାଇପାରିବ, ସେ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲା । ଖଜୁରିପଦ୍ରା ଅଂଚଳରେ ଭୂସ୍ଖଳନ ଜନିତ ବିପଦକୁ ଦୃଷ୍ଟିରେ ରଖି ବିପଦପ୍ରବଣ ସ୍ଥାନରୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା, ପ୍ରଶାସନର ଜରୁରୀ ସୂଚନା ଅନୁସରଣ କରିବା ଏବଂ ଉଦ୍ଧାରକାରୀ ଦଳକୁ ସହଯୋଗ କରିବା ଉପରେ ବିଶେଷ ଆଲୋକପାତ କରାଯାଇଥିଲା । ସେହିପରି ସାପ କାମୁଡ଼ା ଘଟଣାରେ ତୁରନ୍ତ ଚିକିତ୍ସା ସହାୟତା ନେବା ଏବଂ ଅନ୍ଧବିଶ୍ୱାସରୁ ଦୂରେଇ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ପରେ ବିପର୍ଯ୍ୟୟ ସଚେତନତା ଓ ପ୍ରସ୍ତୁତି ବିଷୟବସ୍ତୁକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ହୋଇଥିଲା । ଏଥିରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇ ବିପର୍ଯ୍ୟୟ ସମୟରେ ସଚେତନତା, ପ୍ରସ୍ତୁତି ଓ ସାମୂହିକ ଦାୟିତ୍ୱ ସମ୍ପର୍କରେ ନିଜ ମତାମତ ରଖିଥିଲେ । ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

'ମୁଁ କାହିଁକି ପ୍ରାର୍ଥୀ' ମଂଚରେ ଛାତ୍ରନେତାଙ୍କ ଭିଜନ୍
୮ ପଦବି ପାଇଁ ୩୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର୍



ବାଲିଗୁଡ଼ା, ୧୪/୧୦ (ଆ.ପ୍ର) : ଦୀର୍ଘ ୪୬ ବର୍ଷର ଅପେକ୍ଷାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ମହାବିଦ୍ୟାଳୟରେ ଛାତ୍ର ପ୍ରତିନିଧିତ୍ୱକୁ ନେଇ ନୂଆ ଅଧ୍ୟାୟ ରଚିବାକୁ ଯାଉଛି ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ । ଦୀର୍ଘ ବର୍ଷର ବ୍ୟବଧାନ ପରେ ପ୍ରଥମ ଥର ପାଇଁ ହେଉଥିବା ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜ ପରିସରରେ ଉତ୍ସାହ ଚରମ ସୀମାରେ ପହଂଚିଛି । ପ୍ରଚାର ପର୍ବ ଶେଷ ହୋଇଥିବା ବେଳେ ଏବେ ଭୋଟରଙ୍କ ରାୟ ଉପରେ ନଜର ରହିଛି ୩୧ ପ୍ରାର୍ଥୀଙ୍କର । କେବଳ ପଦପଦବି ହାସଲ ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ସ୍ୱରକୁ କଲେଜ ପ୍ରଶାସନ ନିକଟରେ ପହଂଚାଇବା ଏବଂ ସେମାନଙ୍କ ସମସ୍ୟାର ସମାଧାନ କରିବାର ଦାୟିତ୍ୱ କାହା ହାତକୁ ଯିବ, ତାହା ନିର୍ଦ୍ଧାରଣ କରିବ ଏହି ନିର୍ବାଚନ । ବୁଧବାର ମହାବିଦ୍ୟାଳୟର ସଭାଗୃହରେ ଆୟୋଜିତ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' କାର୍ଯ୍ୟକ୍ରମରେ ପ୍ରାର୍ଥୀମାନେ ନିଜ ନିଜର ଉଦ୍ଦେଶ୍ୟ, ଚିନ୍ତାଧାରା ଓ ଭବିଷ୍ୟତ ଯୋଜନା ଉପସ୍ଥାପନ କରିଥିଲେ । ନିର୍ବାଚନୀ ପ୍ରଚାରର ଶେଷ ପର୍ଯ୍ୟାୟରେ ଏହି ମଂଚ ପ୍ରାର୍ଥୀଙ୍କ ପାଇଁ ନିଜର ଯୋଗ୍ୟତା ଓ ଲକ୍ଷ୍ୟ ରଖିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପାଲଟିଥିଲା । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା, ଶୈକ୍ଷିକ ପରିବେଶର ଉନ୍ନତି, କ୍ରୀଡ଼ା ଓ ସହ ପାଠ୍ୟକ୍ରମ କାର୍ଯ୍ୟ କଳାପକୁ ଅଧିକ ସକ୍ରିୟ କରିବା ସହ ମହାବିଦ୍ୟାଳୟର ବିକାଶରେ ଛାତ୍ର ପ୍ରତିନିଧିଙ୍କ ଭୂମିକାକୁ ନେଇ ପ୍ରାର୍ଥୀମାନେ ନିଜ ନିଜର ମତ ରଖିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଉପଜିଲ୍ଲାପାଳ ପ୍ରଣୀତା ଦାସ, ମାଜିଷ୍ଟ୍ରେଟ୍ ତଥା ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ନିର୍ବାଚନ ଅଧିକାରୀ ଅଧ୍ୟାପକ ଡେକେଶ୍ୱର ନାୟକ, ସହନିର୍ବାଚନ ଅଧିକାରୀ ଅଧ୍ୟାପକ ସରୋଜ ପାଠୀ ଓ ଅଧ୍ୟାପକ ହିମାଂଶୁ ଶେଖର ସାହୁଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ମହାବିଦ୍ୟାଳୟରେ ମୋଟ ୮ଟି ବିଭିନ୍ନ ପଦବି ପାଇଁ ୩୧ ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ଅଛନ୍ତି । ପ୍ରକାଶିତ ପ୍ରାର୍ଥୀ ତାଲିକା ଅନୁଯାୟୀ, ସଭାପତି ପଦ ପାଇଁ ୭ ଜଣ, ଉପସଭାପତି ପଦ ପାଇଁ ୪ ଜଣ, ସାଧାରଣ ସମ୍ପାଦକ ପଦ ପାଇଁ ୪ ଜଣ, ସହସମ୍ପାଦକ ପଦ ପାଇଁ ୩ ଜଣ, ଡିଏସଏ ସମ୍ପାଦକ ପଦ ପାଇଁ ୩ ଜଣ, ଡିଏସଏ ସହସମ୍ପାଦକ ପଦ ପାଇଁ ୩ ଜଣ, କ୍ରୀଡ଼ା ସମ୍ପାଦକ ପଦ ପାଇଁ ୪ ଜଣ ଏବଂ କ୍ରୀଡ଼ା ସହସମ୍ପାଦକ ପଦ ପାଇଁ ୩ ଜଣ ପ୍ରାର୍ଥୀ ରହିଛନ୍ତି । ପ୍ରାର୍ଥୀଙ୍କ ସଂଖ୍ୟା ଓ ବିଭିନ୍ନ ପଦବି ପାଇଁ ପ୍ରତିଦ୍ୱନ୍ଦ୍ୱିତା ନିର୍ବାଚନକୁ ରୋଚକ କରିଛି । ଦୀର୍ଘ ବର୍ଷ ପରେ ନିର୍ବାଚନ ହେଉଥିବାରୁ ଏହା କେବଳ ଏକ ପଦବି ହାସଲର ପ୍ରତିଯୋଗିତା ନୁହେଁ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ଓ ପ୍ରତିନିଧିତ୍ୱର ଭାବନାକୁ ମଜଭୁତ କରିବାର ଏକ ସୁଯୋଗ ଭାବେ ଦେଖାଯାଉଛି । ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ, ଗୁରୁବାର ୧୫ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ ହେବ । ଏହାପରେ ଅପରାହ୍ନ ୫ଟାରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ । ଶୁକ୍ରବାର ୧୬ ତାରିଖରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନେ ଶପଥ ଗ୍ରହଣ କରିବେ । ନିର୍ବାଚନ ପ୍ରକ୍ରିୟାକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ରଖିବା ପାଇଁ କଲେଜ କର୍ତ୍ତୃପକ୍ଷ ପ୍ରସ୍ତୁତି କରିଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଲିଙ୍ଗଡୋ କମିଶନଙ୍କ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ପ୍ରଶାସନ ଓ ଛାତ୍ର ସଂଗଠନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଏବେ ସମସ୍ତଙ୍କ ନଜର ମତଦାନ ଉପରେ । ୪୬ ବର୍ଷର ଦୀର୍ଘ ବ୍ୟବଧାନ ପରେ ହେଉଥିବା ଏହି ନିର୍ବାଚନରେ ଛାତ୍ରଛାତ୍ରୀ କେଉଁମାନଙ୍କୁ ନିଜର ପ୍ରତିନିଧି ଭାବେ ବାଛୁଛନ୍ତି, ତାହା ଫଳାଫଳରୁ ସ୍ପଷ୍ଟ ହେବ । ବିଜୟୀ ପ୍ରାର୍ଥୀଙ୍କ ପାଇଁ ଏହା ଉତ୍ସବର ମୁହୂର୍ତ୍ତ ହେବା ସହ ଛାତ୍ରଛାତ୍ରୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାର ଏକ ନୂଆ ଦାୟିତ୍ୱ ମଧ୍ୟ ହେବ ।

ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ଛାୟା ବିଧାନସଭା

ରଣିଆ, ୧୪/୧୦ (ଆ.ପ୍ର) : ରଣିଆରେ ଥିବା ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ପିଏମଶ୍ରୀ ଉତ୍ସବ ପାଳନ ଅବସରରେ ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାର ବାଳା ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ବିନୋଦିନୀ ପଣ୍ଡା, ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା କିଭଳି ଅଗ୍ରଗତି ହେବ ସେଥିପାଇଁ ସରକାରଙ୍କର ଏଭଳି ପ୍ରଚେଷ୍ଟା ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ବିଧାନସଭା ଅଧିବେଶନ କିଭଳି ଭାବରେ ଆୟୋଜନ ହେଉଛି ବିଧାୟକ, ମନ୍ତ୍ରୀ ମାନେ କେଉଁ ଭଳି ଭାବେ ପବିତ୍ର ଗୃହରେ ନିଜର ନିର୍ବାଚନ ମଣ୍ଡଳୀର ଦାବି ଉପସ୍ଥାପନ କରୁଛନ୍ତି ତଥା ବିରୋଧୀ ଏବଂ ଶାସକ ଦଳର ବିଧାୟକ ମାନଙ୍କୁ ବାଚସ୍ପତି କିଭଳି ଭାବେ ନିୟନ୍ତ୍ରଣ କରୁଛନ୍ତି ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଛାତ୍ର ଛାତ୍ରୀମାନେ ନିଜକୁ ରାଜ୍ୟପାଳ, ବାଚସ୍ପତି, ମୁଖ୍ୟମନ୍ତ୍ରୀ, ବିରୋଧ ଦଳ ନେତା, ମନ୍ତ୍ରୀ, ସଚିବ ଭାବେ ସୁସଜ୍ଜିତ କରି ଛାୟା ବିଧାନସଭାରେ ଉପସ୍ଥିତ ଥିଲେ । ଛୋଟ ଛୋଟ ପିଲାମାନେ ଅତି ସୁନ୍ଦର ଭାବରେ ନିଜର କଥାକୁ ଅତିଥିମାନଙ୍କ ପାଖରେ ଉପସ୍ଥାପନ କରୁଥିଲେ । ବିଦ୍ୟାଳୟ ପରିସରକୁ ଏକ ମିନି ବିଧାନସଭା ଭାବେ ସାଜସଜ୍ଜା କରାଯାଇଥିଲା । ଏଥିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବଂଟନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ମଣ୍ଡଳ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ସଂଯୋଜନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

ଆରମ୍ଭ

SEITHO ARAMBHA

ପାଳିତ ହେଲା ପାର୍ବତୀ ଗିରିଙ୍କ ଶତବାର୍ଷିକୀ ସହ ଦିଲ୍ଲୀ ଉତ୍କଳ ଅସ୍ମିତା ଫାଉଣ୍ଡେସନର ଦଶମ ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୪/୧୦ (ଆ.ପ୍ର) :: ଓଡ଼ିଆ ଅସ୍ମିତାର ସୁରକ୍ଷା, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ସହ ମହାନ ବ୍ୟକ୍ତିତ୍ୱଙ୍କ ଅବଦାନକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଂଚାଇବାର ଆହ୍ୱାନ ସହ ଦିଲ୍ଲୀ ଉତ୍କଳ ଅସ୍ମିତା ଫାଉଣ୍ଡେସନର ଦଶମ ବାର୍ଷିକ ଉତ୍ସବ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଦୁଇଟି ଅଧିବେଶନରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଅଧିବେଶନରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମଶତବାର୍ଷିକୀ ପାଳନ କରାଯାଇଥିଲା । ଏହି ଅବସରରେ ଛଅ ଜଣ ବିଶିଷ୍ଟ କବି ଓ ସାହିତ୍ୟିକ ପାର୍ବତୀ ଗିରିଙ୍କ ତ୍ୟାଗ, ସେବା ଓ ଦେଶପ୍ରେମ ଉପରେ ଆଲୋକପାତ କରିଥିଲେ । ବକ୍ତାମାନେ କହିଥିଲେ ଯେ ପାର୍ବତୀ ଗିରି କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ସେ ଥିଲେ ମାନବସେବାର ଏକ ଉଜ୍ଜ୍ୱଳ ପ୍ରତୀକ । ପଶ୍ଚିମ ଓଡ଼ିଶାର ଅନାଥ ଶିଶୁମାନଙ୍କ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ । ଜୀବନର ଶେଷ ପର୍ଯ୍ୟନ୍ତ ଦେଶ ଓ ସମାଜର ସେବାରେ ନିଜକୁ ସମର୍ପିତ କରିବାର ତାଙ୍କ ଜୀବନାଦର୍ଶ ଆଜିର ପିଢ଼ି ପାଇଁ ପ୍ରେରଣାଦାୟକ ବୋଲି ସେମାନେ ମତ ଦେଇଥିଲେ । ଫାଉଣ୍ଡେସନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ ଯେ ଆଜିର ଯୁବପିଢ଼ି ପାର୍ବତୀ ଗିରିଙ୍କ ଜୀବନୀରୁ ପ୍ରେରଣା ନେବା ଉଚିତ । ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ପିଢ଼ିକୁ ଇତିହାସ ଓ ମହାନ ବ୍ୟକ୍ତିତ୍ୱଙ୍କ ଜୀବନାଦର୍ଶ ସହ ଯୋଡ଼ି ରଖାଯାଇପାରିବ । ପରିଷଦର ସଭାପତି ଡା. ଅନୀତା ପଣ୍ଡା ଏବଂ 'ଅଲିଭା ଜ୍ୟୋତି' ପୁସ୍ତକର ଆଲୋଚନା ପ୍ରସଙ୍ଗରେ ପାର୍ବତୀ ଗିରିଙ୍କ ଜୀବନ ଓ କୃତିକୁ ଅଧିକ ବ୍ୟାପକ ଭାବେ ପ୍ରଚାରପ୍ରସାର କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର ସଭାପତିତ୍ୱ କରିଥିଲେ । ନିର୍ବାଚନ କମିଶନଙ୍କ ପ୍ରାକ୍ତନ ପରାମର୍ଶଦାତା ଡ. ଭଗବାନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଓ ଓଡ଼ିଆ ଜାତିର ପରିଚୟକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଡା. ଅନୀତା ପଣ୍ଡାଙ୍କ ପରି ମହିଳା ଚିକିତ୍ସକ ଓଡ଼ିଆ ଅସ୍ମିତାର ପ୍ରସାର ଏବଂ ଜନ୍ମମାଟିର ସେବା ପାଇଁ ନିଜକୁ ନିୟୋଜିତ କରିଥିବାରୁ ସେ ତାଙ୍କର ପ୍ରଶଂସା କରିଥିଲେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ବରିଷ୍ଠ ସାମ୍ବାଦିକ ତଥା ଫାଉଣ୍ଡେସନର ଉପସଭାପତି ଗୁରୁ କଲ୍ୟାଣ ମହାପାତ୍ର ଡା. ଅନୀତା ପଣ୍ଡାଙ୍କ ବହୁମୁଖୀ ପ୍ରତିଭା ଓ ସମାଜକଲ୍ୟାଣମୂଳକ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉତ୍ସବର ଉଦ୍ଦେଶ୍ୟ ବ୍ୟାଖ୍ୟା କରି ଓଡ଼ିଶା ବାହାରେ ଓଡ଼ିଆମାନଙ୍କ ପ୍ରତିଷ୍ଠା ଓ କୃତିତ୍ୱ ବୃଦ୍ଧିର ଆବଶ୍ୟକତା ଉପରେ ମତ ରଖିଥିଲେ । ବର୍ଷୀୟାନ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓଡ଼ିଆ ଭାଷାର ସାମଗ୍ରିକ ବିକାଶକୁ ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ଅଭିହିତ କରିଥିଲେ । ମୁଖ୍ୟବକ୍ତା ଡ. ବାସନ୍ତୀ ମହାନ୍ତି ଉନ୍ମୋଚିତ ପୁସ୍ତକ ଓ ବାର୍ଷିକ ପତ୍ରିକା ଉପରେ ଯୁକ୍ତିନିଷ୍ଠ ଆଲୋଚନା କରି ଶ୍ରୋତାମାନଙ୍କ ପ୍ରଶଂସା ଲାଭ କରିଥିଲେ । ନିଜର ଲେଖକୀୟ ଅଭିଭାଷଣରେ ଡା. ଅନୀତା ପଣ୍ଡା ଓଡ଼ିଆ ପ୍ରୀତି ଓ ଅସ୍ମିତାକୁ ସୁଦୃଢ଼ କରିବାରେ ପୁସ୍ତକ ପ୍ରକାଶନର ଭୂମିକା ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ ରାଜନେତ୍ରୀ ତଥା ସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ସାହିତ୍ୟକୃତିକୁ ନେଇ 'ନନ୍ଦିନୀଙ୍କ ନୀଳ ଖାତାରୁ' ଏବଂ ପାର୍ବତୀ ଗିରିଙ୍କ ଜୀବନୀ ଉପରେ ପୁସ୍ତକ ରଚନା କରିପାରିଥିବାରୁ ସେ ଗର୍ବ ଅନୁଭବ କରୁଥିବା ପ୍ରକାଶ କରିଥିଲେ । ପିଲାଦିନରୁ ନନ୍ଦିନୀ ଶତପଥୀଙ୍କ ସାହିତ୍ୟ ପ୍ରତି ଆଗ୍ରହ ଥିବା କଥା ଉଲ୍ଲେଖ କରି ସେ କହିଥିଲେ ଯେ ଜଣେ ବ୍ୟକ୍ତିଙ୍କଠାରେ ଏକାଧିକ ପ୍ରତିଭା ଥିଲେ କୌଣସି ଗୋଟିଏକୁ ଅଣଦେଖା କରିବା ଉଚିତ ନୁହେଁ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ନୀଳାଦ୍ରି ଭୂଷଣ ହରିଚନ୍ଦନ, ନିରଞ୍ଜନ ସାହୁ, ଡା. ବି.ଏନ୍.ଆର୍ ସୁବୁଦ୍ଧି, ଲୋକନାଥ ଦାଶ ଓ ଡା. ସାଧୁଚରଣ ପଣ୍ଡାଙ୍କୁ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପରିଷଦର ସଦସ୍ୟ ଡ. ସାଧୁଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ସ୍ତମ୍ଭକାର ତଥା 'ସମଦୃଷ୍ଟି' ପାକ୍ଷିକର ସମ୍ପାଦକ ବିଘ୍ନେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ, ଐତିହ୍ୟ ଓ ଅସ୍ମିତାର ସୁରକ୍ଷା ସହ ମହାନ ବ୍ୟକ୍ତିତ୍ୱଙ୍କ ଜୀବନାଦର୍ଶକୁ ନୂଆ ପିଢ଼ି ପାଖରେ ପହଂଚାଇବାର ସଂକଳ୍ପ ପ୍ରତିଫଳିତ ହୋଇଥିଲା ।

ଭୋଗରାଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ

ଏକାଗ୍ରତା ଭାବେ କାର୍ଯ୍ୟକଲେ ଲକ୍ଷ୍ୟ ହାସଲ କରିହୁଏ

ଭୋଗରାଇ, ୧୪/୧୦ (ଆ.ପ୍ର) : ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୋଗରାଇ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ଏବିଇଓ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସୁନାଧରବସାଣ ସରପଂଚ ଦିଲ୍ଲୀପ ଦତ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କଳ୍ପନା ଭଞ୍ଜ, ସିଆରସିସି ସ୍ୱାଗତ କୁମାର ସୁର, ଜାକିର ହୁସେନ ସାହା ପ୍ରମୁଖ ଯୋଗ ଦେଇ ଏକାଗ୍ରତା ଭାବେ କାର୍ଯ୍ୟକଲେ ଲକ୍ଷ୍ୟ ହାସଲ କରିହୁଏ ବୋଲି ବକ୍ତବ୍ୟ ରଖିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା । ସିଆରସିସି ଶରତ ପରିଡ଼ା ମଂଚ ଆହ୍ୱାନ, ଅଧ୍ୟାପକ ରାଜୀବ ଲୋଚନ ପରିଡ଼ା ଅତିଥି ପରିଚୟ ପ୍ରଦାନ, ଶିକ୍ଷକ ସୀତାରାମ ମହାପାତ୍ର ବେଦପାଠ ପଢ଼ିଥିବା ବେଳେ ସିଆରସିସି ଜଗବନ୍ଧୁ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସତୀଶ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଇଓ ନିହାର ରଞ୍ଜନ ଦାସ, ସମ୍ମାନିତ ଅତିଥି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅବିନାଶ ସାହୁ, ଏବିଇଓ ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ଉତ୍ତମ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଭୋଗରାଇ ବ୍ଲକର ୨୫ ଟି କ୍ଲଷ୍ଟର ଅଧୀନରେ ୭୫୦ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ସେଥିରୁ ୨୮ ଜଣ କୃତୀ ଛାତ୍ରଛାତ୍ରୀ ସମେତ ଦଳଗତ ପ୍ରତିଯୋଗିତା ପାଇଁ ୧ ଟି ବିଦ୍ୟାଳୟକୁ ଚୟନ କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଥିଲା । ସମସ୍ତ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ସିଆରସିସି ଜ୍ୟୋତିର୍ମୟୀ ସାହୁ, ହୃଦୟରଞ୍ଜନ ଗଙ୍ଗାଇ, ସୁଧାଂଶୁ ଶେଖର ପାତ୍ର, ବ୍ରଜକିଶୋର ମହାନ୍ତି, ବିଜୟ ପଟ୍ଟନାୟକ, ସୁଦର୍ଶନ ଦାସ, ବଂଶୀଧର ମାଝୀ, ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ, ସୁବ୍ରତ କୁମାର ଦାସ, ସରୋଜ ଦାସ, ଅଧ୍ୟାପିକା ସାଧନା ନାୟକ, ଜ୍ୟୋତ୍ସ୍ନାରାଣୀ ନାୟକ, ବଳରାମ ବିଶି ସହିତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଶାସଙ୍ଗ ପଂଚାୟତରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ହେଲା ଆଇନ ସଚେତନତା ଶିବିର

ବାଲେଶ୍ୱର, ୧୪/୧୦ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡାଲସା)ର ସହଯୋଗରେ ସଦର ବ୍ଲକ ଅନ୍ତର୍ଗତ ଶାସଙ୍ଗ ଗ୍ରାମ ପଂଚାୟତର କଲ୍ୟାଣ ମଣ୍ଡପଠାରେ ଗତ ୯ ତାରିଖ ମଧ୍ୟାହ୍ନ ୧୨ଟାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଗ୍ରାମବାସୀମାନେ ଯୋଗ ଦେଇଥିଲେ । ଜିଲ୍ଲା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ବାଲେଶ୍ୱର ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁମନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ମହିଳା, ଶିଶୁ, ଦିବ୍ୟାଙ୍ଗ, ଆର୍ଥିକ ଦୁର୍ବଳ ବର୍ଗ ଏବଂ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପାଇଁ ଉପଲବ୍ଧ ନିଃଶୁଳ୍କ ଆଇନ ସହାୟତା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ । ଏଥିସହ ଯୋଗ୍ୟ ବ୍ୟକ୍ତିମାନେ ଏହି ସେବାର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଥିଲେ । ଶ୍ରୀ ଜେନା କହିଥିଲେ ଯେ, ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲ୍ ଫ୍ରି ହେଲ୍ପଲାଇନ୍ ନମ୍ବର ୧୫୧୦୦ରେ ଯୋଗାଯୋଗ କରି କିମ୍ବା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟକୁ ଯାଇ ଲୋକମାନେ ଆଇନ ସହାୟତା ପାଇପାରିବେ । ସେ ବାଲ୍ୟବିବାହ ନିଷେଧ ଆଇନ, ଶିକ୍ଷା ଅଧିକାର ଆଇନ ଏବଂ ଶିଶୁ ଶ୍ରମ ନିଷେଧ ଆଇନର ପ୍ରମୁଖ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ । ଶିଶୁ ଓ ସମାଜର ଦୁର୍ବଳ ବର୍ଗଙ୍କ ଅଧିକାର ସୁରକ୍ଷା ପାଇଁ ଆଇନ ସଚେତନତା ଅତ୍ୟନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲାର ସମସ୍ତ ଲୋକଙ୍କ ପାଇଁ ନ୍ୟାୟକୁ ସୁଗମ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜଣେ ସତର୍କ ଅଭିଭାବକ ଭଳି ନିରନ୍ତର କାର୍ଯ୍ୟ କରୁଛି । ଆବଶ୍ୟକ କରୁଥିବା ଲୋକଙ୍କୁ ଆଇନ ସହାୟତା ଯୋଗାଇଦେବା ଏବଂ ନ୍ୟାୟ ପାଇବାର ସୁଯୋଗ ସୁନିଶ୍ଚିତ କରିବା ପ୍ରାଧିକରଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶାସଙ୍ଗ ଗ୍ରାମ ପଂଚାୟତର ସରପଂଚ ପ୍ରଫୁଲ୍ଲ କୁମାର ଦ୍ୱିବେଦୀ ସହଯୋଗ କରିଥିଲେ । ଏହି ଅବସରରେ ନାଏବ ସରପଂଚ ପୁଷ୍ପଲତା ବାରିକ, ଶୁଭଶ୍ରୀ ବାରିକଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମଂଚାସୀନ ଥିଲେ । ରାଜା ମଲ୍ଲିକ ଅତିଥିମାନଙ୍କୁ ମଂଚରେ ସ୍ୱାଗତ କରିଥିବାବେଳେ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଭାସ୍କର ମଲ୍ଲିକ, ରତିକାନ୍ତ ସେଠୀ, ତରୁଣ ସେଠୀ, ମନୋରଞ୍ଜନ ମଲ୍ଲିକ, ଶଙ୍କର୍ଷଣ ଶତପଥୀ ଓ ଦୋଳଗୋବିନ୍ଦଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ । ଏହି ଶିବିର ମାଧ୍ୟମରେ ଗ୍ରାମାଂଚଳର ଲୋକଙ୍କୁ ନିଃଶୁଳ୍କ ଆଇନ ସହାୟତା, ଶିଶୁ ଅଧିକାର ଓ ବିଭିନ୍ନ ଆଇନର ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା ।

ଚୋରି ଘଟଣାର ତଦନ୍ତ ସହ ପୁଲିସ ପାଟ୍ରୋଲିଂ ବଢ଼ାଇବାକୁ ଦାବି

ସିନାପାଲି, ୧୪/୧୦ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ନିଲଜୀ ଅଂଚଳରେ ଚୋରି ଘଟଣା ବଢ଼ୁଥିବା ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି । ଘର ନିକଟରେ ଲାଗିଥିବା ପାଣି ମଟରଠାରୁ ଆରମ୍ଭ କରି ପାନୀୟଜଳ ପ୍ରକଳ୍ପର ବିଭିନ୍ନ ସାମଗ୍ରୀ ଏବଂ ବିଜୁ ଏକ୍ସପ୍ରେସ୍ ୱେରେ ଲାଗିଥିବା ଉପକରଣ ଚୋରି ହେଉଥିବା ଅଭିଯୋଗ ହୋଇଛି । ଅଂଚଳରେ ଏକ ଚୋର ଗ୍ୟାଙ୍ଗ ସକ୍ରିୟ ଥିବା ନେଇ ଲୋକେ ସନ୍ଦେହ ପ୍ରକାଶ କରିବା ସହ ଏହାର ତଦନ୍ତ କରି ଚୋରି ଘଟଣା ରୋକିବାକୁ ଦାବି କରିଛନ୍ତି । ସୂଚନା ଅନୁସାରେ, ଗତ ଛଅ ମାସ ମଧ୍ୟରେ ନିଲଜୀ ଅଂଚଳରୁ ଛଅରୁ ଅଧିକ ପାଣି ମଟର ଚୋରି ହୋଇଥିବା ଅଭିଯୋଗ ରହିଛି । ଏଥିସହ ପାନୀୟଜଳ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ ତାର, ସେଣ୍ଟିଂ ପ୍ଲେଟ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଚୋରି ହୋଇଛି ।

ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ ଅଷ୍ଟମ କବିତା ଆସର ସମ୍ପନ୍ନ



ନୀଳଗିରି, ୧୪/୧୦ (ଆ.ପ୍ର) : ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ଅଷ୍ଟମ ରାଜ୍ୟସ୍ତରୀୟ କବିତା ଆସର ଅନୁଷ୍ଠିତ ହୋଇଯାଇଛି । କାଶତଣ୍ଡୀ ଫୁଲେ ମହୀ ଦିଶଇ ଧବଳ ଶୀର୍ଷକ କବିତା ଆସରରେ ପରିବାରର ବରିଷ୍ଠ ସଦସ୍ୟ ନୟାଗଡ଼ର କବି ପ୍ରଫୁଲ୍ଲ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ବାଲେଶ୍ୱରର ବର୍ଷିୟାନ ସାଧିକା କବୟିତ୍ରୀ ସୁବାସିନୀ ଜୀ ଅତିଥି ଭାବରେ ଯୋଗଦାନକରି କାଶତଣ୍ଡୀ ଫୁଲର ମାହାତ୍ମ୍ୟ ବର୍ଣ୍ଣନା କରିବାସହ ତାଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଅନ୍ୟ କବିମାନଙ୍କ ମଧ୍ୟରେ କବୀ କନକପ୍ରଭା ଷଡ଼ଙ୍ଗୀ (ନୀଳଗିରି), କବି ପ୍ରଭାତ ରଞ୍ଜନ ଆଚାର୍ଯ୍ୟ (ବାଲେଶ୍ୱର), କବୀ ସସ୍ମିତା ନାୟକ (ବାଲେଶ୍ୱର), ପୂଜାଶ୍ରୀ ସେଠୀ (କେନ୍ଦ୍ରାପଡ଼ା), ଜୟନ୍ତ ନାୟକ (ବାଲେଶ୍ୱର), ପ୍ରବୀର କମିଳା (ବାଲେଶ୍ୱର), ହରପ୍ରିୟା ସେଠୀ (ଭଦ୍ରକ), ଉନ୍ନତି ପ୍ରଧାନ (ପୁରୀ), ଡ଼. ଅରୁଣ କୁମାର ଦାସ (ଭୁବନେଶ୍ୱର), ସସ୍ମିତେଶ ସାହୁ (ଯାଜପୁର , ପୁଷ୍ପା ସାହୁ (ବାଲେଶ୍ୱର) ପ୍ରମୁଖ ସ୍ୱ ରଚିତ କବିତା ଆବୃତ୍ତି କରିଥିଲେ । ପ୍ରାରମ୍ଭରେ କଣ୍ଠଶିଳ୍ପୀ ଭାର୍ଗବୀ ରାଉତ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ସଂଯୋଜନା ଓ ସମୀକ୍ଷା ଦାୟିତ୍ୱ ସମ୍ପାଦନ କରିଥିଲେ । ଶେଷରେ କବୀ ଡ଼. ହରପ୍ରିୟା ସେଠୀ ସମସ୍ତଙ୍କୁ ଧନ୍ୟବାଦ ପୂର୍ବକ କୃତଜ୍ଞତା ଜ୍ଞାପନ କରିଥିଲେ ।

ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ରରେ 'ଜିଆଖତ ଉତ୍ପାଦନ' ତାଲିମ କୃଷି ବିଜ୍ଞାନ କେନ୍ଦ୍ର

ବାଲେଶ୍ୱର, ୧୪/୧୦ (ଆ.ପ୍ର) : ବାଲେଶ୍ୱର ତରଫରୁ ଏସସିଏସପି ଯୋଜନାରେ 'ଜିଆଖତ ଉତ୍ପାଦନ' ଶୀର୍ଷକ ଦକ୍ଷତା ବୃଦ୍ଧି ତାଲିମ ୯ ରୁ ୧୩ ଅକ୍ଟୋବର, ୨୦୨୬ରେ ଅନୁଷ୍ଠିତ ହୋଇଥିଲା । ବସ୍ତା, ଜଳେଶ୍ୱର ଓ ବାଲିଆପାଳ ବ୍ଲକରୁ ୨୦ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ତାଲିମ ଗ୍ରହଣ କରିଥିଲେ । 'ଜିଆଖତ ଓ ଜିଆଜଳ ଉତ୍ପାଦନ, ଜିଆ କିସମ, ବିଭିନ୍ନ ପଦ୍ଧତିରେ ଜିଆଖତ ପ୍ରସ୍ତୁତି, ମାଟି ଶୋଧନ, ଜୈବିକ କୃଷି ଓ ଚାରା ପ୍ରସ୍ତୁତି ପାଇଁ ଜିଆଖତ ବ୍ୟବହାର ସମ୍ବନ୍ଧରେ ବିହନ ବିଜ୍ଞାନର କାର୍ଯ୍ୟକ୍ରମ ସହାୟକ ନିରୋଜ କୁମାର ଜେନା ତାଲିମ ଦେଇଥିଲେ । କେଭିକେର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼. ସ୍ୱାଗତିକ ସାହୁ ଜିଆଖତ ପନିପରିବା ଚାଷରେ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ । ବୈଜ୍ଞାନିକ ଡ଼. କମଳାକାନ୍ତ ବେହେରା, ଡ଼ ଅମିତାରାଣୀ ପାତ୍ର, ଡ଼ ପ୍ରଭାମଞ୍ଜରୀ ଗିରି, ଇ. ଅମିତଜ୍ୟୋତି ମାଝୀ ଜିଆଖତ ବ୍ୟବହାର କରି ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା ଓ ଉଦ୍ୟୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ । ତାଲିମ ଶେଷରେ ଚାଷୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସଫଳ ଜିଆଖତ ଚାଷୀ ମାନସ ସାମନ୍ତ ନିଜ ଅଭିଜ୍ଞତା ବାଂଟିଥିଲେ ! ଏହି କାର୍ଯ୍ୟକ୍ରମରେ ରଘୁନାଥ ସୋରେନ, ଲକ୍ଷ୍ମୀକାନ୍ତ ମୁର୍ମୁ, ପ୍ରଦୀପ୍ତ ବିଶ୍ୱାଳ ସହଯୋଗ କରିଥିଲେ ।

ଅନ୍ତାଡାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅସୁରକ୍ଷିତ ବିଲ୍ଡିଙ୍ଗ

କେତେବେଳେ ବି ଘଟିପାରେ ଅଘଟଣ, କର୍ତ୍ତୃପକ୍ଷଙ୍କ ନାହିଁ ନିଘା



ନୀଳଗିରି, ୧୪/୧୦ (ଆ.ପ୍ର) : ନୀଳଗିରି ବ୍ଲକ୍ ତେଲିପାଳ ପଂଚାୟତରେ ୨୦୧୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଅର୍ଦ୍ଧନିର୍ମିତ ବିଲ୍ଡିଙ୍ଗଟି ଏବେ ଅସୁରକ୍ଷିତ ହୋଇ ଡେମୋକ୍ଲିସଙ୍କ ଖଣ୍ଡାଭଳି ଝୁଲି ରହିଥିବା ଦେଖିବାକୁ ମିଳିଛି । କେତେବେଳେ ଯେ ଅଘଟଣ ଘଟି ଧନଜୀବନ ହାନୀ ନହେବ ତାହା କିଏ କହିପାରିବ? ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାରମ୍ବାର ସ୍ଥାନୀୟ ଲୋକପ୍ରତିନିଧି, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଉକ୍ତ ବିଲ୍ଡିଂକୁ ଲାଗି ବିଦ୍ୟାଳୟର କ୍ଲାସରୁମ୍ ଏବଂ କାର୍ଯ୍ୟାଳୟ ଥିବାରୁ କେତେବେଳେ ଅଘଟଣ ଘଟି କୋମଳମତି ଶିଶୁ ଏବଂ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅମୂଲ୍ୟ ଜୀବନ ନଯିବ କିଏ କହିପାରିବ । ତେଣୁ ବେଳହୁଁ ସାବଧାନ ନହେଲେ ଅଘଟଣ ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଉକ୍ତ ଅସୁରକ୍ଷିତ ବିଲ୍ଡିଙ୍ଗକୁ ଭାଙ୍ଗିଦେବା କିମ୍ବା ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି ।

ସାଇନ୍ସ ଆୱାରନେସ୍ ଫୋରମ୍‌ର 'ବିଜ୍ଞାନ ଉତ୍ସବ' ଓ ଆଲୋଚନାଚକ୍ର



ବାଲେଶ୍ୱର, ୧୪/୧୦ (ଆ.ପ୍ର) : ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ଉପଲକ୍ଷେ 'ସାଇନ୍ସ ଆୱାରନେସ୍ ଫୋରମ୍‌ର ବିଜ୍ଞାନ ଉତ୍ସବ ଓ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଉପସ୍ଥିତିରେ 'ପରମ୍ପରା ଓ ଆଧୁନିକତାର ସମନ୍ୱୟ ହିଁ ନବସୃଜନ' ଶୀର୍ଷକ ଏକ ଶିକ୍ଷାଭିତ୍ତିକ ଆଲୋଚନାଚକ୍ର ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମଧ୍ୟ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ଶିଶୁ ବିଜ୍ଞାନଲେଖକ ରଚନା କରିଥିବା ପୁସ୍ତକ 'ପଦାର୍ଥବିଜ୍ଞାନର ତତ୍ତ୍ୱ ଓ ତଥ୍ୟ' ପାଇଁ ଶ୍ରୀମାନ ବିନମ୍ର ଶତପଥୀଙ୍କୁ 'ଡ. କଲାମ ବିଜ୍ଞାନ ନବସୃଜନ ଆୱାର୍ଡ଼' ଫୋରମ ତରଫରୁ ପ୍ରଦାନ କରାଯାଇଅଛି । ମୁଖ୍ୟଅତିଥି ବିଜ୍ଞାନଲେଖକ ଓ ସ୍ତମ୍ଭକାର ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ ଉତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ ଅନୁସନ୍ଧାନ ଓ ଅନୁଭବ ପ୍ରଦାନ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କର ଶ୍ରଦ୍ଧା ଓ ଉତ୍ସାହ ସୃଷ୍ଟି କରିଥାଏ । ବର୍ତ୍ତମାନ ବିଜ୍ଞାନ ଯୁଗରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ଜାଣିବା ଆବଶ୍ୟକ । ଡ. ଅବଦୁଲ କଲାମଙ୍କ ଫଟୋଚିତ୍ର ନିକଟରେ ଶିଶୁ ବିଜ୍ଞାନ ଲେଖକ ବିନମ୍ର ଶତପଥୀ 'ବିଜ୍ଞାନ ପ୍ରଦୀପ' ପ୍ରଜ୍ଜ୍ୱଳନ କରିବା ପରେ ଫୋରମ୍‌ର ଚେୟାରମ୍ୟାନ୍ ପ୍ରଶାନ୍ତ ଦାସ ଫୋରମ୍ ଗଠନ ସମ୍ପର୍କରେ ମତରଖି କହିଲେ ଯେ ପୃଥିବୀ, ପରିବେଶ ଓ ମାନବ ସମାଜର ମଙ୍ଗଳ ପାଇଁ ବିଜ୍ଞାନର ସଠିକ୍ ବ୍ୟବହାର କରିବା ବିଷୟରେ ଶିକ୍ଷାଭିତ୍ତିକ ସଚେତନତା ସୃଷ୍ଟି କରିବା ଫୋରମ୍‌ର ମୂଳ ଲକ୍ଷ୍ୟ । ଫୋରମ୍‌ର ସଭାପତି ଡ. ସମର ବହ୍ନି ରାଉଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଚଳିତବର୍ଷ ଶିଶୁ ବିଜ୍ଞାନ ଲେଖକ ବିନମ୍ର ଶତପଥୀଙ୍କୁ ତାଙ୍କର ଲିଖିତ ପୁସ୍ତକ 'ପଦାର୍ଥ ବିଜ୍ଞାନର ତତ୍ତ୍ୱ ଓ ତଥ୍ୟ' ପାଇଁ ପ୍ରଥମ 'ଡ. କଲାମ ବିଜ୍ଞାନ ନବସୃଜନ ଆୱାର୍ଡ଼' ମୁଖ୍ୟଅତିଥି ପ୍ରଦାନ କରିଥିଲେ । ଆୱାର୍ଡ଼ ଗ୍ରହଣ କରି ଶ୍ରୀମାନ ଶତପଥୀ କହିଲେ ଯେ ସାନବେଳୁ ବିଜ୍ଞାନ ବହି ପଢ଼ିବାକୁ ଭଲ ଲାଗେ । ବିଶିଷ୍ଟ ଗଣିତଜ୍ଞ ରାମାନୁଜମ୍‌ଙ୍କ ପୁସ୍ତକ ମୋତେ ଏ ପଦାର୍ଥ ବିଜ୍ଞାନର ପ୍ରଥମ ପୁସ୍ତକ ଲେଖିବାକୁ ପ୍ରେରଣା ଯୋଗାଇଛି । ଫୋରମ୍‌ର ସଂପାଦକ ଶିଶୁ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ସଂପାଦକୀୟ ପାଠ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଭି-ଫାଉଣ୍ଡେସନ୍‌ର ମୁଖ୍ୟ ବିପ୍ଳବ ଦାସ ମହାପାତ୍ର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏହି ବିଜ୍ଞାନ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ, ତୋଷଳ ଶିକ୍ଷାନୁଷ୍ଠାନ, ସାଇ ଶିଶୁ ବିଦ୍ୟାମନ୍ଦିର, ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍, ଭି-ଫାଉଣ୍ଡେସନ୍‌ର ଛାତ୍ରଛାତ୍ରୀଙ୍କ ସମେତ, ଅଭିଭାବକ ଓ ଶିକ୍ଷକମାନେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଡ. ନନ୍ଦ ପି.ପି.ଟି. ମାଧ୍ୟମରେ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଶିକ୍ଷାଭିତ୍ତିକ ଅନୁଭବ ପ୍ରଦାନ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ଛାତ୍ରଛାତ୍ରୀମାନେ ଆଲୋଚନାଚକ୍ରରୁ ସାଉଁଟିଥିବା ଅନୁଭବ ବଖାଣିଥିଲେ । ଉତ୍ସବ ଶେଷରେ ଫୋରମ୍‌ର ସହସଂପାଦକ ବିଜ୍ଞାନ ଲେଖକ ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଲୋକକଳା ଓ ସାଂସ୍କୃତିକ ବିବିଧତାର ମହୋତ୍ସବ 'ଉନ୍ନୁରୁମ୍-୨୦୨୬' ଉଦ୍‌ଘାଟିତ

ନୀଳଗିରି, ୧୪/୧୦ (ଆ.ପ୍ର) : ଲୋକପରମ୍ପରା, ଆଦିବାସୀ ଐତିହ୍ୟ, ସାହିତ୍ୟ ଓ ପରିବେଷଣ କଳାର ଅପୂର୍ବ ସମାଗମ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଅନ୍ତର୍ଜାତୀୟ ସାଂସ୍କୃତିକ ଉତ୍ସବ 'ଉନ୍ନୁରୁମ୍-୨୦୨୬' ଉଦ୍‌ଘାଟିତ ହୋଇଛି । ଅକ୍ଟୋବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ଚାରିଟି ଦେଶ ଓ ଭାରତର ସାତଟି ରାଜ୍ୟର ବିଶିଷ୍ଟ କଳାକାର, ସାହିତ୍ୟିକ ଓ ସାଂସ୍କୃତିକ ପରିବେଷଣକାରୀ ଯୋଗ ଦେଉଛନ୍ତି । ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଲେଖିକା ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଡକ୍ଟର ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । କୁଳପତି ପ୍ରଫେସର ତ୍ରିପାଠୀ ନିଜ ଅଭିଭାଷଣରେ କହିଥିଲେ ଯେ, ବିଶ୍ୱବିଦ୍ୟାଳୟ କେବଳ ଶିକ୍ଷାଦାନରେ ସୀମିତ ନ ରହି ଆମର ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଓ ଯୁବପିଢ଼ିଙ୍କ ସୃଜନଶୀଳତାର ବିକାଶ ପାଇଁ ମଧ୍ୟ ଆଗେଇ ଆସିବା ଆବଶ୍ୟକ । ଚତୁର୍ଥ ସଂସ୍କରଣର ଏହି 'ଉନ୍ନୁରୁମ୍' କାର୍ଯ୍ୟକ୍ରମ, ଶିକ୍ଷାକୁ ସଂସ୍କୃତି ସହ ଯୋଡ଼ିବା ସହ ବିବିଧତା ପ୍ରତି ସମ୍ମାନ ଓ କଳାତ୍ମକ ଅଭିବ୍ୟକ୍ତିକୁ ପ୍ରୋତ୍ସାହିତ କରିବାର ଏକ ଉତ୍ତମ ପ୍ରୟାସ ବୋଲି ସେ ମତ ଦେଇଥିଲେ । ମୁଖ୍ୟ ଅତିଥି ଡ଼କ୍ଟର ଦମୟନ୍ତୀ ବେଶ୍ରା ନିଜ ଅଭିଭାଷଣରେ ଆଦିବାସୀ ଭାଷା, ମୌଖିକ ପରମ୍ପରା ଓ ପାରମ୍ପରିକ ଜ୍ଞାନର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ, ସାଂସ୍କୃତିକ ଐତିହ୍ୟ ହେଉଛି ଏକ ସମ୍ପ୍ରଦାୟର ପରିଚୟ ଓ ଗୌରବର ପ୍ରତୀକ । ଏହି ଅମୂଲ୍ୟ ପରମ୍ପରାକୁ ପରବର୍ତ୍ତୀ ପିଢ଼ି ପାଇଁ ସୁରକ୍ଷିତ ରଖିବାରେ ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ ଓ ଯୁବପିଢ଼ି ଆଗେଇ ଆସିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ । ଅନ୍ୟ ଅତିଥିମାନେ ନିଜ ଅଭିଭାଷଣରେ ସାଂସ୍କୃତିକ ଆଦାନପ୍ରଦାନ ସାମାଜିକ ସଦ୍‌ଭାବ, ପାରସ୍ପରିକ ସମ୍ମାନ ଓ କଳାତ୍ମକ ସହଯୋଗକୁ ସୁଦୃଢ଼ କରେ ବୋଲି ମତ ପ୍ରକାଶ କରିଥିଲେ । ଏଭଳି ଉତ୍ସବ ନୂତନ କଳାକାର ଓ ଗବେଷକମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ, ଅଭିଜ୍ଞତା ବିନିମୟ ଏବଂ ଆଂଚଳିକ କଳା ଓ ପରମ୍ପରାକୁ ବ୍ୟାପକ ପରିଚୟ ଦେବାର ସୁଯୋଗ ପ୍ରଦାନ କରେ ବୋଲି ସେମାନେ କହିଥିଲେ । ଲିଥୁଆନିଆ, ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ଆସାମରୁ ଆସିଥିବା ପ୍ରତିନିଧି ଓ କଳାକାରମାନଙ୍କ ଯୋଗଦାନ ଉତ୍ସବକୁ ଆନ୍ତର୍ଜାତିକ ରୂପ ଦେଇଛି । ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ରଙ୍କ ଆବାହକତ୍ୱରେ ଏହି ଉତ୍ସବ ଆୟୋଜିତ ହେଉଛି । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗରୱାଲ ଓ କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ଏହାର ପୃଷ୍ଠପୋଷକ ଅଛନ୍ତି । ଉତ୍ସବର ପ୍ରଥମ ଦିନରେ ହସ୍ତଶିଳ୍ପ ମେଳା, ପୁସ୍ତକ ମେଳା ଓ କର୍ମଶାଳା ଆୟୋଜିତ ହୋଇଥିବାବେଳେ 'ଲୋକସଙ୍ଗୀତ ଅଧ୍ୟୟନ ଓ ଏହାର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ସହ ବିଭିନ୍ନ ଅଂଚଳର କଳାକାରମାନଙ୍କ ପରିବେଷଣ କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟାର ସାଂସ୍କୃତିକ ଆସରରେ ରାଭା ନୃତ୍ୟ, ମିସିଂ ବିହୁ, ଶ୍ରୀଲଙ୍କାର ଶାସ୍ତ୍ରୀୟ ଓ ଲୋକନୃତ୍ୟ, ଅଭିନୟଭିତ୍ତିକ ମୂକାଭିନୟ ଏବଂ ଝୁମର ନୃତ୍ୟ ପରିବେଷଣ କରାଯାଉଛି । ଲୋକସଂସ୍କୃତି ଓ ଆଦିବାସୀ ପରମ୍ପରାର ସଂରକ୍ଷଣ, ସାହିତ୍ୟ ଓ କଳାର ପ୍ରସାର ଏବଂ ବିଶ୍ୱସ୍ତରୀୟ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ 'ଉନ୍ନୁରୁମ୍-୨୦୨୬' ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏକ ଉଲ୍ଲେଖନୀୟ ପ୍ରୟାସ । ଏହା ବିଭିନ୍ନ ଦେଶ ଓ ଅଂଚଳର ସଂସ୍କୃତିକୁ ଗୋଟିଏ ମଂଚରେ ଏକତ୍ର କରି ଏହି ଉତ୍ସବ ଏକତା, ବିବିଧତା ଓ ସୃଜନଶୀଳତାର ବାର୍ତ୍ତା ପ୍ରଦାନ କରୁଛି ।

ଆରମ୍ଭ
SEITHO ARAMBHA

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
– ବୁଦ୍ଧଦେବ

ସମ୍ପାଦକୀୟ...

ରାଷ୍ଟ୍ରୀୟ ସ୍ୱାର୍ଥ

ଭାରତର ଭୂମିକା କ'ଣ ହୋଇପାରେ ବର୍ତ୍ତମାନ ପରିସ୍ଥିତିରେ ? ଏପରି କହିଲେ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିହେବ । କେଉଁ କ୍ଷେତ୍ରରେ ଭାରତର ଭୂମିକା କ'ଣ ହୋଇପାରେ ଏବଂ କିପରି ହୋଇପାରେ, ଏହା ଏତେ ସାଧାରଣ ପ୍ରସଙ୍ଗ ନୁହେଁ; ଏ ଦିଗରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା-ପ୍ରତ୍ୟାଲୋଚନା ହୋଇପାରେ । ଦେଶରେ କେବଳ ଗୋଟିଏ ପ୍ରସଙ୍ଗ ନାହିଁ, ଅନେକ ପ୍ରସଙ୍ଗ ରହିଛି । ବହୁବିଧ ମୁଖ୍ୟ ପ୍ରସଙ୍ଗ ରହିଛି ଏବଂ ସବୁ ପ୍ରସଙ୍ଗର ପ୍ରାସଙ୍ଗିକତା ରହିଛି । କେଉଁଟା ଆଗେ ଏବଂ କେଉଁଟା ପଛେ, ତାହା ଭିନ୍ନ କଥା ହେଲେ ସବୁ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଛି ଏବଂ ସେଥିନେଇ କିଛି ସଫଳ କାର୍ଯ୍ୟକ୍ରମର ବି ରହିଛି ଆବଶ୍ୟକତା ଯାହା ଭାରତ ସରକାର କରୁଛନ୍ତି । ଦେଶର ଉନ୍ନତି ନେଇ, ଦେଶର ପ୍ରଗତି ନେଇ ବହୁ ଆରମ୍ଭରୁ ଦେଶରେ ଦୀର୍ଘବର୍ଷ ଧରି ଶାସନରେ ଥିବା କଂଗ୍ରେସ ସରକାର ବି ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲା । କିଛିଟାରେ ସଫଳ ହୋଇଥିଲା ଏବଂ ଆଉ କିଛିରେ ବିଫଳ ହୋଇଥିଲା । ତେବେ ନେହରୁଙ୍କ ସମୟର କଂଗ୍ରେସ ସରକାର ଅମଳରେ ଦେଶରେ ବହୁବିଧ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ଏପରିକି ଦେଶରେ ପଂଚଶୀଳ ନୀତି ଆଧାରରେ ପଂଚସୂତ୍ରୀ କାର୍ଯ୍ୟକ୍ରମ ବି ହାତକୁ ନେଇଥିଲା କଂଗ୍ରେସ ସରକାର ସେହି ଭିତ୍ତିରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲା । ହେଲେ ସେସବୁରେ ସଂସ୍କାରର ଅନେକ କମି ରହିଥିଲା ଯେଉଁଥିପାଇଁ ଦେଶରେ ପ୍ରକୃତ ପ୍ରଗତି ହୋଇପାରିନଥିଲା । ଦେଶରେ ମାଓବାଦ ହେଉ କିମ୍ବା ଦେଶର ସୀମାରେ ମୁସଲିମ୍ ସନ୍ତ୍ରାସବାଦ ହେଉ କିମ୍ବା ଆଉ କିଛି ସମସ୍ୟା କାରଣରୁ ବିଶ୍ୱରେ ସବୁବେଳେ ନିନ୍ଦିତ ହେଉଥିବା ଭାରତ କେବେ ତା'ର ଧର୍ମ ନିରପେକ୍ଷତା ନୀତି କାରଣରୁ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ଯାହା ଏବେ ବି ବଜାୟ ରହିଛି । ସେହି ଭାରତ ଏବେ ସମସ୍ୟାଘେରରେ ଛନ୍ଦି ହୋଇଯାଇଛି । ମାଓବାଦ, ସନ୍ତ୍ରାସବାଦ ଭଳି ଗମ୍ଭୀର ସମସ୍ୟା ସହ ଦେଶରେ ସମୟ ସମୟରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ଆନ୍ଦୋଳନ ଦେଶ ପାଇଁ ବହୁତ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ଯାହା ଦେଶର ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ସାଂପ୍ରତିକୀ ପରିସ୍ଥିତିରେ ଦେଶର ବିଭିନ୍ନ ସମସ୍ୟା ଏବେ ସରକାରଙ୍କ ପାଇଁ ବହୁତ ବଡ଼ ଚାଲେଞ୍ଜ ସୃଷ୍ଟି କରିଛି । ଏନ୍‌ଡିଏ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ଏବେ ଦେଶରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛି ଯାହା ମଧ୍ୟରେ ବିଭିନ୍ନ ରାଜ୍ୟରେ ମାଓବାଦ ସମସ୍ୟା ରହିଛି ଏବଂ ଦେଶର ସୀମାରେ ରହିଛି ସନ୍ତ୍ରାସବାଦ ସମସ୍ୟା । ଏହା ଏବେ ଦେଶ ପାଇଁ ବହୁତ ବଡ ସମସ୍ୟା । ଏହା ବାହାରେ ବି ରହିଛି ଆହୁରି ଅନେକ ସମସ୍ୟା ଯାହା ମଧ୍ୟରେ ରହିଛି ଚାଇନାର ଚାଲ୍‌ବାଜି । ଏହା ବାଦ୍ ଦେଶରେ ଛୋଟବଡ଼ ବିଭିନ୍ନ ପ୍ରକାର ସମସ୍ୟା ରହିଛି ଯାହା ସହିତ ପ୍ରତି ମୁହୂର୍ତ୍ତରେ ଯୁଝୁଛନ୍ତି ସରକାର । ତେବେ ଏତେସବୁ ସମସ୍ୟା ସମାଧାନ ଦିଗରେ ଭାରତର କି ଭୂମିକା ରହିଛି, ସରକାରଙ୍କ କି ଭୂମିକା ରହିଛି, ତାକୁ ନେଇ କେବଳ ଚିନ୍ତା । ଏବେ ସରକାରଙ୍କ ଏପରି ଚିନ୍ତାକୁ ଆହୁରି ଦ୍ୱିଗୁଣିତ କରିଛି ଚାଷୀ ଆନ୍ଦୋଳନ । ଭାରତରେ କରୋନା ମହାମାରୀ ଦୀର୍ଘ ଦିନରୁ ତା'ର କାୟା ବିସ୍ତାର କରି ଦେଶର ଅର୍ଥବ୍ୟବସ୍ଥାକୁ ନିମ୍ନଗାମୀ କରିଦେଇଛି । ଗୋଟିଏ ପଟେ ଚାଇନା-ପାକିସ୍ତାନ ସମସ୍ୟା, ଗୋଟିଏ ପଟେ ମାଓବାଦ-ସନ୍ତ୍ରାସବାଦ ସମସ୍ୟା, ଗୋଟିଏ ପଟେ କରୋନା ସମସ୍ୟା ଏବଂ ଆଉ ଗୋଟିଏ ପଟେ ଦେଶର କେତେକ ଅନ୍ତର୍ନିହିତ ସମସ୍ୟା, ସରକାର ବହୁ ପରିମାଣରେ ଚିନ୍ତିତ ହୋଇପଡ଼ିଛନ୍ତି । ଏକାଧିକ ସମସ୍ୟା ଏବେ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି । ଚାରିପଟୁ ସମସ୍ୟା, ଚାରି ଦିଗରୁ ସମସ୍ୟା ଏବେ ସରକାରଙ୍କ ପାଇଁ ପାଲଟିଯାଇଛି ଏକ ବହୁତ ବଡ଼ ଆହ୍ୱାନ ଯାହାର ସମ୍ମୁଖୀନ ହେବା ସରକାରଙ୍କ ପାଇଁ କୌଣସି ବଡ଼ ଚାଲେଞ୍ଜ ଠାରୁ କିଛି କମ୍ ନୁହେଁ । ସବୁ ଚାଲେଞ୍ଜକୁ ସାମ୍ନାକରି ସରକାର ଦେଶହିତରେ ଯେଉଁ ଜନକଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରୁଛନ୍ତି, ତାହା ସାଧାରଣସ୍ତରରେ କାହାପାଇଁ କେତେଦୂର ଗ୍ରହଣୀୟ ତାହା ଭିନ୍ନ କଥା ହେଲେ ସରକାର ସେସବୁ ନୀତି ପ୍ରଣୟନରେ କେବେ ବି ସାଲିସ କରିବା ଉଚିତ ନୁହେଁ କାରଣ ଦେଶର ସାମଗ୍ରିକ ହିତରେ କିଛି ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରିବା ପାଇଁ ପଡ଼ିବ । କିଛି ଲୋକଙ୍କ ସ୍ୱାର୍ଥକୁ ଦଳିଦେବାକୁ ପଡ଼ିବ ।

ଅବଦୁଲ୍ କଲାମ୍ ଓ ଓଡ଼ିଶା

॥ ଡକ୍ଟର ସୁରେଶ କୁମାର ନାୟକ ॥

କିଏ ତାଙ୍କୁ କହୁଥିଲା ଅଗ୍ନି ପୁରୁଷ, କିଏ କହୁଥିଲା ପୃଥ୍ୱୀର ପାର୍ଥ । ଆକାଶ ଥିଲା ତାଙ୍କ ହାତ ପାଆନ୍ତାରେ । ତାଙ୍କ ମସ୍ତିଷ୍କ ଥିଲା ବୈଜ୍ଞାନିକର, ମନ ଥିଲା ଦାର୍ଶନିକର, ହୃଦୟ ଏକ ଚଂଚଳ ବାଳକର । ପିଲାଦିନେ ସମୁଦ୍ର କୂଳରେ ବସି ସେ ସ୍ୱପ୍ନ ଦେଖୁଥିଲେ ଆକାଶର । କିନ୍ତୁ ତାଙ୍କ କାର୍ଯ୍ୟ ଦକ୍ଷତା ଓ କର୍ମବୀରତା ତାଙ୍କୁ ପହଂଚାଇ ପାରିଥିଲା ଅନ୍ତରୀକ୍ଷର ଅଭ୍ୟନ୍ତରରେ । ପରମାଣୁ ବୋମା ଭିତରେ ବି ସେ ଦେଖୁଥିଲେ ଶାନ୍ତି ଓ ସବୁଜିମାର ସ୍ୱପ୍ନ । ଆଜି ମହାନ ପରମାଣୁ ବିଜ୍ଞାନୀ ପୃଥିବୀ ବିଖ୍ୟାତ ଦାର୍ଶନିକ ଓ ଭାରତର ରତ୍ନ କୁହାଯାଉଥିବା ସ୍ୱର୍ଗତଃ ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମଙ୍କ ଜନ୍ମଦିନ । ଡକ୍ଟର କଲାମଙ୍କ ଓଡ଼ିଶା ସହିତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ । ତାମିଲନାଡୁରେ ସେ ଜନ୍ମ ହୋଇଥିଲେ ବି ତାଙ୍କର ଅନ୍ୟତମ କର୍ମଭୂମି ଥିଲା ଓଡ଼ିଶା । ଡିଆରଡିଓ ବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଜଣେ ଆଗ ଧାଡ଼ିର ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିବାବେଳେ ଦୁଇ ଦଶନ୍ଧି ଧରି ଏହି ଅନୁଷ୍ଠାନ ସହିତ ତାଙ୍କର ସମ୍ପର୍କ ରହିଥିଲା । ୧୯୮୯ରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍) ପ୍ରତିଷ୍ଠା ହେବା ପରଠାରୁ ଅଗ୍ନି, ନାଗ ଓ ବ୍ରହ୍ମୋସ୍ ଭଳି ସ୍ୱଦେଶୀ କ୍ଷେପଣାସ୍ତ୍ର ଗବେଷଣା ଓ ପରୀକ୍ଷଣ କାର୍ଯ୍ୟରେ ସେ ବାରମ୍ବାର ଏହି ସ୍ଥାନକୁ ଆସିଛନ୍ତି । ତେବେ ହ୍ୱିଲର ଦ୍ୱୀପରେ କ୍ଷେପଣାସ୍ତ୍ର ପରୀକ୍ଷାବେଳେ ବିରଳ ଓ ଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛଙ୍କ ଏହି ଏକ୍ସୁଭିଶାଳ ଆଇଟିଆର୍‌ର ଉଜ୍ଜ୍ୱଳ ଆଲୋକ ଯୋଗୁଁ ବିପଦରେ ପଡ଼ିଯାଉଥିବା ଏହି କଇଁଛଙ୍କ ପାଇଁ ସେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହା ପରବର୍ତ୍ତୀ ସମୟରେ ୨୦୦୭ରେ ହାଇଦ୍ରାବାଦରେ ବିଲୁପ୍ତ ପ୍ରାୟ ପ୍ରାଣୀଙ୍କ ସଂରକ୍ଷଣ ପାଇଁ ପରୀକ୍ଷାଗାରକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲାବେଳେ ସେ ନିଜ ହ୍ୱିଲର ଦ୍ୱୀପରେ ଅନୁଭୂତି ବର୍ଣ୍ଣନା କରିଥିଲେ । କଇଁଛଙ୍କ ସୁରକ୍ଷା ପାଇଁ ଆଇଟିଆର୍‌ର ଆଲୋକମାଳାକୁ ନିୟନ୍ତ୍ରିତ କରାଯିବା ସହ ଆବଶ୍ୟକବେଳେ ବନ୍ଦ ରଖାଗଲା ଓ ମାଛଧରା ଟ୍ରଲରକୁ ମଧ୍ୟ ନିଷେଧ କରାଗଲା । ସେହିପରି ସ୍ଥାନୀୟ ଅଂଚଳରେ ବ୍ୟାପକ ବନୀକରଣ ପାଇଁ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଚାନ୍ଦିପୁର ଆସିଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ କେ.ସି.ପନ୍ଥଙ୍କୁ ପ୍ରସ୍ତାବ ଦେଇ ତାହା କାର୍ଯ୍ୟକାରୀ କରାଇଥିଲେ । ସେହିପରି ଚାନ୍ଦିପୁରରେ ଏକ ପକ୍ଷୀବିହାର 'ନିସର୍ଗ' ସୃଷ୍ଟି କରିବାରେ ସେ ଥିଲେ ଅନ୍ୟତମ ବିନ୍ଧାଣୀ । ସେ ରାଷ୍ଟ୍ରପତି ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଜଣ ଏଡ୍‌ସ ଆକ୍ରାନ୍ତ ପିଲାଙ୍କ ପୋଷ୍ଟକାର୍ଡ଼ ଚିଠି ପାଇ ସେମାନଙ୍କୁ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ । ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ 'ଆଇ ଆମ୍ କଲାମ୍' ଦେଖିଲା ପରେ ସେ ଧନ୍ୟବାଦ ଜଣାଇଥିଲେ ।

୨୦୦୮ ମେ ୧୧ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ପିଲାମାନଙ୍କୁ ନିଜ ଜୀବନ ରାଷ୍ଟ୍ରପତି ସମର୍ପିତ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ସେହିପରି ୨୦୧୧ ଜାନୁଆରୀ ୫ରେ ସାଇ ଇଂଟରନ୍ୟାସନାଲ ସ୍କୁଲ, ୨୦୦୫ ନଭେମ୍ବର ୧୯ରେ ଚାନ୍ଦିପୁର ପକ୍ଷୀ ବିହାର ଉଦ୍‌ଘାଟନ, ୨୦୧୪ ନଭେମ୍ବର ୨୯ରେ ସମ୍ବଲପୁରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୫୦ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିଲେ । ୨୦୧୫ ମାର୍ଚ୍ଚ ୨ ତାରିଖରେ ରାଇଗାଙ୍ଗପୁର ଡାଲମିଆଁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀଙ୍କ ସହ ସ୍ମରଣୀୟ ମୁହୂର୍ତ୍ତ ବିତାଇଥିଲେ, ୨୦୧୨ ଜାନୁଆରୀ ୫ ତାରିଖରେ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଂଟରେ ଦୀକ୍ଷାନ୍ତ ଭାଷଣ ଦେବା ସହ ୨୦୧୨ ଜାନୁଆରୀ ୪ରେ ଭୁବନେଶ୍ୱରସ୍ଥିତ କିସ୍ ଅନୁଷ୍ଠାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିଥିଲେ । ୨୦୧୪ ଜାନୁଆରୀ ୨୫ରେ ଭୁବନେଶ୍ୱରରେ ସ୍ୱାମୀ ବିବେକାନନ୍ଦ ଜନ୍ମଶତବାର୍ଷିକୀ ମହୋତ୍ସବ, ୨୦୧୨ ଜାନୁଆରୀ ୫ ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱରରେ ସଚ୍ଚିଦ୍ରକୁମାର ହାଇସ୍କୁଲର ଉତ୍ସବରେ ଯୋଗ ଦେଇଥିଲେ । ୨୦୦୫ ଡିସେମ୍ବର ମାସରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ । ସେ ରାଷ୍ଟ୍ରପତି ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବାବେଳେ ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ସତ୍ତ୍ୱେ ସେ ଶିକ୍ଷାନୁଷ୍ଠାନ ଓ ପିଲାଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତଃ ଆଗ୍ରହ ରଖୁଥିଲେ । ରାଷ୍ଟ୍ରପତି ଦାୟିତ୍ୱ ପରବର୍ତ୍ତୀ ସମୟରେ ମଧ୍ୟ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇ କେବଳ ପିଲାମାନେ ନୁହଁନ୍ତି ଲୋକମାନଙ୍କ ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାପାଇଁ ଶ୍ରଦ୍ଧା ରଖୁଥିଲେ । ଦେଶକୁ ଦୁର୍ନୀତି ମୁକ୍ତ ଓ ଉତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କରୁଥିଲେ । ତାଙ୍କ ମତରେ ସେ ତିନିଜଣ ଥିଲେ ବାପା, ମାଆ ଓ ଶିକ୍ଷକ । ସେ ଥିଲେ ବହୁ ସ୍ୱପ୍ନର ନାୟକ । ମାଟିରୁ ମହାକାଶ ପର୍ଯ୍ୟନ୍ତ ତାଙ୍କ ସ୍ୱପ୍ନ ଥିଲା ପରିବ୍ୟାପ୍ତ । ୧୯୮୧ରେ ସେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ସେ ଭାରତ ରତ୍ନ ପାଇଥିଲେ । ୧୯୩୧, ୧୫ ଅକ୍ଟୋବରରେ ଜନ୍ମ ଗ୍ରହଣ କରିଥିବା କଲାମ୍‌ଙ୍କ ସ୍ମୃତି ଓଡିଶା ପାଇଁ ଚିରସ୍ମରଣୀୟ । ବିଶେଷକରି ବିଦ୍ୟାର୍ଥୀ ମାନଙ୍କୁ ସେ ଯେଉଁ ସ୍ମରଣୀୟ ଜୀବନର ସ୍ୱପ୍ନ ଦେଖାଇଯାଇଛନ୍ତି ତାହାକୁ ସାକାର କରିପାରିଲେ ତାଙ୍କ ଜନ୍ମତିଥି ପାଇଁ ତାହା ନିଶ୍ଚିନ୍ତ ହେବ ଏକ ମୂଲ୍ୟବାନ ସ୍ମୃତି ଅର୍ଘ୍ୟ ।

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨

ପାରିବାରିକ ପର୍ବରୁ ସାମାଜିକ ମହୋତ୍ସବ

॥ ସୌର ଚନ୍ଦ୍ର ମହାପାତ୍ର ॥

ଓଡ଼ିଶାରେ ଦଶହରାରେ ମୃଣ୍ମୟୀ ପୂଜାର ପରମ୍ପରା ଖୁବ ଲୋକପ୍ରିୟ । କିନ୍ତୁ ଏହା ସ୍ୱକୀୟ ଉତ୍କଳୀୟ ପରମ୍ପରା ନୁହେଁ । ରାଜ୍ୟର ପ୍ରାଚୀନ ସହର କଟକର ବଙ୍ଗୀୟ ଅଧିବାସୀ ଏହାର ମୂଳଦୁଆ ପକାଇଥିଲେ ବୋଲି କୁହାଯାଏ । ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ବଙ୍ଗରେ ଦୁର୍ଗାପୂଜା ଧନୀ ଜମିଦାରଙ୍କ ପାରିବାରିକ ପର୍ବ ଭାବେ ପାଳନ କରାଯାଉଥିଲା । ତେବେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ଦୁର୍ଗାପୂଜା ଏକ ଗଣପର୍ବରେ ପରିଣତ ହୋଇ ଗୋଷ୍ଠୀଭିତ୍ତିକ ଉତ୍ସବ ଭାବେ ଆଦୃତ ହୋଇଥିଲା । ୧୭୯୦ ମସିହାରେ ତତ୍କାଳୀନ ବଙ୍ଗ ପ୍ରଦେଶର ହୁଗୁଳି ଜିଲ୍ଲାରେ ପ୍ରଥମଥର ପାଇଁ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରାଯାଇଥିଲା । ଏହାକୁ ସ୍ଥାନୀୟ ଭାଷାରେ ବାରୋୟାରୀ ପୂଜା କୁହାଯାଉଥିଲା । ବାରୋୟାରୀ ଶବ୍ଦଟି ବାରୋ ବାଉଜଣ ଏବଂ ୟାରି ବନ୍ଧୁରୁ ଆସିଛି । ବାରଜଣ ବନ୍ଧୁ ଜଣେ ଜମିଦାରଙ୍କ ଦାସତ୍ୱରୁ ମୁକ୍ତ ହୋଇ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରିଥିଲେ । ସାମୂହିକ ପୂଜାର ଏହି ପରିକଳ୍ପନା ସେ ସମୟରେ ବୈପ୍ଳବିକ ଥିଲା ଏବଂ ସାର୍ବଜନୀନ ଉତ୍ସବ ପାଳନର ମୂଳଦୁଆ ପକାଇଥିଲା । ପରେ ଏହି ଧାରା ସମଗ୍ର ବଙ୍ଗଳା ଓ ବଙ୍ଗୀୟମାନଙ୍କ ଦ୍ୱାରା ବାହାର ରାଜ୍ୟକୁ ପ୍ରସାରିତ ହୋଇଥିଲା ।

ଏହାପରେ କୋଲକାତାର ଶୋଭାବଜାର ରାଜବାଡ଼ିର ଜଣେ ପ୍ରଭାବଶାଳୀ ଜମିଦାର ରାଜା ନବକୃଷ୍ଣ ଦେବ ସମ୍ଭ୍ରାନ୍ତ ପରିବାରର ପରିଧିରୁ ଊର୍ଦ୍ଧ୍ୱକୁ ଆସି ସାର୍ବଜନୀନ ଦୁର୍ଗାପୂଜାକୁ ଲୋକପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ୧୭୫୭ରେ ପଲାସି ଯୁଦ୍ଧରେ ବ୍ରିଟିସ ବିଜୟ ପରେ ନବକୃଷ୍ଣ ଦେବ ତାଙ୍କ ଦୁର୍ଗାପୂଜା ଉତ୍ସବକୁ ରବର୍ଟ କ୍ଲାଇଭଙ୍କ ସମେତ କେତେକ ବ୍ରିଟିସ ଅଧିକାରୀମାନଙ୍କୁ ନିମନ୍ତ୍ରଣ କରି ଭାରତୀୟ ପରମ୍ପରା ଓ ଉପନିବେଶକ ପ୍ରଭାବର ଏକ ମିଶ୍ରଣ ସୃଷ୍ଟି କରିଥିଲେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗଦର୍ଶନରେ ରାମକୃଷ୍ଣ ମିଶନ ମଧ୍ୟ ଦୁର୍ଗାପୂଜାକୁ ବ୍ୟାପକ ଓ ସାର୍ବଜନୀନ ରୂପ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି ଜଣାଯାଏ । ରାମକୃଷ୍ଣ ମିଶନ ମାଧ୍ୟମରେ ଦୁର୍ଗାପୂଜା ଜାତୀୟତାବାଦୀ ଚେତନା ଓ ସାଂସ୍କୃତିକ ପରିଚୟ ସହ ଯୋଡ଼ି ହୋଇ ସମାଜ ସେବା ଓ ଜନକଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲା । ସ୍ୱାମୀ ବିବେକାନନ୍ଦ ନିଜେ ୧୯୦୧ ମସିହାରେ ବେଲୁର ମଠରେ ଦୁର୍ଗାପୂଜା କରିଥିଲେ ଏବଂ ଏହି ଉତ୍ସବକୁ ଉଭୟ ଆଧ୍ୟାତ୍ମିକ ଏବଂ ପାରମ୍ପରିକ କାର୍ଯ୍ୟକ୍ରମ ଭାବେ ଅଭିହିତ କରାଇଥିଲେ ।

କଟକରେ ଦୁର୍ଗାପୂଜା ଓ ସୁନାଚାନ୍ଦି ମେଢ଼ । ପଡ଼ୋଶୀ ପଶ୍ଚିମବଙ୍ଗର ଅଧିବାସୀ ଓଡ଼ିଶାର ପୁରୁଣା ରାଜଧାନୀ କଟକରେ ଅବସ୍ଥାନ କରିବା ପରେ ଧୀରେ ଧୀରେ ସାର୍ବଜନୀନ ଦୁର୍ଗାପୂଜା ସେଠାରେ ପ୍ରସାର ଲାଭ କରିଥିଲା । ଶୁଣିବାକୁ ମିଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମାଆ ପୁତ୍ର ସନ୍ତାନ ଲାଭ ଲାଗି ମା'ଦୁର୍ଗାଙ୍କ ନିକଟରେ ମାନସିକ କରିଥିଲେ । ଏହି ମାନସିକ ସ୍ୱରୂପ ନେତାଜୀ ସୁଭାଷ ଜନ୍ମ ହେବା ପରେ ତାଙ୍କ ପରିବାରରେ ସାର୍ବଜନୀନ ଦୁର୍ଗାପୂଜା ପାଳନ କରାଯାଇଥିଲା । ଆଜି ବି କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଘରେ ସେହି ପୂଜା ମଣ୍ଡପ ରହିଛି । ତେବେ କଟକର ବାଲୁବଜାର ଅନ୍ତର୍ଗତ ବିନୋଦବିହାରୀ ଦୁର୍ଗାପୂଜା ବହୁ ପ୍ରାଚୀନ ବୋଲି କୁହାଯାଏ । ଅନ୍ୟପକ୍ଷରେ ଚୌଧୁରୀ ବଜାରରେ ଦୁର୍ଗାପୂଜା ଓ ଚାନ୍ଦିମେଢ଼ ସଂସ୍ଥାପନ ୧୯୫୬ ମସିହାରେ ହେବାର ଇତିହାସ କଟକ ଦୁର୍ଗାପୂଜାର ପ୍ରାଚୀନତା ଏବଂ ସମୃଦ୍ଧ ଇତିହାସ ବୟାନ କରେ ।

ସମୟ ସହିତ ତାଳ ଦେଇ କଟକର ଇତିହାସ ପ୍ରସିଦ୍ଧ ଦୁର୍ଗାପୂଜା ଏବେ ସମଗ୍ର ଦେଶରେ ଭିନ୍ନ ପରିଚିତି ହାସଲ କରିଛି । ଏକଦା କେବଳ ଚୌଧୁରୀ ବଜାରରେ ଚାନ୍ଦିମେଢ଼ ଥିବା ବେଳେ ବର୍ତ୍ତମାନ କଟକ ଚାନ୍ଦିମେଢ଼ର ସହର ପାଲଟିଛି । ଏତିକିରେ ଅଟକି ଯାଇନାହିଁ କଟକ । ଆଉ ଏକ ପାଦ ଆଗକୁ ଯାଇ ଇତିମଧ୍ୟରେ କଟକର ୯ଟି ପୂଜା ମଣ୍ଡପରେ ମା'ଦୁର୍ଗା ଓ ପାର୍ଶ୍ୱ ଦେବାଦେବୀଙ୍କ ଗଣେଶ, କାର୍ତ୍ତିକ, ସରସ୍ୱତୀ ଓ ଲକ୍ଷ୍ମୀ ମୁକୁଟ ସଙ୍ଗକୁ ଗହଣା ସବୁ ସୁନାରେ ଗଢ଼ା ହୋଇଛି । ସେହିପରି ଚୌଧୁରୀ ବଜାର, ଶେଖ ବଜାର ଓ ମଙ୍ଗଳାବାଗ ନିଜର ଦୁର୍ଗାମେଢ଼ ସୁନାର କରିବାକୁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ପ୍ରତି ବର୍ଷ ଦଶହରାରେ ବ୍ୟବହାର ହେଉଥିବା ସୁନା ମୁକୁଟ, ଅଳଙ୍କାର ଓ ମେଢ଼ରେ ବ୍ୟବହୃତ ସୁନାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପୂଜା କମିଟିମାନେ ନିଜସ୍ୱ ଲକରରେ ସୁରକ୍ଷିତ କରି ରଖୁଥାଆନ୍ତି । ଏଥିଲାଗି ଚବିଶ ଘଂଟିଆ ସୁରକ୍ଷାକର୍ମୀ, ସାଇରନ ଓ କ୍ୟାମେରା ଖଞ୍ଜା ଯାଇଛି । ଜନୈକ ପୂଜା କମିଟିର କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ 'ଭକ୍ତମାନେ ଏହିସବୁ ସୁନା ଦାନ କରିଛନ୍ତି । ମା'ଙ୍କ ସମ୍ପତ୍ତିର ସୁରକ୍ଷାରେ କେବେ ଆଂଚ ଆସିନି । କିଲୋ କିଲୋ ସୁନାଗହଣା ସବୁର ଉନ୍ନୟନ କରିବା ସମ୍ଭବ ନୁହେଁ । ଏଥିପାଇଁ ଆଜି ସୁନାଚାନ୍ଦି ତାରକସି ସହର କଟକର ଦୁର୍ଗାପୂଜା ଭାରତରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏଭଳି ଅଳଙ୍କାରପୂର୍ଣ୍ଣ ଦୁର୍ଗାମଣ୍ଡପ ଭାରତରେ ଅନ୍ୟାତ୍ର ଦେଖିବାକୁ ମିଳେନାହିଁ ।

ସେହିପରି ଆଧୁନିକତାକୁ ଆପଣାଉଥିବା ଦୁର୍ଗାପୂଜାର ଅନନ୍ୟ ଆକର୍ଷଣ ହେଉଛି ତୋରଣ ସାଜସଜ୍ଜା । ଆଜିକାଲି ପରିବେଶ ଅବକ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବିପଦ ସଂକ୍ରାନ୍ତ ସଚେତନତା ସୃଷ୍ଟି ଲାଗି ତୋରଣ ନିର୍ମାଣ ହେଉଛି । ଏହିସବୁ ତୋରଣରେ ଝୋଟ, ବାଉଁଶ, କନା ଭଳି ସହଜରେ ମାଟିରେ ମିଶିପାରୁଥିବା ସାମଗ୍ରୀ ବ୍ୟବହାର କରାଯାଉଛି । ଦୁର୍ଗାପୂଜା ମାଧ୍ୟମରେ ସାମାଜିକ ସମସ୍ୟା ସମାଧାନ କରିବାର ସଚେତନତା ମନ୍ତ୍ର ଦିଆଯାଇଥାଏ ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬

ଧନ, ମନ, ଶରୀରର ଇନ୍ଦ୍ରିୟ ସୁଖ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଧନ, ମନ, ଶରୀରର ଇନ୍ଦ୍ରିୟ ସୁଖ । କାହା ପାଇଁ ଦାମ୍ପତ୍ୟ ଜୀବନ ? ଏ ପ୍ରଶ୍ନ ଯୁବକ ମାନଙ୍କୁ ଯୁବତୀ ମାନଙ୍କୁ ତାଙ୍କ ମୁରବୀ ମାନଙ୍କୁ, ପୁଣି ବରପୁତ୍ର ଓସ୍ତ ପତ୍ର ଯୋଡ଼ି ଜୀବିକା କରିବା ଘଟକ ମାନଙ୍କୁ ଏବେ ଧର୍ମଜ୍ଞାନର ପ୍ରଶ୍ନ । ବିବାହ ଖେଳଘର ନୁହଁ ଏହା ବିଭାଘର, ଏହାର ଶାସ୍ତ୍ର ନିର୍ଦ୍ଦେଶ, ମୂଲ୍ୟବାନ ଅଭିଧାନିକ ଅର୍ଥ, ତତ ସହିତ ଯେ କୌଣସି ଧର୍ମୀୟ ନିର୍ଦ୍ଦେଶ ନାମାକୁ କେହି ହୁଏତ ଭଲ କରି ଏବେ ବୁଝି ନାହାନ୍ତି । ଗୋଟିଏ ବିଲୁଆ ସେ ନନା ଡାକ ପାଇଛି ତା ମୂଳରେ ଅଛି ଏକ ପାଳିତା ମାନବ କନ୍ୟା ସେ ଦାନ କରିଛି, କନ୍ୟାଦାନ ସବୁଠାରୁ ଶ୍ରେଷ୍ଠ ଦାନ ବା ମୂଲ୍ୟବାନ ଦାନ । ତନ୍ତ୍ରରେ କୁମାରୀ ପୂଜା ଗୁରୁତ୍ୱପୂର୍ଣ୍ଣ ଏହା ରଜସ୍ୱଳା ହୋଇ ନଥିବା କନ୍ୟାକୁମାରୀଙ୍କୁ ପୂଜା ବିଧାନ ରହିଛି । କେଉଁ କେଉଁ ଜାତିର କନ୍ୟା, କେତେ ବର୍ଷ ବୟସର କନ୍ୟା ପୂଜା କରାଯିବ ଏହାର ସ୍ୱତନ୍ତ୍ର ନିୟମ ଓ ମାନ୍ୟତା ଅଛି । ପୁଣି କନ୍ୟା ଦାନ ସହ ଯାନ ଆସନ ବି ଦାନ କରାଯାଏ । କନ୍ୟାର ପିତାମାତାଙ୍କ କନ୍ୟା ଜନ୍ମ ହୋଇ ସେହି ୧୧/୧୨ ପର୍ଯ୍ୟନ୍ତ ଦାମ୍ପତ୍ୟ ସୁଖ ଭୋଗ କରନ୍ତି ସିନା କନ୍ୟା ବିବାହ ପାରେ ସେ ସୁଖ ନିଜ ସନ୍ତାନ ସୃଷ୍ଟି ପାଇଁ ନୁହେଁ ନିଜ ଝିଅ ପୁଅଙ୍କ ସନ୍ତାନ ପାଇଁ ଲାଳାୟିତ ହୁଅନ୍ତି । ଝିଅର ସନ୍ତାନକୁ ମାଆର ସନ୍ତାନ ଏକ ବେଳରେ ହେବା ବଡ଼ ଲଜ୍ଜା ସଂକୋଚ ବିଷୟ । ବାପା ପୁଅ ଏପରି ବିଷୟରୁ ବି ମୁକ୍ତ ନୁହଁନ୍ତି ।

ଦେଖନ୍ତୁ ଶରଦା ଆଇନ ପରେ ଝିଅ ମାନଙ୍କ ବିବାହ ଅଠର ବର୍ଷ ପରେ ଧାର୍ଯ୍ୟ ହେବା ପରେ ଜନସଂଖ୍ୟା କେତେ ବଢ଼ି ଚାଲିଛି ଅଥଚ ତା ପୂର୍ବରୁ କଣ ଏମିତି ସଂଖ୍ୟା ଏହି ହାରରେ ବଢ଼ୁଥିଲା କି ? ହଁ କାନୁନରେ ଜନସଂଖ୍ୟା ରୋକ ଲାଗିବା ପାଇଁ କରାଯାଇଛି କିନ୍ତୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଧର୍ମୀୟ କାନୁନ ସଂସ୍କାର କରାଯାଉ ନାହିଁ, ଫଳରେ ଚୀନ ଦେଶ ଜନସଂଖ୍ୟା ଦିନେ ଏକ ନମ୍ବରରୁ ହଟି ଭାରତ ଏବେ ୧ନମ୍ବର ଏହା ଦେଶର କେତେ ଯେ ସମସ୍ୟା କରାଉଛି ତାହା ଅବର୍ଣ୍ଣନୀୟ । ହିନ୍ଦୁ ବିବାହ ନିୟମ ଉପରେ କଟକଣା ସରକାର ଲଗାଇବା, ଅନୁଚିତ ନୁହେଁ କିନ୍ତୁ କି ପ୍ରକାର ଶିକ୍ଷା ଦିଆଗଲେ ସଗର ବଂଶ, ଯଦୁ ବଂଶ ପରି ଅତି ଉନ୍ନତ ବଂଶ ପରିସ୍ଥିତି ଉପୁଜିବା ଅବସ୍ଥା ଆସିବ ନାହିଁ ଏ କଥା କେହିବି ଭାବୁ ନାହାଁନ୍ତି । ମହାଭାରତ ଯୁଦ୍ଧ ଏକ ପରିବାର ସମୟକୁ ଦ୍ୱିଧା ହୋଇ ଏକ ଅଂଶ ବଢ଼ି ବଢ଼ି ଶତକଡ଼ା ଶତ ହେବାରୁ ଯାଗା ନଅଟ । ହେଲା ଅନ୍ୟାୟ ଆରମ୍ଭ, ଅନ୍ୟକୁ ସବୁ ମୌଳିକ ଅଧିକାରରୁ ବଂଚିତକରା ଯିବାରୁ ଯୁଦ୍ଧ ଅନିବାର୍ଯ୍ୟ ହେଲା । ଶେଷରେ ଯୁବ ଶକ୍ତି ଅବକ୍ଷୟ । ରାଜଧନଖଜଣା ଖାଲିରୁ ଇତି, ଚାଷ ନାହିଁ ବୃତି ବେଉସା ବୁଡ଼ିଲା ମାଳମାଳ ବିଧବା, ଅନାଥ ଶିଶୁ, କି ପରିସ୍ଥିତି ଏହା ସମସ୍ତଙ୍କ ପଠିତ ବିଷୟ । ବିବାହ ଏକ ହିନ୍ଦୁ ପବିତ୍ର ସଂସ୍କାର କିନ୍ତୁ ଆଜି ଏହା ଆଇନ ନିୟନ୍ତ୍ରଣକୁ ଆସିଲାଣି ।

ବିବାହ ହେଲେ ଜାତିଭାଇ ବନ୍ଧୁ ବାନ୍ଧବ ପଡ଼ୋଶୀ, ପୁରୋହିତ, ଜାଣିବା ପୂର୍ବରୁ ନିକଟ ପୋଲିସ ଥାନାକୁ ଜଣାଇବାକୁ ପଡୁଛି । ଅନେକ ପ୍ରେମ ବିବାହରେ ଧର୍ମ ଜାତି ରକ୍ତ ସମ୍ପର୍କ, ଗୋତ୍ର କେହିବି ଖୋଜୁ ନାହାଁନ୍ତି । ଦତା ପହରୀ ପାପ କଣ ? ନା ବର ପିତା ନା କନ୍ୟା ପିତା ବୁଝି ନାହାନ୍ତି । ସବୁ ରାଜକାନୁନରେ ବଳୀୟାନ, ଧର୍ମବିଧି ସମ୍ପୂର୍ଣ୍ଣ ଅଣଦେଖା । ସମୟ ରୋଜଗାରୀ ଶିକ୍ଷିତ ଲୋକଙ୍କୁ କରାଉଛି, କିନ୍ତୁ ଧର୍ମ ବିଚ୍ୟୁତି କରାଉଛି । ସ୍ୱୀକାର, ସତ୍ୟପାଠ, ଅଗ୍ନୀ ସାକ୍ଷୀ, ବିପ୍ର ବାକ୍ୟର ମୂଲ୍ୟ ନାହିଁ । କନ୍ୟା ବରଙ୍କ ସ୍ୱସ୍ୱ ମତ ମେଳ ଖାଇବା କେବେ ବି ହେଉ ନାହିଁ । ସ୍ତ୍ରୀ ସହ ସ୍ୱାମୀ ଧନ ସଂଗ୍ରହ ମହାକୌଶଳକୁ ଧନାଢ଼୍ୟ ଚାକିରୀ ଉପୁରି ବର ଖୋଜା କନ୍ୟାର ପରିଜନ ପସନ୍ଦ, ଅଗ୍ରସାର । ସନ୍ତାନ ବଳ ଏକ ମହାବଳ ଏହାର ପଛେ ପିତାମାତା ପିତୃସେବା ଦେବା ସେବା ଅତିଥି ସେବା ନା ବ୍ରତ ଉପବାସର ଧାର ଧରୁନାହାନ୍ତି, ସବୁ ଲଟାରୀ ଭାଗ୍ୟ ପରୀକ୍ଷାରେ ନିମଗ୍ନ । ମଦ ଖୋଲା ବଜାରରେ ସରକାରୀ ଆଇନରେ ଉପଲବ୍ଧ ତାହା ପେଟରେ ପଡ଼ିଲେ ଚୌଦ ଭୁବନ ଦିଶେ, କେତେ ଦମ୍ପତି ଏଇ ମଦ ନିଶା ପାଇଁ ବର୍ବାଦ ଛାଡ଼ ଛାଡ଼ । ବୟସ ବଢ଼ି ବିବାହ କାର୍ଯ୍ୟ ସଂସ୍କାର ହେଉନାହିଁ, ହେଉଛି ଲୋକ ଦେଖାଣିଆ ସମ୍ପର୍କ । ଦିଲ୍ଲୀକା ଲଡୁ ଯୋଖାୟା ଓ ପସ୍ତାଏଗା ଯୋନାହିଁ ଖାୟା ଓଭି ପସ୍ତାଏଗା ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ଲୋକନାୟକ ଜୟପ୍ରକାଶ ନାରାୟଣ

॥ ଅଲେଖ ଚନ୍ଦ୍ର ସାମଲ ॥

ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ୍ ସମାଜବାଦୀ ନେତା ଲୋକନାୟକ ଜୟପ୍ରକାଶ ନାରାୟଣ । ୧୯୦୨ ଅକ୍ଟୋବର ୧୧ ତାରିଖରେ ବିହାରର ସାତାବାଦିଆର ଗାଁରେ ଜନ୍ମଗ୍ରହଣ କରିଥିଲେ ଏହି ମହାପୁରୁଷ । ହରସୁ ଦୟାଲ ଏବଂ ଫୁଲ୍ ରାଣୀ ଦେବୀଙ୍କର ଚତୁର୍ଥ ସନ୍ତାନ ଥିଲେ ଜୟପ୍ରକାଶ । ଆମେରିକାରେ ଉଚ୍ଚଶିକ୍ଷା ସାରି ଭାରତ ଫେରିଥିବା ଜୟପ୍ରକାଶ ୧୯୨୦ରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ଜବାହାରଲାଲ ନେହେରୁଙ୍କ ନେତୃତ୍ୱାଧୀନ କଂଗ୍ରେସ ଦଳର ସଂପାଦକ ପଦ ତୁଲାଇଥିଲେ । ମାର୍କ୍ସବାଦ ଓ ସମାଜବାଦର ଜଣେ ସମର୍ଥକ ଜୟପ୍ରକାଶ ପରେ କଂଗ୍ରେସରୁ ପୃଥକ ହୋଇ ନିଜର ପ୍ରଜା ସୋସିଆଲିଷ୍ଟ ପାର୍ଟି ଗଠନ କରିଥିଲେ । କିନ୍ତୁ ଅଧିକ ଦିନ ଦଳୀୟ ରାଜନୀତିରେ ସକ୍ରିୟ ରହିପାରି ନଥିଲେ । ଯୋଗ ଦେଇଥିଲେ ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ । ଦଳବିହୀନ ଗଣତନ୍ତ୍ର, କ୍ଷମତାର ବିକେନ୍ଦ୍ରୀକରଣ, ଗ୍ରାମକୁ ସ୍ୱୟଂଶାସନ କ୍ଷମତା ଏବଂ ଅଧିକ ପ୍ରତିନିଧିମୂଳକ ବିଧାନସଭା ଗଠନ ଆହ୍ୱାନ ଥିଲା ଜୟପ୍ରକାଶଙ୍କ ସଂସ୍କାର ଆନ୍ଦୋଳନର ମୂଳମନ୍ତ୍ର । ଇନ୍ଦିରା ଗାନ୍ଧୀଙ୍କ ସରକାର ବେଳେ ଜୟପ୍ରକାଶଙ୍କ ନେତୃତ୍ୱରେ ଦେଶବ୍ୟାପୀ ଦୁର୍ନୀତି ବିରୋଧରେ ବିଶାଳ ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା । ଏହାଥିଲା ଜୟପ୍ରକାଶଙ୍କ ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ । ଯାହା ଫଳରେ ଦେଶରେ ପ୍ରଥମ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ସମ୍ଭବ ହୋଇଥିଲା । ୧୯୭୯ ଅକ୍ଟୋବର ୮ ତାରିଖରେ ବିହାରର ପାଟଣା ଠାରେ ତାଙ୍କର ପରଲୋକ ଘଟିଥିଲା ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୬୧୨୩

ମହାଳୟା ଶ୍ରାଦ୍ଧ ଓ ଦେବୀ ପୂଜା

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଶାସ୍ତ୍ର ଅନୁସାରେ ପ୍ରତ୍ୟେକ ଅମାବାସ୍ୟା ପିତୃଲୋକଙ୍କ ପାଇଁ ପୁଣ୍ୟ ତିଥି ହୋଇଥାଏ । କିନ୍ତୁ ଆଶ୍ୱିନ ମାସ ଅମାବାସ୍ୟା ଦିନ ପିତୃଲୋକଙ୍କୁ ଶ୍ରାଦ୍ଧ ଦେବା ବହୁତ ଫଳଦାୟକ ହୋଇଥାଏ । ସେଥିପାଇଁ ଏହି ଅମାବାସ୍ୟାକୁ ପିତୃ ବିସର୍ଜନୀ ଅମାବାସ୍ୟା ବା ପିତୃ ଅମାବାସ୍ୟା କୁହାଯାଏ । ମହାଳୟା ଶ୍ରାଦ୍ଧ ହେଉଛି ପିତୃପକ୍ଷର ଅନ୍ତିମ ଦିନ ହୋଇଥାଏ । ଅର୍ଥାତ୍ ଆଶ୍ୱିନ ଅମାବାସ୍ୟାରେ ଏହି ଶ୍ରାଦ୍ଧ ବିଧି ତର୍ପଣ ଆଦି କରାଯାଏ । ଏହି ଦିନ ଦାନ କଲେ ଅଶେଷ ଲାଭ ମିଳିଥାଏ । ବ୍ରାହ୍ମଣ ଭୋଜନରେ ମଧ୍ୟ ବିଶେଷ ଉପକାର ମିଳିଥାଏ । ଏହି ଶ୍ରାଦ୍ଧରେ ଦାନର ମହତ୍ତ୍ୱ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଦିନ ବ୍ରାହ୍ମଣମାନଙ୍କୁ ଲୁଗାପଟା, ଭୋଜନ ଆଦି ଶ୍ରଦ୍ଧା ଅନୁସାରେ ଦାନ କରିବା, ଋଷିବଙ୍କ ଭୋଜନ କରାଇବାରେ ବହୁତ ଶୁଭଫଳ ମିଳିଥାଏ । ମହାଳୟ ପାଳନ ମଧ୍ୟ ମାତା ଦୁର୍ଗାଙ୍କ ସହ ଜଡ଼ିତ । ଯେଉଁଦିନ ମା ଦୁର୍ଗାଙ୍କ ପୂଜା କରାଯାଏ । ମା'ଦୁର୍ଗାଙ୍କୁ ଅପାର ଶକ୍ତିର ଅଧିକାରିଣୀ ଭାବେ ପୂଜା କରାଯାଏ ।

ମହାଳୟା ପାଳନ ମା' ଦୁର୍ଗାଙ୍କୁ ପୃଥିବୀ ପୃଷ୍ଠକୁ ଆମନ୍ତ୍ରଣ କରିବାପାଇଁ ପାଳନ କରାଯାଏ ଏବଂ ଜାଗୋ ତୁମ ଜାଗୋ ମନ୍ତ୍ର ଉଚ୍ଚାରଣ କରାଯାଏ । ପିତୃପକ୍ଷର ଅନ୍ତିମ ଦିବସରେ ମହାଳୟା ପାଳନ କରାଯାଏ । ଭାରତର ଓଡ଼ିଶା, କର୍ଣ୍ଣାଟକ, ତ୍ରିପୁରା ତଥା ପଶ୍ଚିମବଙ୍ଗର ଜନସାଧାରଣ ମହାଳୟା ପାଳନ ଉପରେ ଅଧିକ ଗୁରୁତ୍ୱ ଦେଉଥାନ୍ତି । ସେହିଦିନ ଠାରୁ ମହାଳୟା ପାଳନ କରାଯାଉଛି, ଯେଉଁଦିନ ପ୍ରଭୁ ଶ୍ରୀରାମ ଲଙ୍କାକୁ ଯୁଦ୍ଧ ପାଇଁ ବାହାରିବା ପୂର୍ବରୁ ଦେବୀ ଦୁର୍ଗାଙ୍କ ପୂଜା କରିଥିଲେ । ପ୍ରଭୁ ଶ୍ରୀରାମ ରାବଣ କବଳର ସୀତା ମାତାଙ୍କୁ ଉଦ୍ଧାର ପାଇଁ ଦେବୀଙ୍କ ଆଶୀର୍ବାଦ ପ୍ରାପ୍ତି ଉଦ୍ଦେଶ୍ୟରେ ପ୍ରଭୁ ଶ୍ରୀରାମ ମା'ଙ୍କୁ ପୂଜା କରିଥିଲେ । କୁହାଯାଏ ଯେ, ଯେତେବେଳେ ପ୍ରଭୁ ଶ୍ରୀରାମ ମା'ଦୁର୍ଗାଙ୍କ ପୂଜା କରୁଥିଲେ ସର୍ବ ଦେବାଦେବୀଗଣ ମଧ୍ୟ ମାତାଙ୍କୁ ପୂଜା କରୁଥିଲେ । ଏହି ଦିନ ମା'ଦୁର୍ଗା ଧରାପୃଷ୍ଠରେ ଅବତରଣ ପାଇଁ ଯାତ୍ରା ଆରମ୍ଭ କରିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ଚିଲିକା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ

ଚିଲିକା/ବାଣପୁର, ୧୪/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟବରଡ଼ିହି ଠାରେ ଆୟୋଜିତ ଚିଲିକା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପୂର୍ତ୍ତ ଆଇନ ଅବକାରୀ ବିଭାଗ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ଓ ନୂତନ ଚିନ୍ତାଧାରାର ଭୂୟସୀ ପ୍ରଶଂସା କରିଥିଲେ । 'ସୁରଭି' ଭଳି ମହୋତ୍ସବ ଶିଶୁମାନଙ୍କ ପ୍ରତିଭାର ବିକାଶ ସହ ସେମାନଙ୍କୁ ନିଜର ସ୍ୱପ୍ନ ସାକାର କରିବାର ନୂତନ ପ୍ରେରଣା ଯୋଗାଇଥାଏ । ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ବିକଶିତ ଭାରତ-୨୦୪୭'ର ସଂକଳ୍ପକୁ ସାକାର କରିବା ଦିଗରେ ଆମ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା, ସୃଜନଶୀଳତା ଓ ନବସୃଜନ ମାଧ୍ୟମରେ ସଶକ୍ତ କରିବା ଆମର ପ୍ରମୁଖ ଲକ୍ଷ୍ୟ । ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ଆଜିର ଶିଶୁମାନେ ଆସନ୍ତାକାଲିର ମାର୍ଗଦର୍ଶକ ହେବେ । ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନରେ ଆଜିର ଶିଶୁମାନେ ଆସନ୍ତାକାଲିର ଦକ୍ଷ ନେତୃତ୍ୱ, ନବସୃଜନକାରୀ ଓ ରାଷ୍ଟ୍ରନିର୍ମାତା ଭାବେ ଉଭା ହେବେ । ସେମାନଙ୍କ ସ୍ୱପ୍ନକୁ ସାକାର କରିବା, ପ୍ରତିଭାକୁ ସମ୍ମାନ ଦେବା ଏବଂ ଶିକ୍ଷା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ । ଶିକ୍ଷା ବ୍ୟବସ୍ଥାର ସୁପରିକଳ୍ପନା ତଥା ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଦିଗରେ ନିଷ୍ଠାପର ଅବଦାନ ରଖିଥିବା କ୍ଲଷ୍ଟର ସମ୍ବଳ କେନ୍ଦ୍ର ସଂଯୋଜକ (ଇଇଉଉ) ମାନଙ୍କୁ ସମ୍ମାନିତ କରିଥିଲେ । ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ CRCC ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠା, ସମର୍ପଣ ଓ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ । ଶିକ୍ଷାର ଉନ୍ନତି ଓ ଏକ ସମୃଦ୍ଧ ଭବିଷ୍ୟତ ଗଠନ ପାଇଁ ସମସ୍ତଙ୍କ ଏହି ପ୍ରୟାସ ନିଶ୍ଚିତ ଭାବେ ପ୍ରେରଣାଦାୟୀ ବୋଲି କହିଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଆୟୋଜକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ଼ଃ ବିଭୂତି ଭୂଷଣ ହରିଚନ୍ଦନ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଚିଲିକା ବ୍ଲକ ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ, ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକା ନାଥ ବେହେରା, ଚିଲିକା ବ୍ଲକ ସାଂସଦ ପ୍ରତିନିଧି ଦୀନବନ୍ଧୁ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କଲେ ଉପନିର୍ଦ୍ଦେଶିକା

ଦଶପଲ୍ଲା, ୧୪/୧୦ (ଆ.ପ୍ର) : ରାଜ୍ୟ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶିକା ସି. ବିଜୟାଲକ୍ଷ୍ମୀ ମଙ୍ଗଳବାର ଦଶପଲ୍ଲା ବ୍ଲକ୍‌ର ୪ଟି ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପରିଦର୍ଶନ କରାଯାଇଥିବା ବିଦ୍ୟାଳୟଗୁଡ଼ିକ ହେଲା ପିଏମ୍ ଶ୍ରୀ ଦଶପଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପିଏମ୍ ଶ୍ରୀ ମଧ୍ୟଖଣ୍ଡ ଉଚ୍ଚ ବିଦ୍ୟାଳୟ, ପିଏମ୍ ଶ୍ରୀ ରାଧାମୋହନ ଜୀଉ ଉଚ୍ଚ ବିଦ୍ୟାଳୟ ଏବଂ ପିଏମ୍ ଶ୍ରୀ କୁଳୁରୁକୁମ୍ପା ଉଚ୍ଚ ବିଦ୍ୟାଳୟ ।ପରିଦର୍ଶନ ସମୟରେ ଉପନିର୍ଦ୍ଦେଶିକା ବିଦ୍ୟାଳୟଗୁଡ଼ିକର ଭିତିଭୂମି ବିକାଶ, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନାଗାର, କମ୍ପ୍ୟୁଟର ଶ୍ରେଣୀଗୃହ,

ଶୌଚାଳୟ ଏବଂ ବିଦ୍ୟାଳୟ ପରିବେଶର ସ୍ଥିତି ଅନୁଧ୍ୟାନ କରିଥିଲେ । ସେହିପରି ସ୍ୱତନ୍ତ୍ର ଅନୁଦାନରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉପଯୋଗିତା ଓ ଅଗ୍ରଗତି ସମ୍ପର୍କରେ ମଧ୍ୟ ତଦାରଖ କରିଥିଲେ ।ଏହାସହ ଛାତ୍ରଛାତ୍ରୀଙ୍କ ପୋଷାକ ଓ ପରିଚ୍ଛନ୍ନତା, ଶିକ୍ଷାଦାନ ପଦ୍ଧତି ଏବଂ ବିଦ୍ୟାଳୟରେ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଉପସ୍ଥାନ ସମ୍ପର୍କରେ ସେ ପଚାରି ବୁଝିଥିଲେ । ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନର ମାନ ଓ ଭିତିଭୂମିର ସ୍ଥିତି ପରଖିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଗସ୍ତ ସମୟରେ ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗର ପ୍ଲାନିଂ କୋ-ଅର୍ଡିନେଟର ବିରଂଚି ନାରାୟଣ ବଳିଆରସିଂ ଏବଂ ଦଶପଲ୍ଲା ମଣ୍ଡଳ ଶିକ୍ଷାଧିକାରୀ ଭକ୍ତି ବିନୋଦ ସାଇ ଉପସ୍ଥିତ ଥିଲେ ।

କେନ୍ଦୁମୁଣ୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ

ସିନାପାଲି, ୧୪/୧୦ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ବୁଧବାର ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ । କ୍ଲଷ୍ଟର ସିଆରସିସି ମହେନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହକୁ ପ୍ରଧାନଶିକ୍ଷକ ମୋତିଲାଲ ବାଗ ପରିଚାଳନା କରିବା ସହ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଓ ସତ୍ୟବ୍ରତ ଗହିର ଏବଂ ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ହେରାମ୍ବ ହଂସ ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ରାଧେଶ୍ୟାମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଆରସିସି ଦୁର୍ଯ୍ୟୋଧନ ମାଝୀ, ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବାଗ, ଏସ୍‌ଏମ୍‌ସି ସଭାପତି ଧନେଶ୍ୱର ଘିଭେଲା, ପ୍ରଧାନଶିକ୍ଷକ ପୂର୍ଣ୍ଣାନନ୍ଦ ନାଏକ, ସାମ୍ବାଦିକ ଜଗନ୍ନାଥ ସାଗର, ଚିନ୍ତାମଣି ନେତାମ, ଝଙ୍କେଶ୍ୱର ବନ୍ଛୋର ଓ ଯୌବନ ଗହିର ପ୍ରମୁଖ ମଂଚାସୀନ ଥିଲେ । ଏହି ମହୋତ୍ସବରେ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ବକ୍ତୃତା, ତର୍କ, କୁଇଜ୍, ସୃଜନଶୀଳ କାର୍ଯ୍ୟକଳାପ, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତାରେ ପିଲାମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ନିଜର ଦକ୍ଷତା, ସୃଜନଶୀଳତା ଓ କଳାତ୍ମକ ପ୍ରତିଭା ପ୍ରଦର୍ଶନ କରି ସେମାନେ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ଜିଣିଥିଲେ । ଏହି ଅବସରରେ ବକ୍ତାମାନେ କହିଥିଲେ ଯେ ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ କିଛି ନା କିଛି ପ୍ରତିଭା ଲୁକ୍କାୟିତ ହୋଇ ରହିଛି । ଏହାର ବିକାଶ ପାଇଁ ଉପଯୁକ୍ତ ସୁଯୋଗ ଓ ପ୍ରୋତ୍ସାହନ ଯୋଗାଇଦେବା ଆବଶ୍ୟକ । ଏଭଳି ଶିଶୁ ମହୋତ୍ସବ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ସୃଜନଶୀଳତାର ବିକାଶ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଜେତା ଛାତ୍ରଛାତ୍ରୀଙ୍କୁ ମଂଚରେ ପୁରସ୍କୃତ କରାଯାଇଥିଲା । ଶିଶୁମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା । ଏହି ଆୟୋଜନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସହ ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ମିଳିଥିଲା ।

ମହେନ୍ଦ୍ରଗିରି ସରକାରୀ ହାଇସ୍କୁଲରେ 'କ୍ଲିନ୍ ପେପର ଇନିସିଏଟିଭ୍' ଉପରେ ଶିକ୍ଷକଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୪/୧୦ (ଆ.ପ୍ର) : ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରଗିରି (ପୌର) ସରକାରୀ ହାଇସ୍କୁଲ ପରିସରରେ 'କ୍ଲିନ୍ ପେପର ଇନିସିଏଟିଭ୍' ଉପରେ ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି । ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ପରିବେଶ ଅଧ୍ୟୟନ କେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଇକୋ କ୍ଲବ୍ ଦାୟିତ୍ୱରେ ଥିବା ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ତାଲିକଣ ସମ୍ବଳ ବ୍ୟକ୍ତି ଯୋଗଦେଇ କାଗଜର ସଦୁପଯୋଗ, ଅଯଥା କାଗଜ ନଷ୍ଟ ନକରିବା, ବ୍ୟବହୃତ କାଗଜର ପୁନଃବ୍ୟବହାର ଏବଂ ପୁରୁଣା କାଗଜରୁ ବିଭିନ୍ନ ପ୍ରକାରର ଆକର୍ଷଣୀୟ ହସ୍ତଶିଳ୍ପ ଓ ସୃଜନଶୀଳ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ଉଦାହରଣ ସହ ବୁଝାଇଥିଲେ । ଏଥିସହ ବିଦ୍ୟାଳୟ ସ୍ତରରେ ଦୈନନ୍ଦିନ ଶିକ୍ଷାଦାନ ସହିତ ଛାତ୍ରଛାତ୍ରୀଙ୍କୁ କାଗଜର ସଠିକ୍ ବ୍ୟବହାର, ପରିବେଶ ସୁରକ୍ଷା, ବର୍ଜ୍ୟବସ୍ତୁର ପୁନଃବ୍ୟବହାର ଓ ପରିବେଶ ଅନୁକୂଳ ଅଭ୍ୟାସ ବିଷୟରେ କିପରି ଶିକ୍ଷା ଦିଆଯାଇପାରିବ, ସେ ସମ୍ପର୍କରେ ସମ୍ବଳ ବ୍ୟକ୍ତିମାନେ ମାର୍ଗଦର୍ଶନ କରିଥିଲେ । ଇକୋ କ୍ଲବ୍ ମାଧ୍ୟମରେ ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ରଖିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ୱାଇ. କୃଷ୍ଣ ରାଓ ଏବଂ ଗଜପତି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଜି. ଗୋବିନ୍ଦ ରାଜୁ ଏବଂ ସମସ୍ତ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରମାନେ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସାହିତ୍ୟ ଏକାଡେମୀର ଦାୟିତ୍ୱରେ ଥିବା ବିଚିତ୍ରାନନ୍ଦ ବେବର୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । "ଏକ ସ୍ୱଚ୍ଛ ଓ ସବୁଜ ଓଡ଼ିଶା ଗଢ଼ିବା ଆମ ହାତରେ । ଆସନ୍ତୁ, ପରିବେଶର ଯତ୍ନ ନେବା , ପରସ୍ପରକୁ ସହଯୋଗ କରିବା ଏବଂ ଅନ୍ୟମାନଙ୍କୁ ପରିବେଶ ସୁରକ୍ଷା ପାଇଁ ପ୍ରେରିତ କରିବା" । ଏହି ବାର୍ତ୍ତା ସହିତ ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟରେ ଏହି ଅଭିଯାନକୁ ଆଗେଇ ନେବାକୁ ଆହ୍ୱାନ ଦିଆଯାଇଥିଲା ।

ନିଖୋଜ ବ୍ୟକ୍ତିର ଶବ ପୋଖରୀରୁ ଉଦ୍ଧାର

ବାଲିଗୁଡା, ୧୪/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବେଲଘର ଥାନା ଅନ୍ତର୍ଗତ ଇଣ୍ଡାରଙ୍ଗୀ ପଂଚାୟତରେ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ଶବ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକ ଥାନାରେ ଜଣାଇବା ପରେ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ଜଣାପଡିଛି । ମାଣ୍ଡାଗୁଡା ଗ୍ରାମର ଟିକରା ମାଝି (୩୫) ୪ ଦିନ



ପୂର୍ବେ ଘରୁ ବାହାରି ଗୋଛାଗୁଡା ଗ୍ରାମକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନଥିଲେ । ଘର ଲୋକ ଦୁଇ ତିନି ହେବ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିବା ବେଳେ କୌଣସି ସନ୍ଧାନ ପାଇନଥିଲେ । ଆଜି ସକାଳୁ ସକାଳୁ ବାରବାଣ ନିକଟରେ ଏକ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକ ଦେଖିଥିଲେ । ଏହା ପରେ ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକ ଆସି ଦେଖିବା ପରେ ଚିହ୍ନଟ କରିଥିଲେ । ଏହା ପରେ ବେଲଘର ଥାନା ପୁଲିସ ପହଂଚି ଘଟଣାସ୍ଥଳର ବିଭିନ୍ନ ଦିଗ ଦେଖିବା ପରେ ଶବକୁ ଉଦ୍ଧାର କରିଥିଲେ । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ତେବେ କିଭଳି ସେହି ପୋଖରୀ ନିକଟକୁ ଟିକରା ମାଝି ଯାଇଥିଲେ କେଉଁ ପରିସ୍ଥିତିରେ ପୋଖରୀରେ ବୁଡିଲେ ସେ ନେଇ ପରିବାର ଓ ଗ୍ରାମବାସୀ ସନ୍ଦେହ କରୁଥିବା ଅଭିଯୋଗ ହୋଇଛି ।

ବେଲଘରରେ ମାକ୍ସ ପିକପ ଦୁର୍ଘଟଣା, ୭ ଆହାତ

ବାଲିଗୁଡା, ୧୪/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ବେଲଘର ନିକଟରେ ଏକ ମାକ୍ସ ପିକପର ଟାୟାର ଫାଟିବା ଫଳରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି । ଗାଡ଼ିରେ ବସିଥିବା ୧୦ ଜଣଙ୍କ ମଧ୍ୟରୁ, ୭ ଗୁରୁତର ଆହାତ ହୋଇଥିବା ଜଣାପଡିଛି । ଆଜି ବେଲଘର ଠାରେ ସାପ୍ତାହିକ ହାଟ ଥିବାରୁ ପଡୋଶୀ ରାୟଗଡା ଜିଲ୍ଲାର ଆମ୍ବାଦଳାରୁ କିଛି ବ୍ୟବସାୟୀ ମାନେ ଏକ ମାକ୍ସ ପିକପ ରେ ନିଜ ନିଜ ଜିନିଷ ଧରି ବେଲଘର ଆସୁଥିଲେ । ବେଲଘର କୁ ପହଂଚିବାକୁ ଆଉ ୨ କିଲୋମିଟର ରହିଥିବା ବେଳେ ବୁଢୁବାରୁ ନିକଟରେ ଗାଡିର ଚକ ଫାଟିଯିବାରୁ ଗାଡିଟି ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଗାଡି ରେ ବସିଥିବା ଜଣେ ମହିଳାଙ୍କ ସମେତ ୭ ଜଣ ଆହାତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ରହିଥିବା ଜଣାପଡିଛି । ଘଟଣା ପରେ ବେଲଘରର ସ୍ଥାନୀୟ ଲୋକ ଓ ଯୁବକ ସଂଘ ସଦସ୍ୟ ମାନେ ପହଂଚି ଆହାତଙ୍କୁ ଉଦ୍ଧାର କରି ପ୍ରଥମେ ବେଲଘର ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ ଆମ୍ବାଦଳା ଓ ପରେ ଭବାନୀପାଟଣା ମେଡିକାଲ କଲେଜକୁ ନିଯାଇଥିବା ଜଣାପଡିଛି ।

ମର୍ଦ୍ଦରାଜପୁର ପଂଚାୟତରେ ଚାରା ରୋପଣ ଅନୁଦାନ ଅର୍ଥ ହଡପ ଅଭିଯୋଗ, ତଦନ୍ତ ଦାବି

ଖଣ୍ଡପଡା, ୧୪/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଂଚାୟତରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଚାରା ରୋପଣ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଉଠାଇ ପଂଚାୟତବାସୀ ଖଣ୍ଡପଡ଼ା ବ୍ଲକ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ପଂଚାୟତବାସୀଙ୍କ ଅଭିଯୋଗକ୍ରମେ ମର୍ଦ୍ଦରାଜପୁର ପଂଚାୟତ ଅଧୀନ ବିଭିନ୍ନ ଅଂଚଳରେ ୭୦୦ ଚାରାରୋପଣ ସହ ସେଗୁଡିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଲକ୍ଷ ୯୨ ହଜାର ଟଙ୍କା ମଞ୍ଜୁର ହୋଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ ଏହି ଯୋଜନାରେ ନାମକୁ ମାତ୍ର ୫୦ରୁ ୬୦ ଟି ଚାରା ବିଭିନ୍ନ ଜାଗାରେ ରୋପଣ କରାଯାଇଥିବା ବେଳେ ଉକ୍ତ ଚାରା ଗୁଡିକର ରକ୍ଷଣାବେକ୍ଷଣ ଦିଗରେ ପଂଚାୟତ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ଫଳରେ ରୋପଣ କରାଯାଇଥିବା କେତେକ ଚାରା ପାଣି ଅଭାବରୁ ମରିଯିବାର ଆଶଙ୍କା ପ୍ରକାଶ ପାଇଛି । ତେବେ ସମଗ୍ର ପଂଚାୟତରେ ସର୍ବମୋଟ ୭୦୦ ଚାରା ରୋପଣ ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଥିବା ବେଳେ ମର୍ଦ୍ଦରାଜପୁର ପଂଚାୟତ କର୍ତ୍ତୃପକ୍ଷ ହାତଗଣତି ୫୦ କିମ୍ବା ୬୦ ଟି ଚାରାରୋପଣ କରି ଏ ବାବଦ ଅନୁଦାନ ଅର୍ଥ ହଡପ କରିବାକୁ ମସୁଧା ଚଳାଇଥିବା ଅଭିଯୋଗ ହେଉଛି । ଫଳରେ ସରକାରଙ୍କ ଏହି ସୁଦୂର ପ୍ରସାରୀ ଲୋକହିତକର ଯୋଜନା ଏକରକମ ପ୍ରହସନରେ ପରିଣତ ହୋଇଥିବା ନେଇ ଅଭିଯୋଗ ହେଉଛି । ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଅଭିଯୋଗର ତଦନ୍ତ କରିବାକୁ ମର୍ଦ୍ଦରାଜପୁର ପଂଚାୟତବାସୀ ଦାବି କରିଛନ୍ତି ।

ଶ୍ରେଷ୍ଠ ମାନବିକତା ପୁରସ୍କାର-୨୦୨୬ରେ ସମ୍ମାନିତ ହେଲା 'ସ୍ୱାକ୍'

ଜି.ଉଦୟଗିରି, ୧୪/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ଅସହାୟ, ଦୁଃଖୀ, ଭିନ୍ନକ୍ଷମ ତଥା ଆର୍ଥିକ ଅନଗ୍ରସର ଲୋକଙ୍କ ପାଖରେ ଠିଆ ହୋଇ ନିଃସ୍ୱାର୍ଥପର ସମାଜସେବା କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ସୋସିଆଲ ୱାର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (ସ୍ୱାକ୍)କୁ ପ୍ରତିଶବ୍ଦ ଡିଜିଟାଲ ଚ୍ୟାନେଲ, ଭୁବନେଶ୍ୱର ତରଫରୁ ଶ୍ରେଷ୍ଠ ମାନବିକତା ପୁରସ୍କାର-୨୦୨୬ ରେ ସମ୍ମାନିତ କରାଯାଇଛି । ଗତ ୧୩ ଅକ୍ଟୋବର ସନ୍ଧ୍ୟାରେ ଓଡ଼ିଶାର ଅଗ୍ରଣୀ ପାକ୍ଷିକ ସମ୍ବାଦପତ୍ର ତଥା ଡିଜିଟାଲ୍ ଚ୍ୟାନେଲ୍ ପ୍ରତିଶବ୍ଦ ର ୧୧ତମ ବାର୍ଷିକ ଉତ୍ସବ ଅବସରରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନ, ଜୟଦେବ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କନ୍ଧମାଳ ଜିଲ୍ଲାରେ ମାନବିକତା, ସେବା, ସହଯୋଗ ଓ ଜନକଲ୍ୟାଣ କ୍ଷେତ୍ରରେ 'ସ୍ୱାକ୍'ର ନିରନ୍ତର ଅବଦାନକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡଃ ଅରବିନ୍ଦ ଢାଲି ଉପସ୍ଥିତ ଥିଲେ । ଏଥିସହ 'ପ୍ରତିଶବ୍ଦ'ର ସମ୍ପାଦକ ଜିତେନ୍ଦ୍ର କୁମାର ପତି, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଡଃ କାଳୀଚରଣ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ଏହି ଅବସରରେ 'ସ୍ୱାକ୍'ର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶିକ୍ଷକ ଗୋଲକ ଚନ୍ଦ୍ର ପଟ୍ଟନାୟକ, ସମୀର କୁମାର ପାଢ଼ୀ, ସଭାପତି ଅମନ ଚନ୍ଦ୍ର ନାୟକ, ସମ୍ପାଦକ ହୃଷୀକେଶ ପ୍ରଧାନ, ଉପସଭାନେତ୍ରୀ ସସ୍ମିତା ମଲ୍ଲିକ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ଏବଂ ସଦସ୍ୟ ମିନାକ୍ଷୀ ପ୍ରଧାନ, ମିହିରକାନ୍ତ ଦିଗାଲ ଓ ମନୋଜ କୁମାର ଦିଗାଲ ଉପସ୍ଥିତ ରହି ସଂଗଠନ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି ସମ୍ମାନ 'ସ୍ୱାକ୍' ପରିବାର ପାଇଁ କେବଳ ଗର୍ବ ଓ ଆନନ୍ଦର ମୁହୂର୍ତ୍ତ ନୁହେଁ, ବରଂ ଆଗାମୀ ଦିନରେ ଅଧିକ ନିଷ୍ଠା, ଦାୟିତ୍ୱ ଓ ସମର୍ପଣର ସହ ସମାଜସେବା କରିବା ପାଇଁ ଏକ ନୂତନ ପ୍ରେରଣା । ସଂଗଠନର ଏହି ସଫଳତା ପଛରେ ରହିଛି ଜନସାଧାରଣଙ୍କ ଅକୁଣ୍ଠ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆଶୀର୍ବାଦ ଓ ସହଯୋଗ ।ଏହି ସମ୍ମାନ କେବଳ ଆମର ନୁହେଁ, ଏହା ଆମକୁ ଭଲପାଉଥିବା ବିଶ୍ୱାସ ରଖୁଥିବା ଜନସାଧାରଣଙ୍କର, ପ୍ରତ୍ୟେକ ଶୁଭେଚ୍ଛୁ ଓ ସହଯୋଗୀଙ୍କର ।ସେବା ହିଁ ଆମର ସଂକଳ୍ପ, ମାନବିକତା ହିଁ ଆମର ପରିଚୟ । ଏହି ମୂଳମନ୍ତ୍ରକୁ ଆଧାର କରି 'ସ୍ୱାକ୍' ପରିବାର ଆଗାମୀ ଦିନରେ ମଧ୍ୟ କନ୍ଧମାଳର ଅସହାୟ ଓ ଅବହେଳିତ ଲୋକଙ୍କ ମୁହଁରେ ହସ ଫୁଟାଇବା ସହ ସମାଜରେ ସହଯୋଗ ଓ ମାନବିକତାର ବାର୍ତ୍ତା ପହଂଚାଇବାକୁ ପ୍ରତିବଦ୍ଧ ।

ଅୟର ପଂଚାୟତରେ ବିଜେପିର ସାଙ୍ଗଠନିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଜଗତସିଂହପୁର, ୧୪/୧୦ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଅୟର ପଂଚାୟତରେ ବିଜେପି ର ସାଙ୍ଗଠନିକ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପଳାଶୋଳ ୟୁଥ ହେଲପିଙ୍ଗ ହ୍ୟାଣ୍ଡ ଚାରିଟେବୁଲ ସଭାଗୃହରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ତଥା ସମାଜସେବୀ ଅକ୍ଷୟ କୁମାର ମହାନ୍ତି (କାଳିଆ ସାର)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅୟର ପଂଚାୟତର ରମେଶ ଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ଗୌତମ ମଲ୍ଲ, ଲକ୍ଷ୍ମୀନାରାୟଣ ଓଝା ପ୍ରମୁଖ ଉପସ୍ଥିତ ରହି ଉକ୍ତ ସାଙ୍ଗଠନିକ ବୈଠକ ଆସନ୍ତା ୨୭ ତାରିଖ ମଙ୍ଗଳବାର ଅୟର ପଂଚାୟତ ରେ ହେବା ପାଇଁ ନିଷ୍ପତି ନିଆଯାଇଥିବାର ପ୍ରକାଶ କରିଥିଲେ । ତେଣୁ ଏହି କାର୍ଯ୍ୟକ୍ରମକୁ ସରସ, ସୁନ୍ଦର ସହ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଏହି ବୈଠକରେ ଅୟର ପଂଚାୟତର ୧୨ଟି ୱାର୍ଡର ୪୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ ।

କଲେଜ କ୍ୟାମ୍ପସରେ ଆଜି 'ମୁଁ କାହିଁକି ପ୍ରାର୍ଥୀ ହୋଇଛି ?' ଏଭିବିପି ପାଇଁ ନେତା ମୁଣ୍ଡରେ ଟେନସନ କଲେ ଗୋଟି ଚାଳନା

ବାଲିଗୁଡ଼ା, ୧୪/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ସଦର ମହକୁମାକୁ ଛାଡି ଦେଲେ ପ୍ରଥମ ଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ସମେତ ବ୍ରାହ୍ମଣି ଗାଁ, ରାଇକିଆ ଓ ଜି. ଉଦୟଗିରିରେ ରହିଥିବା ମହାବିଦ୍ୟାଳୟ ଗୁଡିକରେ ମଧ୍ୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉଠୁଛି ପଡୁଛି । ଘର ଘର ବୁଲି ପ୍ରଚାର, ପିଲାଙ୍କ ମନ ଜିଣିବାକୁ କସରତ ପରେ ଏବେ ଏହି କାର୍ଯ୍ୟକ୍ରମ ପ୍ରାର୍ଥୀଙ୍କ ପାଇଁ ଶେଷ ସୁଯୋଗ ଥିବା ବେଳେ ଆଜି କଲେଜ କ୍ୟାମ୍ପସରେ ଆଜି 'ମୁଁ କାହିଁକି ପ୍ରାର୍ଥୀ ହୋଇଛି ?' କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାର୍ଥୀ କଲେଜ ଉନ୍ନୟନ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କ ସମ୍ମୁଖରେ ମତ ରଖିଥିଲେ । ଏହା ସହ କ୍ୟାମ୍ପସ ଓ କ୍ୟାମ୍ପସ ବାହାରେ ଛାତ୍ରଛାତ୍ରୀଙ୍କୁ ମନେଇବା ପାଇଁ ଚିକେନ ବିରିୟାନି, ଚିକେନ ପଲଉ, ଆଇସ୍କ୍ରିମ, ଗୁପ ଚୁପ ଓ ଚାଟ ଆଦି ଖାଦ୍ୟସାମଗ୍ରୀ ବାଂଟି ନିଜ ସମର୍ଥନ ଯୋଗାଡ କରାଯାଉଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳ ରେ ପୁଲିସ ପହଂଚି ଗଣ୍ଡଗୋଳ ପରିସ୍ଥିତିକୁ ଆୟତ୍ତ କରିଥିଲା । ନୂତନ ସରକାର ଆସିଥିବାରୁ ଛାତ୍ର ସଂସଦ ନିର୍ବାଚନ ପ୍ରଥମ ହୋଇଥିବାରୁ ବିଜେପ ନେତା ମାନେ ଏଭିବିପି ପ୍ରାର୍ଥୀ କିଭଳି ବିଜୟୀ ହେବେ ସେନେଇ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି । ସାଂସଦଙ୍କ ଲୋକସଭା ପ୍ରତିନିଧି ଦୁର୍ଗା ମାଧବ ଆଚାର୍ଯ୍ୟ ଓ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଏକାଠି ହୋଇ ଛାତ୍ର ନେତା ମାନଙ୍କୁ ଧରି ବୈଠକ କରୁଥିବା ଦେଖିବାକୁ ମିଳିଥିଲା । ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଅସୁସ୍ଥ ଥିବାରୁ ଆସିନଥିଲେ ମଧ୍ୟ ସେ କହିଛନ୍ତି ମହାବିଦ୍ୟାଳୟ ରେ ଭଲ ଛାତ୍ର ନେତା ବିଜୟୀ ହେଲେ ମହାବିଦ୍ୟାଳୟର ଉନ୍ନତି ହେବ ସହ ଶାନ୍ତି ଶୃଙ୍ଖଳା ବଜାୟ ରହିବ, ସରକାରଙ୍କ ନିକଟରେ ସମସ୍ୟା ପହଂଚି ପାରିବ । ଏଣୁ ସବୁ ଛାତ୍ରଛାତ୍ରୀଙ୍କୁ ଶାନ୍ତି ଶୃଙ୍ଖଳା ରାଖି ନିର୍ବାଚନ କରିବା ପାଇଁ ଅନୁରୋଧ କରିଛନ୍ତି । ଜିଲ୍ଲାରେ ସମସ୍ତ ପ୍ରାର୍ଥୀ ଶାନ୍ତି ଶୃଙ୍ଖଳାର ସହିତ ଲଢୁଥିବାରୁ ଧନ୍ୟବାଦ ଦେଇଛନ୍ତି । ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟରେ ୮ ଟି ପଦବୀ ପାଇଁ ୩୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କିନ୍ତୁ ଏଭିବିପି ଓ ସ୍ୱାଧୀନ ପ୍ରାର୍ଥୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଦେଖିବାକୁ ମିଳିଛି । ଆସନ୍ତା କାଲି ଭୋଟଗ୍ରହଣ କରାଯିବା ବିଜୟୀ ଛାତ୍ର ପ୍ରତିନିଧିମାନେ ଅକ୍ଟୋବର ୧୬ରେ ଶପଥ ଗ୍ରହଣ କରିବେ ବୋଲି କୁହାଯାଇଛି । ଚଳିତ ବର୍ଷ ନିର୍ବାଚନରେ ଲିଙ୍ଗଡୋ କମିଶନଙ୍କ ସମସ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଉଭୟ ପ୍ରଶାସନ ଓ ଛାତ୍ର ସଂଗଠନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ଅଧିକାରୀ ଭାବରେ ଅଧ୍ୟାପକ ତେଜେଶ୍ୱର ନାୟକ ରହିଥିବା ବେଳେ ସହ ନିର୍ବାଚନ ଅଧିକାରୀ ଭାବରେ ଅଧ୍ୟାପକ ସରୋଜ ପାଠୀ ଓ ଅଧ୍ୟାପକ ହିମାଂଶୁ ଶେଖର ସାହୁ ରହିଥିବା କହିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିଭୂତି ଭୂଷଣ ଆଚାର୍ଯ୍ୟ ।

କୋରାପୁଟରେ ପଂଚାୟତ ଓ ପୌର ନିର୍ବାଚନ ପାଇଁ ସଜବାଜ

କୋରାପୁଟ, ୧୪/୧୦ (ଆ.ପ୍ର) : ଓଜେସି ସଭାପତି ଡ଼ଂ ମହମ୍ମଦ ମୋକିମଙ୍କ କୋରାପୁଟ ଗସ୍ତକୁ ନେଇ କୋରାପୁଟ ରାଜନୀତିରେ ଉଷ୍ମତା ବଢ଼ି ଯାଇଛି । ମୋକିମଙ୍କ ନୂଆ ଆଂଚଳିକ ଦଳ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଆଜି କୋରାପୁଟ ସହରରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଅଛି । ଏହାକୁ ନେଇ କୋରାପୁଟରେ ରାଜନୈତିକ ଆଲୋଚନା ବଢ଼ି ଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଓଜେସିର ଶତାଧିକ କର୍ମକର୍ତାମାନେ ସ୍ଥାନୀୟ ସର୍କିଟ ହାଉସଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଶୋଭାଯାତ୍ରା ସ୍ଥାନୀୟ ଟାଉନହଲରେ ପହଁଚିବା ପରେ ସେଠାରେ ଏକ କର୍ମକର୍ତା ସମ୍ମିଳନୀ ଆୟୋଜିତ ହୋଇଥିଲା । ଜିଲ୍ଲା ସଭାପତି ମନୋଜ କୁମାର ବାଘଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଓଜେସି ସଭାପତି ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ ମୁଁ ପିଲାବେଳେ କୋରାପୁଟରେ ରହି ପାଠ ପଢୁଥିଲି । ସେବେ ଆଉ ଏବେ ସମୟର କୋରାପୁଟକୁ ଦେଖିଲେ ଲାଗୁଛି କୋରାପୁଟର କିଛି ଉନ୍ନତି ହୋଇପାରିନାହିଁ । ଖଣିଜ ସମ୍ପଦରେ ପରିପୂର୍ଣ୍ଣ କୋରାପୁଟର ପ୍ରାକୃତିକ ସମ୍ପଦ ଲୁଟ ହେଉଛି କିନ୍ତୁ ଏ ସମ୍ପଦର ପ୍ରକୃତ ମାଲିକ କୋରାପୁଟବାସୀ ଅବହେଳିତ । ରାସ୍ତାଘାଟ, ଘରଦ୍ୱାର, ପିଇବା ପାଣି, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସବୁ କ୍ଷେତ୍ରରେ କୋରାପୁଟ ପଛରେ । ଏଥିପାଇଁ ସ୍ଥାନୀୟ ନେତୃତ୍ୱଙ୍କ ଇଚ୍ଛାଶକ୍ତିରେ ଅଭାବ ହିଁ ଦାୟୀ ବୋଲି ସେ କହିଥିଲେ । କୋରାପୁଟର ବିକାଶ କରିବାରେ ସମସ୍ତେ ବିଫଳ ହୋଇଛନ୍ତି । ଓଜେସି ଏଠାରେ ସାଧାରଣ ଲୋକଙ୍କ ସ୍ୱର ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଆଜିର ଏହି ସଭାରେ ରାଜକୁମାର କୁଲଦୀପ, ହିରଣ କୁମାର ମାଝି, ସୁରେନ୍ଦ୍ର ବେହେରା, କେ. ଏଲ ବୈରାଗୀ ଓଜେସିର କୋରାପୁଟ ଜିଲ୍ଲା ପ୍ରଭାରୀ ଦିଲ୍ଲୀପ ରାଉତ, ଓଡ଼ିଶା କୃଷକ ଜନତା କଂଗ୍ରେସର ଅଧ୍ୟକ୍ଷ ସଂଗ୍ରାମ କିଶୋର ମାଝୀ, ଓଜେସି ସାଧାରଣ ସମ୍ପାଦକ ସଂଜୟ ରାୟ, ସୁଜିତ ସ୍ୱାଇଁ, ଓଡ଼ିଶା ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୋରାପୁଟର ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସ୍ଥାନୀୟ କଂଗ୍ରେସ ନେତା ପ୍ରଦୀପ କୁମାର ଖୋସଲା, ରାଜକୁମାର କୁଲଦୀପ, ସୁରେନ୍ଦ୍ର କୁମାର ବେହେରା, ହିରଣ କୁମାର ମାଝି, ଲକ୍ଷ୍ମୀ ମହାରଣା, କେ. ଏଲ ବୈରାଗୀ, ଅନିତା ନାୟକ, ଗୀତାଞ୍ଜଳି ମାଝି, ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତା କଂଗ୍ରେସ ଦଳ ପରିତ୍ୟାଗ କରି ଓଜେସି ଦଳରେ ଆଜି ସାମିଲ ହୋଇଛନ୍ତି । ସେମାନଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ମହମ୍ମଦ ମୋକିମ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ତେବେ ମହମ୍ମଦ ମୋକିମ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନରେ ଓଜେସି ପ୍ରାର୍ଥୀ ମୈଦାନକୁ ଓହ୍ଲାଇବେ । ଆଜିର ସଭାପରେ ଓଜେସି ରାଜ୍ୟ ସଭାପତି ନିଜେ ଅନ୍ୟ ଏକ ପୃଥକ ବୈଠକରେ ପ୍ରାୟ ଏକ ଶହ ଛାମୁଆ କର୍ମକର୍ତାଙ୍କ ସହ ଆଲୋଚନା କରି ପଂଚାୟତ ଓ ପୌର ନିର୍ବାଚନକୁ ନେଇ କୋରାପୁଟରେ ଦଳୀୟ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ ।

ସ୍ୱର୍ଗତ ଲକ୍ଷ୍ମୀଧର ଭୋଳଙ୍କ କୋଡ଼ିଏ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଚିଲିକା ବାଣପୁର, ୧୪/୧୦ (ଆ.ପ୍ର) : ଖୋରଧା ଜିଲ୍ଲା ବାଣପୁର ଶହୀଦ ସ୍ମୃତି ବାସ ଭବନରେ ବାଣପୁର ମାଟିର ଅନନ୍ୟ ରାଜନେତା, ଶିକ୍ଷାବିତ୍, ସାହିତ୍ୟିକ, ସମାଜସେବୀ ତଥା ବାଣପୁର ଗ୍ରାମୀଣ ମହିଳା ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଲକ୍ଷ୍ମୀଧର ଭୋଳଙ୍କ କୋଡ଼ିଏ ତମ ଶ୍ରାଦ୍ଧ ବାର୍ଷିକୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଖଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ବକ୍ତା ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୁରୀ ଲୋକସଭା ସାଂସଦ ବ୍ରଜକିଶୋର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ଲକ୍ଷ୍ମୀଧର ଭୋଳ ସ୍ମୃତି କମିଟି ଉପଦେଷ୍ଟା କବି ବାଳମୁକୁନ୍ଦ ଦାସ, ଜ୍ୟୋଷ୍ଠ ପୁତ୍ର ଲଳିତେନ୍ଦୁ କେଶରୀ ଭୋଳ ଯୋଗଦାନ କରି ସ୍ୱର୍ଗତ ଭୋଳଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିବାବେଳେ ନାଟ୍ୟ ଗୌରବ ମହେଶ୍ୱର ଜେନାଙ୍କ ସଂଗୀତ ନିର୍ଦ୍ଦେଶନାରେ ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱର୍ଗତ ଭୋଳଙ୍କ ରଚିତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା । ଅଧ୍ୟକ୍ଷ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ବିଶ୍ୱଜିତ୍ ମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ସାମ୍ବାଦିକ ଅନନ୍ତ ଚରଣ ବଣିକ୍, ଆଇନଜୀବୀ ଅଶୋକ କୁମାର ପାଇକରାୟ, ପଲ୍ଲୀ କୁଜିଆ କବି ଦିଗମ୍ବର ବିଶ୍ୱାଳ, ପରିଡ଼ା ପାଠାଗାର ତଥା ସାହିତ୍ୟ ସିନ୍ଦୂରା ସଭାପତି ଗୋଲକ ବିହାରୀ ପରିଡ଼ା, କବି ରବୀନ୍ଦ୍ରନାଥ ମାନସିଂହ, ରବିନ୍ଦ୍ର କୁମାର ମାର୍ଥା, ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବୃନ୍ଦ, ଛାତ୍ରୀବୃନ୍ଦଙ୍କ ସମେତ ବହୁ ଶୁଭେଚ୍ଛୁ, କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମହାବିଦ୍ୟାଳୟ କମ୍ପ୍ୟୁଟର ଶିକ୍ଷକ ଶିବଶଙ୍କର ପଣ୍ଡା ।

ଗାନ୍ଧୀଜୀଙ୍କ ପଦାଙ୍କରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଶ ସ୍ୱଚ୍ଛତା ଶୋଭାଯାତ୍ରା

ପୁରୀ, ୧୪/୧୦ (ଆ.ପ୍ର) : ବୁଧବାର ଭିଆଇପି ରୋଡ ସ୍ଥିତ ବ୍ଲେସେଡ ସାକ୍ରାମେଂଟ ହାଇସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଶ ସ୍ୱଚ୍ଛତା ଆଭିମୁଖ୍ୟ ପୂର୍ବକ ଏକ ବିଶେଷ ଶୋଭାଯାତ୍ରା ଗାନ୍ଧୀଜୀଙ୍କ ପଦାଙ୍କରେ ଅନୁଷ୍ଠିତ ହୋଇଯାଇଛି । ବୁଧବାର ସକାଳ ୭ ଘଟିକା ସମୟରେ ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଶୋଭାଯାତ୍ରାରେ ବିଦ୍ୟାଳୟରୁ ବାହାରି ଭିଆଇପି ରୋଡ ଠାରେ ଏକ ମାନବ ଶୃଙ୍ଖଳ ପ୍ରଦର୍ଶନ କରିଥିଲେ । ଏହି ସମୟରେ ପରିବେଶ ସ୍ୱଚ୍ଛତା ରକ୍ଷା ଓ ଆବଶ୍ୟକତାକୁ ପାଥେୟ କରି ବିଭିନ୍ନ ପୋଷ୍ଟର ବ୍ୟାନର ୧ ଘଂଟା ଧରି ପ୍ରଦର୍ଶନ କରି ସ୍ୱଚ୍ଛତାର ବାର୍ତା ବାଂଟିଥିଲେ । ଏହା ପରେ ଏହି ସଚେତନତା ଯାତ୍ରା ରମାବଲ୍ଲଭ ରୋଡ, ଏସିସ କଲେଜ ରାସ୍ତା ଦେଇ ତାଳ୍ପ ଖୁଂଟିଆ ଛକ ସେଠାରୁ ଜିଲ୍ଲା ସ୍କୁଲ ଛକ ହୋଇ ବିଦ୍ୟାଳୟକୁ ଫେରିଥିଲେ । ଏହି ସଚେତନତା ଶୋଭାଯାତ୍ରାକୁ ବିଦ୍ୟାଳୟର ପ୍ରିନ୍ସିପାଲ ସିଷ୍ଟର ବିନ୍ଦୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ଯାତ୍ରାକୁ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ମହାନ୍ତି, ଅଜୟ ଭଟ୍ଟାଚାର୍ଯ୍ୟ, ଦେବାଶିଷ ମିଶ୍ର, ସଞ୍ଜୟ କୁମାର ନାୟକ, ସୁଶୀଳ କୁମାର ସେଠୀ ଓ ଶିକ୍ଷୟତ୍ରୀ ଜ୍ୟୋତି ମିଶ୍ର, ପୁଷ୍ପିତା ସାହୁ ଓ ମୋନାଲିସା କାନୁନଗୋ ସହ ଅନ୍ୟ କର୍ମଚାରୀ ମାନେ ପରିଚାଳନା କରିଥିଲେ । ଏହି ଶୋଭାଯାତ୍ରାକୁ ଅଭିଭାବକ ମାନେ ସହଯୋଗ କରିବା ସହିତ ଏହି ଅଭିଯାନକୁ ପ୍ରଶଂସା କରିଥିଲେ ।

ଆଦିବାସୀ ଅଂଚଳର ଶିଶୁ ପ୍ରତିଭାକୁ ମିଳିଲା ମଂଚ, ରାମନାଗୁଡ଼ାରେ 'ସୁରଭି' ମହୋତ୍ସବ

ଗୁଣପୁର, ୧୪/୧୦ (ଆ.ପ୍ର) : ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସୃଜନଶୀଳତାକୁ ଉତ୍ସାହିତ କରିବା ଲକ୍ଷ୍ୟରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକର ବିଭିନ୍ନ ସମୂହ ସାଧନ କେନ୍ଦ୍ରରେ ଅକ୍ଟୋବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ ହୋଇଛି । ଏଥିରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ରଚନା, ବକ୍ତୃତା ଓ ଏକାଙ୍କିକା ନାଟକ ମାଧ୍ୟମରେ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି । ବ୍ଲକର ମୋଟ ୧୧ଟି ସମୂହ ସାଧନ କେନ୍ଦ୍ର ମଧ୍ୟରୁ ୧୦ଟି କେନ୍ଦ୍ରରେ ପୃଥକ୍ ଭାବେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା । ପ୍ରତ୍ୟେକ କେନ୍ଦ୍ରରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିବା ଜଣାପଡ଼ିଛି । ମହୋତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନ ରଞ୍ଜନ ବଡ଼ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାମୋଦର ହିମିରିକା ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ କେନ୍ଦ୍ରର ସଂଯୋଜକ, ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତିମାନେ ଯୋଗଦେଇଥିଲେ । ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା । ପାରମ୍ପରିକ ଆଦିବାସୀ ଢେମସା ନୃତ୍ୟ ସହ ଆଧୁନିକ ନୃତ୍ୟ, ସମ୍ବଲପୁରୀ ଗୀତ ଓ ଓଡ଼ିଆ ଆଧୁନିକ ସଙ୍ଗୀତ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ବିଶେଷକରି ନିଳାମଗୁଡ଼ା ସମୂହ ସାଧନ କେନ୍ଦ୍ରର ଛାତ୍ରୀମାନଙ୍କ ଢେମସା ନୃତ୍ୟ ବେଶ୍ ପ୍ରଶଂସା ସାଉଟିଥିଲା । ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତାରେ 'ମୋ ସ୍ୱପ୍ନର ଓଡ଼ିଶା' ଓ 'ପରିବେଶ ସୁରକ୍ଷା' ଭଳି ବିଷୟ ସ୍ଥାନ ପାଇଥିଲା । ବନ୍ଧୁଗୁଡ଼ା ଓ ହାତୁଗୁଡ଼ା ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ ଚିତ୍ର ଅଙ୍କନ କରି ଉପସ୍ଥିତ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷରେ, ଶୁଣ୍ଡିବାମୁଣୀ, ପାରିଖିତି ଓ ଗୁଲୁଣ୍ଡି ବିଦ୍ୟାଳୟର ଛାତ୍ରଛାତ୍ରୀ ବକ୍ତୃତା ଓ ଏକାଙ୍କିକା ନାଟକ ମାଧ୍ୟମରେ ବାଲ୍ୟବିବାହ ନିରୋଧ ଓ ନିଶାମୁକ୍ତ ସମାଜ ଗଠନ ଭଳି ସାମାଜିକ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପଦକ, ପ୍ରମାଣପତ୍ର ଓ ପୁସ୍ତକ ପ୍ରଦାନ କରାଯାଇଥିଲା । ସେମାନେ ଆଗାମୀ ବ୍ଲକସ୍ତରୀୟ ମହୋତ୍ସବରେ ଭାଗ ନେବେ । ସେଠାରେ ସଫଳତା ହାସଲ କଲେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହେବାର ସୁଯୋଗ ପାଇବେ । ବ୍ଲକର ଅବଶିଷ୍ଟ ଗେରିସେହିଁ ଗୁଲୁମୁଣ୍ଡା ସମୂହ ସାଧନ କେନ୍ଦ୍ରରେ ଅକ୍ଟୋବର ୧୬ ତାରିଖରେ ପାରଜା ବିଦ୍ୟାଳୟ ପରିସରରେ ମହୋତ୍ସବ ଆୟୋଜନ ହେବ । ସେହିପରି ଅକ୍ଟୋବର ୩୦ ତାରିଖରେ ରାମନାଗୁଡ଼ାସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ 'ସୁରଭି-୨୦୨୬' ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । 'ସୁରଭି'ର ଅର୍ଥ ସୁଗନ୍ଧ । ଏହି ମହୋତ୍ସବ ମାଧ୍ୟମରେ ଆଦିବାସୀ ଅଂଚଳର ପିଲାମାନଙ୍କ ପ୍ରତିଭାକୁ ଉପଯୁକ୍ତ ମଂଚ ମିଳିବା ସହ ସେମାନଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ସାଂସ୍କୃତିକ ଚେତନାର ବିକାଶ ହୋଇପାରିବ ବୋଲି ଶିକ୍ଷା ବିଭାଗ ଆଶା ପ୍ରକାଶ କରିଛି । ନିଳାମଗୁଡ଼ା କେନ୍ଦ୍ରରେ ଆୟୋଜିତ ମହୋତ୍ସବରେ ଶତାଧିକ ଅଭିଭାବକ ଓ ଶିକ୍ଷକ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

କାନ୍ତିପୁରରେ ପଢୁଆ ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ ୨୦୨୬ ଅନୁଷ୍ଠିତ

ବାସୁଦେବପୁର, ୧୪/୧୦ (ଆ.ପ୍ର) : ପିଲାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାର ବିକାଶ ସହ ଶିକ୍ଷା, ସଂସ୍କୃତି ଓ ସୃଜନଶୀଳତାକୁ ମିଳିଲା ନୂଆ ପରିଚୟ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଓ ପ୍ରତିଯୋଗିତାର ମାହୋଲ । ଏକାଠି ହେଲେ ୧୧ଟି ବିଦ୍ୟାଳୟର ୨୨୩ ଜଣ ଛାତ୍ରଛାତ୍ରୀ । ଆଉ ଏହି ଅବସର ଥିଲା ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' । କାନ୍ତିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ଏହି ଶିଶୁ ମହୋତ୍ସବ । ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣ, ସୃଜନଶୀଳତାର ବିକାଶ ଏବଂ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାର ଲକ୍ଷ୍ୟ ନେଇ କାନ୍ତିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ହୋଇଥିଲା ପଢୁଆ ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' । ଏହି ମହୋତ୍ସବରେ 'ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା'ର ବାର୍ତାକୁ ଗୁରୁତ୍ୱ ଦିଆଯାଇଥିଲା । ୧୧ଟି ବିଦ୍ୟାଳୟରୁ ୨୨୭ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ପାଠପଢ଼ା ସହ ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଭରିବା ଥିଲା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ କୁମାର ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ଗାୟତ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୁମାରପୁର ସମିତି ସଭ୍ୟ ସୁଶାନ୍ତ କୁମାର ନାୟକ, ଆଂଚଳିକ ସାଧନା କେନ୍ଦ୍ରର ସଂଯୋଜକ ସୁକାନ୍ତ କୁମାର ମଳିକ ଏବଂ କାନ୍ତିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅତିଥିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସମରେନ୍ଦ୍ର ରାଉତ, ସୁନାରାମ କର, ଆଶିଷ କୁମାର ରାଉତ, ଅନୁଶୟା ମହାପାତ୍ର, ମିନତୀ ମଳିକ, ଶ୍ରୀକାନ୍ତ ସାହୁ, ସୁଦର୍ଶନ ପାତ୍ର ଓ ରଞ୍ଜିତାମୟୀ ମାଝୀଙ୍କ ସମେତ ପରିଚାଳନା କମିଟିର ସଭାପତି ଅଜୟ କୁମାର ମହାଳିକ ଏବଂ ବିଜୟ ଚନ୍ଦ୍ର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ପିଲାଙ୍କ ପ୍ରତିଭାର ବିକାଶ, ମାତୃଭାଷା ପ୍ରତି ଆଗ୍ରହ ଏବଂ ଶିକ୍ଷା କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବାରେ 'ସୁରଭୀ-୨୦୨୬' ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପାଲଟିଛି । ଏଭଳି କାର୍ଯ୍ୟକ୍ରମ ଶିଶୁଙ୍କ ଭବିଷ୍ୟତ ଗଠନରେ ନୂଆ ପ୍ରେରଣା ଯୋଗାଇବ ବୋଲି ଆଶା ।

ଖଣ୍ଡାଧାର କପ୍ ୨୦୨୬ରେ ଟିଂଗା ବ୍ରଦର୍ସ ଚାମ୍ପିଅନ

ବଣାଇଁ, ୧୪/୧୦ (ଆ.ପ୍ର) : ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅନ୍ତର୍ଗତ ଖୁଂଟଗାଁ କାଇମରା ଫୁଟବଲ ଖେଳ ପଡ଼ିଆଠାରେ ଖୁଂଟଗାଁ ଏସଏନଜି ସୋସିଂ କ୍ଲବ ପକ୍ଷରୁ ୩ ଦିନ ଧରି ଚାଲିଥିବା ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୧୬ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ । ଏହାର ଫାଇନାଲ ଖେଳରେ କେବିଏଫସି ରୋଇପାଲି ଦଳକୁ ୨/୦ ଗୋଲରେ ହରାଇ ଟିଂଗା ବ୍ରଦର୍ସ ଦଳ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏସଡିସି ଚେୟାରମ୍ୟାନ ସନ୍ତୋଷ କୁମାର ଅମାତ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବିଜେଡ଼ି ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲାପରିଷଦ ସଭ୍ୟା ଶୁଶିଳା ନାୟକ, ଲହୁଣୀପଡ଼ା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଖୁଂଟଗାଁ ସରପଂଚ ସୁମିତ୍ରା ଚାଉଡ଼ିଆ, ଲହୁଣୀପଡା ସରପଂଚ ନେଲସନ ହେମ୍ବ୍ରମ, ମହୁଲପଦା ସରପଂଚ ସୌଭାଗ୍ୟ ନାଏକ ଯୋଗ ଦେଇଥିଲେ ।

ଭୋଦର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି-୨୦୨୬' ଅନୁଷ୍ଠିତ

ନିମାପଡା, ୧୪/୧୦ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଭୋଦର ପଂଚାୟତ ଭୋଦର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ରଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଆରସିସି ମଧୁସୂଦନ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ବିନୟ କୁମାର ମିଶ୍ର, ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଆଚାର୍ଯ୍ୟ, ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ସ୍ୱାଇଁ ଏବଂ ବିଦ୍ୟାଳୟ ପରିଚାଳନା କମିଟି (ଏସଏମସି) ସଭାପତି ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଗ୍ରାମାଂଚଳରେ ଥିବା ଲୁକ୍କାୟିତ ପ୍ରତିଭା ଓ କଳାକୁ ଲୋକଲୋଚନକୁ ଆଣିବା ସହ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ 'ସୁରଭି' ସରକାରଙ୍କ ଏକ ଅନନ୍ୟ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ତଥା ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ କୃପାସିନ୍ଧୁ ସାହୁ, ଜୈନୁଲ ଖାଁ, ସୂର୍ଯ୍ୟନାରାୟଣ ମିଶ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

କୋମନା ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ସମୀକ୍ଷା କଲେ ଜିଲ୍ଲାପାଳ

ନୂଆପଡ଼ା, ୧୪/୧୦ (ଆ.ପ୍ର) : ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅନନ୍ୟା ଦାସ ଆଜି କୋମନା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଗୁଣବତା ଅନୁଧ୍ୟାନ କରିଥିଲେ । ଗସ୍ତ ଅବସରରେ ଜିଲ୍ଲାପାଳ ଭିବି-ଜି ରାମ୍-ଜି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଏବଂ ବିକଶିତ ଗାଁ, ବିକଶିତ ଓଡ଼ିଶା ସମେତ ବିଭିନ୍ନ ଯୋଜନାରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିଥିଲେ । ପରେ ତିଖାଳି ଡ୍ୟାମର ଜଳକ୍ରୀଡ଼ା ସ୍ଥଳ ପରିଦର୍ଶନ କରି ପ୍ରସ୍ତାବିତ ମଡେଲ ଟାଙ୍କି ଓ ପାର୍କ ନିର୍ମାଣ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିବା ସହ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜିଲ୍ଲାପାଳ କୋମନାସ୍ଥିତ ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ । ପାଠ୍ୟକ୍ରମ ଅନୁଯାୟୀ ନିୟମିତ ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । କୋମନା ବଜାରଠାରେ ନିର୍ମିତ ସେଲ୍ଫି ପଏଂଟର ଉଦ୍‌ଘାଟନ କରିବା ସହ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରିଥିଲେ । କୋମନା ବଜାରସ୍ଥିତ କସ୍ତୁରବା ଗାନ୍ଧୀ ପ୍ରାଥମିକ ବିଦ୍ୟାଳୟ ଓ ଛାତ୍ରାବାସ ପରିଦର୍ଶନ କରି ଜିଲ୍ଲାପାଳ ଛାତ୍ରୀ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏଥିସହ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଓ ବିଦ୍ୟାଳୟ ପରିସରର ଉନ୍ନତିକରଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ସେହିପରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଜିଲ୍ଲାପାଳ ଡାକ୍ତର ଓ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ । ବହିର୍ବିଭାଗରେ ରୋଗୀଙ୍କୁ ମିଳୁଥିବା ସ୍ୱାସ୍ଥ୍ୟସେବାର ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ । ପରେ କୋମନା ପଂଚାୟତ ସମିତି ଯୁକ୍ତଦୁଇ ମହାବିଦ୍ୟାଳୟ ପରିଦର୍ଶନ କରି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସହ ଆଲୋଚନା କରିବା ସହ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଜିଲ୍ଲାରେ ଚାଲିଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ତଦାରଖ କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଗୁଣବତା ଏବଂ ଜନସାଧାରଣଙ୍କୁ ମିଳୁଥିବା ସୁବିଧାର ସ୍ଥିତି ଆକଳନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଗସ୍ତ ସମୟରେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମାର, ବ୍ଲକ ଉନ୍ନୟନ ଅଧିକାରୀ ପବିତ୍ର କୁମାର ସାମଲ, ତହସିଲଦାର ସୌରଭ କୁମାର ବିଶିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

୭୦ତମ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦଯାପିତ

ପାତ୍ରପୁର, ୧୪/୧୦ (ଆ.ପ୍ର) : ଗଞ୍ଜାମ ଜିଲ୍ଲାର ୭୦ତମ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ପାତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତିଆପଲ୍ଲୀ ସ୍ଥିତ ମହନ୍ତଶ୍ରୀ ପରାଙ୍କୁଶ ବିଦ୍ୟାପୀଠ ପରିସରରେ ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ଦିନ ଉଦଯାପିତ ହୋଇଯାଇଛି । ୧୪ ଓ ୧୭ ବର୍ଷରୁ କମ ବୟସର ବାଳକ ଓ ବାଳିକା ବର୍ଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ୨୨ଟି ବ୍ଲକରୁ ପ୍ରାୟ ୧୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗଦେଇ ନିଜ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ମଣ୍ଡଳ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ, ପାତ୍ରପୁର ପକ୍ଷରୁ ଏହାର ଆୟୋଜନ କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବ୍ରହ୍ମପୁର ଏହାର ପ୍ରଯୋଜକ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ବୁଧବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ଚିକିଟି ବିଇଓ ପନ୍ନଗ ଭୂଷଣ ମାଝୀ, ତହସିଲଦାର ଅଶୋକ ପଟ୍ଟନାୟକ, ଜିଲ୍ଲା କ୍ରୀଡା ଶିକ୍ଷକ ସଂଘ ସଭାପତି ଜନାର୍ଦ୍ଦନ ସାହୁଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଂଚାସିନ ଥିଲେ । ୨୨ଟି ବ୍ଲକର ୧୪ ବର୍ଷରୁ କମ ଖେଳାଳୀ ମାନେ ଅତିଥି ମାନଙ୍କ ସମ୍ମୁଖରେ ନିଜ ନିଜ ବ୍ଲକର ପ୍ଲା କାର୍ଡ ଧରି ରାଲି କରିଥିବା ବେଳେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଶୃଙ୍ଖଳା, ଦଳଗତ ସହଯୋଗ ଓ ପ୍ରତିଯୋଗିତାମୂଳକ ଦକ୍ଷତାର ବିକାଶ ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ତିନିଦିନିଆ ଏହି କ୍ରୀଡ଼ା ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟର ଖେଳାଳିଙ୍କ ମଧ୍ୟରେ ରୋମାଂଚକର କବାଡ଼ି ମ୍ୟାଚ୍ ଦେଖିବାକୁ ମିଳିଥିଲା । ଏହି ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ସାନଖେମୁଣ୍ଡି ସହ ପାତ୍ରପୁର ଟିମ ଫାଇନାଲରେ ପହଂଚିଥିବା ବେଳେ ପାତ୍ରପୁର ବ୍ଲକ ଟିମ୍ ବିଜେତା ହୋଇ ଟ୍ରଫି ହାସଲ କରିଥିଲେ । ସେହିପରି ବାଳକ ବର୍ଗରେ ଛତ୍ରପୁର ସହ ହିଞ୍ଜିଳିକାଟୁ ଟିମ୍ ଫାଇନାଲରେ ପହଂଚି ଥିବା ବେଳେ ଛତ୍ରପୁର ଟିମ୍ ବିଜେତା ହୋଇ ଟ୍ରଫି ହାସଲ କରିଥିଲେ । ୧୭ ବର୍ଷରୁ କମ ବାଳକ ବର୍ଗରେ ଶେରଗଡ ସହ ଧରାକୋଟ ଟିମ୍ ଫାଇନାଲରେ ପହଂଚି ଥିବା ବେଳେ ଶେରଗଡ ଟିମ୍ ବିଜେତା ହୋଇ ଟ୍ରଫି ହାସଲ କରିଥିଲେ । ସେହିଭଳି ବାଳିକା ବର୍ଗରେ ରଙ୍ଗେଇଲୁଣ୍ଡା ସହ ହିଞ୍ଜିଳିକାଟୁ ଫାଇନାଲରେ ପହଂଚି ଥିବା ବେଳେ ରଙ୍ଗେଇଲୁଣ୍ଡା ଟିମ୍ ବିଜେତା ହୋଇ ଟ୍ରଫି ହାସଲ କରିଛନ୍ତି । ଆଜିର ଉଦଯାପନୀ କାର୍ଯ୍ୟକ୍ରମରେ ଉଭୟ ବିଜେତା ଓ ଉପ ବିଜେତା ଦଳ ଗୁଡ଼ିକୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟ ପକ୍ଷରେ ଏହି ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତାରେ ପ୍ରାୟ ୪୮ ଜଣ କବାଡି ଖେଳାଳିଙ୍କୁ ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ଚୟନ କରିଥିବା ନେଇ ଜିଲ୍ଲା କ୍ରୀଡା ଅଧିକାରୀ ସୂଚନା ଦେଇଛନ୍ତି । ଜିଲ୍ଲାର ସମସ୍ତ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଖେଳ ପରିଚାଳନା କରାଯାଇଥିଲା । ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ କ୍ରୀଡା ଶିକ୍ଷକ ଅରୁଣ କୁମାର ମହାନ୍ତି ସହଯୋଗ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA

ଗୁରୁବାର, ୧୫ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ସଶକ୍ତ ଯୁବଶକ୍ତି ସମୃଦ୍ଧ ଭାରତ' ଗଠନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ଖୋରଧା,୧୪/୧୦ (ଆ.ପ୍ର) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଅଧିନରେ ଏବଂ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ଦେଉରୀଙ୍କ ଅଧକ୍ଷତାରେ ଖୋରଧା ଜିଲ୍ଲାର ସାଂସ୍କୃତିକ ଧାରା ଓ ପଥ ଅଧୀନ ସଶକ୍ତ ଯୁବଶକ୍ତି ଓ ସମୃଦ୍ଧ ଭାରତ ଗଠନ କୁ ନେଇ ବିଭିନ୍ନ ପ୍ରତିଯୋଗିତା ବ୍ଲକ୍ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳୀ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ମାଇଁ ଭାରତ, ହିସାବ ଏବଂ କାର୍ଯ୍ୟକ୍ରମ ଅଧିକାରୀ ସୁରେନ୍ଦ୍ର ନାଥ ସାହୁ ଯୋଗଦେଇଥିବା ବେଳେ ଆଭାଷିରେ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ସମସ୍ତ ବ୍ଲକର ବିଡିଓ ମାନେ ଯୋଗଦେଇଥିଲେ । ତା ୩୧ .୧୦.୨୦୨୬ ରିଖ ସୁଦ୍ଧା ବିଡିଓ ମାନେ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ଉକ୍ତ ପ୍ରତିଯୋଗିତା ମାନ ଅନୁଷ୍ଠିତ କାରାଇ

ଫଳାଫଳ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ପଠାଇବେ । ଏହି ସମସ୍ତ ପ୍ରତି ଯୋଗିତାର ଥିମ୍ ବା ବିଷୟ ରହିଛି 'ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବ ପୀଢ଼ି' । ପ୍ରତି ଯୋଗିତାର ନାମ ଗୁଡିକ ହେଉଛି ପାରମ୍ପାରିକ ନୃତ୍ୟ ଟିମ୍ ଯେଉଁ ଥିରେ ୭ ଜଣ ପ୍ରତିଯୋଗୀ ଏବଂ ୩ ଜଣ ସହାୟତା କାରୀଙ୍କୁ ନେଇ ୧୦ ଜଣ ରହିବେ । ସେହିପରି ପ୍ରତିଯୋଗୀଙ୍କ ବୟସ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ ରୁ ୨୯ ବର୍ଷ ହୋଇଥିବ । ସହାୟତା କାରୀଙ୍କ ବୟସ ୧୮ ରୁ ୪୦ ବର୍ଷ ହୋଇଥିବ । ପାରମ୍ପାରିକ ନୃତ୍ୟ ପ୍ରତିଯୋଗିତାର ସମୟ ୮ ମିନିଟ ରହିଅଛି । ପାରମ୍ପାରିକ ସଙ୍ଗୀତ ପ୍ରତିଯୋଗିତା ଟିମ୍‌ରେ ୭ ଜଣ ପ୍ରତିଯୋଗୀ ଓ ୩ ଜଣ ସହାୟତା କାରୀଙ୍କୁ ନେଇ ୧୦ ଜଣ ରହିବେ । ପ୍ରତିଯୋଗୀଙ୍କ ବୟସ ୧୫ ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ । ସହାୟତା କାରିଙ୍କ ବୟସ ୧୮ ରୁ ଚାଳିଶ ହୋଇଥିବ । ଏହି ପ୍ରତିଯୋଗିତାରେ ୮ ମିନିଟ୍ ସମୟ ରହିଛି । ଚିତ୍ରକଳା ପ୍ରତିଯୋଗିତା ପାଇଁ ଏକକ ପ୍ରତିଯୋଗୀ, ବୟସ ୧୫ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ । ଚିତ୍ର କଳା ପାଇ ୬ ଘଂଟା ସମୟ ପ୍ରଦାନ କରାଯିବ । ନୁକଡ ନାଟକ ପାଇଁ ୧୦ ଜଣ ପ୍ରତିଯୋଗୀ ଟିମ୍‌ରେ ରହିବେ । ସେମାନଙ୍କ ବୟସ ୧୫ ରୁ ୨୯ ବର୍ଷ ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ହୋଇଥିବ । ସେମାନଙ୍କୁ ସମୟ ୧୦ ମିନିଟ୍ ପ୍ରଦାନ କରାଯିବ । କବିତା ଲେଖିବା ପ୍ରତିଯୋଗିତା ପାଇଁ ଏକକ ପ୍ରତିଯୋଗୀ ଭାଗନେବେ ଓ ସେମାନଙ୍କ ବୟସ ୧୫ ରୁ ୨୯ ବର୍ଷ ହୋଇଥିବ । ସେମାନଙ୍କୁ ସମୟ ୧.୫ ଘଂଟା ଦିଆଯିବ ଓ ସେମାନେ ଓଡ଼ିଆ, ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ କବିତା ଲେଖି ପାରିବେ । ପ୍ରତ୍ୟେକ ବ୍ଲକରୁ ଶ୍ରେଷ୍ଠ ପ୍ରତିଯୋଗୀ ଓ ଦଳ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ବ୍ଲକ୍ ସ୍ତରରେ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ବ୍ଲକର ବିଡିଓଙ୍କ ଅଧକ୍ଷତାରେ ତହସିଲଦାର, ବ୍ଲକ୍ ଶିକ୍ଷା ଅଧିକାରୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ମହାବିଦ୍ୟାଳୟର ଅଧକ୍ଷ ଅଧକ୍ଷା, କ୍ରୀଡ଼ା ଶିକ୍ଷକମାନଙ୍କୁ ନେଇ ପ୍ରତିଯୋଗିତା ସୁଚାରୁ ପରିଚାଳନା ନିମନ୍ତେ କମିଟି ଗଠନ କରାଯାଇଛି । ଏହି ପ୍ରତି ଯୋଗିତା ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତା ରଖାଯାଇନାହିଁ । ଯେକୌଣସି ସାଧାରଣ ଲୋକ, ଛାତ୍ରଛାତ୍ରୀ ନିର୍ଦ୍ଧାରିତ ବୟସ ସୀମାରେ ହୋଇଥିଲେ ପ୍ରତି ଯୋଗୀତାରେ ଅଂଶ ଗ୍ରହଣ କରି ପାରିବେ । ବ୍ଲକ୍ ସ୍ତରରେ ପ୍ରଥମ ପ୍ରତିଯୋଗୀ, ଟିମ୍ ଜିଲ୍ଲା ସ୍ତରରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଜିଲ୍ଲା ସ୍ତରରେ ପାରମ୍ପାରିକ ନୃତ୍ୟ, ପାରମ୍ପାରିକ ସଙ୍ଗୀତ, ଚିତ୍ର କଳା ଓ କବିତା ଲେଖନ ପ୍ରତି ଯୋଗିତାର ଶ୍ରେଷ୍ଠ ଦୁଇ ପ୍ରତିଯୋଗୀ, ଦଳ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । କେବଳ ନୁକଡ ନାଟକ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର ଏକ ଗୋଟି ଶ୍ରେଷ୍ଠ ଦଳ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଗତ ୨୦୨୫ ବର୍ଷରେ ଯେଉଁମାନେ ଜିଲ୍ଲାସ୍ତରରେ ଭାଗ ନେଇ ନଥିବେ ଏବଂ ବ୍ଲକ୍ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ନଥିବେ ସେମାନେ ଅଂଶ ଗ୍ରହଣ କରି ପାରିବେ । ଅଂଶ ଗ୍ରହଣ କାରୀ ମାନେ ଆବଶ୍ୟକ ସ୍ଥଳେ ନିଜ ନିଜ ଅଂଚଳର ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହ ବିସ୍ତୃତ ତଥ୍ୟ ପାଇଁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଏହି ପ୍ରତିଯୋଗିତାକୁ ସୁଚାରୁ ରୂପେ ସଂଚାଳନ ନିମନ୍ତେ ସମସ୍ତ ପୌରପରିଷଦ ଓ ବିଜ୍ଞାପିତ ଅଂଚଳ ନିର୍ବାହୀ ଅଧିକାରୀ ମାନେ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଆବଶ୍ୟକ ସହଯୋଗ କରିବାକୁ ଆୟୁକ୍ତଙ୍କ ଅନୁରୋଧ କରାଯାଇଅଛି । ଏହା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଗଲା ।

ଦକ୍ଷିଣପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ-୨୦୨୬'

ଢୁଙ୍କୁଡ଼ାଖଣ୍ଡି, ୧୪/୧୦ (ଆ.ପ୍ର) : ଦକ୍ଷିଣପୁର କ୍ଲଷ୍ଟରସ୍ଥ, ପଦରବାଲି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଦକ୍ଷିଣପୁର କ୍ଲଷ୍ଟର ସ୍ତରୀୟ ଚଳିତ ଶିକ୍ଷାବର୍ଷର ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆସ୍କଗଡ ସମବାୟ ସମିତିର ସଭାପତି ତଥା ଲାଙ୍ଗିଆ ପଂଚାୟତର ସମିତି ସଭ୍ୟ ଶିକ୍ଷାବିତ୍ କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଶୈକ୍ଷିକ ବିକାଶ ଦିଗରେ ଆଲୋକପାତ କରିଥିଲେ । ବାଲିପଡ଼ା ପଂଚାୟତର ସମିତି ସଭ୍ୟା ପ୍ରତିମା ମଲ୍ଲିକ୍ ସମ୍ମାନିତ ଅତିଥି ଭାବେ ଏବଂ କ୍ଲଷ୍ଟର ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନେ ସରକାରଙ୍କ ନିର୍ଦ୍ଧାରିତ ନିର୍ଦ୍ଦେଶ ପ୍ରକାରେ ତଥା ଉକ୍ତ ଦିନର କାର୍ଯ୍ୟ ସୂଚୀ ପ୍ରକାରେ ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ ନିମନ୍ତେ ଉକ୍ତ ଦିବସରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ବାଳିକା, ସିଡ୍‌ବ୍ଲ୍ୟୁଏସ୍‌ଏନ୍ ତଥା ସବୁ ସ୍ତରର ଶିଶୁଙ୍କ ପାରଦର୍ଶିତା ଅର୍ଜନ କରିଥିବା ଶିଶୁଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇ ଶିଶୁଙ୍କୁ ଉତ୍ସାହିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ (ନୃତ୍ୟ ପ୍ରଦର୍ଶନ) ବିଜେତା ମଧ୍ୟରୁ

ବାଳକୃଷ୍ଣପୁର ବିଦ୍ୟାଳୟ (୧ମ), ଦକ୍ଷିଣପୁର ବିଦ୍ୟାଳୟ (୨ୟ) ଓ କୁମ୍ଭଝୋଳି ସେବାଶ୍ରମ (୩ୟ) ସ୍ଥାନ ଅଧିକାର କରି ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଉକ୍ତ ଦିବସରେ ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ପାଣିଗ୍ରାହୀ (ଅବସର ଶିକ୍ଷକ) ଏବଂ ଶିବରାମ ମହାକୁଡ଼ (ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ସମର୍ପିତ ଅବସର ଶିକ୍ଷକ) ବିଚାରକ ଭାବେ ଉକ୍ତ କ୍ଲୋଷ୍ଟରର ଗାଇଡ୍ ଶିକ୍ଷକ/ଶିକ୍ଷୟିତ୍ରୀ ବୃନ୍ଦଙ୍କ ସହ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ବୃନ୍ଦ ଯଥା ଆସ୍କଗଡ ବିଦ୍ୟାଳୟର ସୁନୀତା ସାହୁ, ଗୁଷବନ୍ଧ ବିଦ୍ୟାଳୟର ସୁଜାତା କୁମାରୀ ସାହୁ ଓ ଦକ୍ଷିଣପୁର ବିଦ୍ୟାଳୟର ଏ. ପୁଷ୍ପଲତା, ଲାଙ୍ଗିଆ ବିଦ୍ୟାଳୟର ନମିତା କୁମାରୀ ମହାରଣା, ବାଳକୃଷ୍ଣପୁର ବିଦ୍ୟାଳୟର ଶଶିରେଖା ମଲ୍ଲିକ ଭଗବାନପୁର ବିଦ୍ୟାଳୟର ଶିବାନନ୍ଦ ସାହୁ, ଚିରିବାଡ଼ିଆ ବିଦ୍ୟାଳୟର ସୌମ୍ୟରଞ୍ଜନ ଦାଶ, ବାଘଝୋଲି ବିଦ୍ୟାଳୟର ରୁନି କୁମାରୀ ସେଠି, ତଳ କୁମ୍ଭଝୋଳି ବିଦ୍ୟାଳୟର ସୁଶ୍ରୀ ସଂଗୀତା ପାତ୍ର, ସେବାଶ୍ରମ କୁମ୍ଭଝୋଳି ବିଦ୍ୟାଳୟର ପି.ନରସିଂହ, ଦୁଦାଲୁଣ୍ଡି ବିଦ୍ୟାଳୟର ମହାଲକ୍ଷ୍ମୀ କର ସମେତ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଳକା ମିଶ୍ର ମହୋଦୟାଙ୍କ ସୁସ୍ୱାଗତ ଓ ସଫଳ ଆୟୋଜନ, ଏସ୍‌ଏମ୍‌ସି ଅଧକ୍ଷ ଟିକିନା ଗୌଡ଼, ବାଳକୃଷ୍ଣପୁର ଏସ୍‌ଏମ୍‌ସି ସୁଧାକର ସାହୁ, ସୁଧୀର ଗୌଡ଼, ପଦ୍ମଲୋଚନ ଗୌଡ଼ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ସହ ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ପାଚିକା ମାଆ ମାନଙ୍କ ସହଯୋଗ ଏବଂ ବିଇଓଙ୍କ ଅଫିସ୍ ଷ୍ଟାଫ୍ ମୋନାଲି ପାତ୍ରୀ ଓ ଜିତେନ୍ଦ୍ର କୁମାର ସାହୁଙ୍କ ଉପସ୍ଥିତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ବିଚାରକ ଭାବେ ସମ୍ପୂର୍ଣ୍ଣ ଅଂଶ ଗ୍ରହଣ କରି ଚଳନ୍ତି କ୍ଲୋଷ୍ଟର ସ୍ତରୀୟ 'ସୁରଭୀ-୨୦୨୬' ଶିଶୁ ମହୋତ୍ସବକୁ ତଥା ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେବକୀ ମଳିକଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ କାର୍ଯ୍ୟକ୍ରମକୁ ସାଙ୍ଗ କରାଯାଇଥିଲା ।

ଚୌଦ୍ୱାର ଟେକ୍ନିକାଲ କଲୋନୀରେ ଷୋଳପୁଅ ମା'ଙ୍କ ବାର୍ଷିକ ଉତ୍ସବ ପାଳିତ

ଚୌଦ୍ୱାର,୧୪/୧୦ (ଆ.ପ୍ର) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୯ ନମ୍ବର୍ ୱାର୍ଡ ଟେକ୍ନିକାଲ କଲୋନୀରେ ଜୟଦୁର୍ଗା ଯୁବକ ସଂଘ ପକ୍ଷରୁ ଷୋଳପୁଅ ମା'ଙ୍କ ବାର୍ଷିକ ଉତ୍ସବ ବେଶ୍ ଧୁମ୍ ଧାମରେ ପାଳିତ ହୋଇଯାଇଛି । ଏହି ଉତ୍ସବଟି ବର୍ଷକୁ ଥରେ ପାଳନ କରିଥାଆନ୍ତି ତେଲୁଗୁ ସମ୍ପ୍ରଦାୟର ଲୋକ । ତେଲୁଗୁ ଲୋକ ଏହି ପୂଜା ଏହି ସାହିରେ ଦିର୍ଘ ବର୍ଷରୁ ପାଳନ କରି ଆସୁଛନ୍ତି, ବିଶ୍ୱାସ ରହିଛି ଏହି ମାଙ୍କୁ ପୂଜା କରି ନିଜ ଜୀବନ ସହିତ ନିଜ ସାହିର କୌଣସି ବିପଦ ଘଟେ ନାହିଁ । ମା'ଙ୍କୁ ବର୍ଷକୁ ଥରେ ପୂଜା କରିବା ପାଇଁ ସୁଯୋଗ ପାଇଥାଆନ୍ତି । ମଙ୍ଗଳବାର ଦିନ ସକାଳୁ ବିରୂପା ନଦୀ କୂଳରେ ଘଟ ସ୍ଥାପନ କରି ପୂଜାର୍ଚ୍ଚନା କରି ବାଜା ବଜେଇ ଶୋଭାଯାତ୍ରା ରେ ନିମନ୍ତ୍ରଣ କରି ନିଜ ସାହିକୁ ମା' ଙ୍କୁ

ଆଣିଥିଲେ, ଦିନସାରା ଓ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରିଥିଲେ ସନ୍ଧ୍ୟାରେ ରଙ୍ଗୀନ ଲାଇଟ୍, ବାଣ ଓ ବାଜା ବଜେଇ ସାହି ପରିକ୍ରମା କରି ସାହିରେ ଥିବା ସୋଲାପୁରି ମନ୍ଦିରରେ ମା'ଙ୍କୁ ନେଇ ଦୁଃଖର ସହିତ ଘଟକୁ ବିଦାୟ ଦେଇଥିଲେ । ଏହି ପୂଜାରେ ବିଶେଷ ଆକର୍ଷଣ ରହିଥାଏ ମା' କାଳୀଙ୍କ ନୃତ୍ୟ, ବାଜାର ତାଳେ ତାଳେ ନୃତ୍ୟ ପରିବେଷଣ କରିଥାଆନ୍ତି କାଳୀମା । ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଚୌଦ୍ୱାର ପୌର ଉପାଧକ୍ଷ ଶୁଭେନ୍ଦୁ ସମାଲ, ସୁବ୍ରତ ସମାଲ୍ ଓ ରାଜେନ୍ଦ୍ର ମହାରଣା ଯୋଗ ଦେଇଥିଲେ । ଏହି ଉତ୍ସବ ଜୟ ଦୁର୍ଗା ଯୁବକ ସଂଘର ସଭାପତି ଜାମି ତ୍ରିନାଥ ସଂପାଦକ କେ.ଧର୍ମରାଜଙ୍କ ତତ୍ତ୍ୱାବଧାନରେ ଓ ସାହିର କେ ରାମ୍ କ୍ରୀଷ୍ଣା, ରବୀନ୍ଦ୍ର କୁମାର୍ ପାଣ୍ଡେ, ବି ଶଙ୍କର ରାଓ, ତପନ ନାୟକ, ଡି ରାଜୁ, ଲିଙ୍ଗରାଜ ଚୌଧୁରୀ, ବି ବାବୁଲା, ବି ନୀଳକଣ୍ଠ, ଧିର ପ୍ରଧାନ, ଜି ବବୁଲୁ, କେ କ୍ରୀଷ୍ଣା, ବି ଚିନ୍ନା ରାଓ, ବି ଯମନା ରେଡ୍ଡୀ ସମେତ ସମସ୍ତ ଯୁବକମାନଙ୍କ ସହାୟତାରେ ଓ ସାହିର ସମସ୍ତ ମହିଳାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ବେଶ୍ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଥିଲା

ଖଳିସାହି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ

ଖଣ୍ଡପଡ଼ା, ୧୪/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ନୋଡାଲ

ୟୁଜିଏମଇ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଅନ୍ୟ ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ସୃଜନଶୀଳ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ଓ ସୃଜନଶୀଳତାର ପରିଚୟ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଅତିଥିମାନଙ୍କ ଠାରୁ ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ବାଲୁରୀ ବାରିକ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଓ ସମ୍ମାନୀତ ଅତିଥି ଭାବେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ ନିକୁଞ୍ଜ ବିହାରୀ ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲା ବେଳେ ସିଆରସିସି ପ୍ରଭାତ କୁମାର ସେଠୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

ସଦର ପୋଲିସର ପୁଣି ଏକ ବଡ଼ ସଫଳତା, ଚୋରି ପାଇଁ ପ୍ରସ୍ତୁତି ବେଳେ ଧରାପଡି ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଯାଜପୁର, ୧୪/୧୦ (ଆ.ପ୍ର) : ଗୋଟିଏ ପରେ ଗୋଟିଏ ସଫଳତା ସାଉଁଟୁଛି ସଦର ପୋଲିସ । ସଦର ଥାନା ଅନ୍ତର୍ଗତ ବଉଆଁଛକ ନିକଟରେରେ ଥିବା ମା' ତାରା ଦେବୀ ପୀଠ ପଛପଟେ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପେଟ୍ରୋଲିଂ କରୁଥିବା ପୋଲିସ ଦ୍ୱାରା ଧରାପଡିଲେ । ଘଟଣାରୁ ପ୍ରକାଶ ଯେ ଏକ ୫ ଜଣିଆ ଡକାୟତ ଦଳ ବେରୁଡା ପଂଚାୟତର ଜହଳ ଗ୍ରାମରୁ ଚୋରି କରିବା ପାଇଁ ପ୍ରସ୍ତୁତ ହେଉଥିବାର ଖବର କୌଣସି ସୂତ୍ରରୁ ପୋଲିସ ନିକଟରେ ପହଂଚିଥିଲା । ସଦର ଥାନା ଅଧିକାରୀଣୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ୍ ଆଇ ସୁବାସ ଚନ୍ଦ୍ର ମୁଦୁଲି ପେଟ୍ରୋଲିଂ ବେଳେ ଚତୁରତାର ସହ ଚଢ଼ାଉ କରି ଚୋରି ପାଇଁ ପ୍ରସ୍ତୁତ ହେଉଥିବା ୫ ଜଣିଆ ଡକାୟତ ଦଳରୁ ୨ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଅନ୍ୟ ୩ ଜଣ ରାତ୍ରି ଅନ୍ଧାରର ସୁଯୋଗରେ ଘଟଣା

ସ୍ଥଳରୁ ପଳାଇଥିଲେ । ପୋଲିସ ହାତରେ ଧରା ପଡ଼ିଥିବା ୨ ଜଣ ଜଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗ୍ରାମର କୁଶ ପ୍ରଧାନଙ୍କ ପୁତ୍ର ବିଜୟ ପ୍ରଧାନ (୨୯) ଓ ନାଗେଶ୍ୱର ପ୍ରଧାନଙ୍କ ପୁତ୍ର ରାଂଗା ପ୍ରଧାନ (୪୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସଦର ଥାନା ପକ୍ଷରୁ କେଶ୍ ନମ୍ବର୍ ୩୨୦/୨୬ ରେ ଏକ ମାମଲା ରୁଜୁ କରିଥିବା ଜଣାପଡିଛି । ଚୋରି ପାଇଁ ପ୍ରସ୍ତୁତ ହେଉଥିବା ଆସାମୀମାନଙ୍କ ପାଖରୁ ଗୋଟିଏ ୟାମା ଫେଜର ଓ ଗୋଟିଏ ହୋଣ୍ଡା ସାଇନ୍, ଦୁଇଟି ମୋବାଇଲ, ଗୋଟିଏ କୋଦାଳ ବେଂଟ, ଗୋଟିଏ ଲୁହାରଡ, ଗୋଟିଏ ଖଣ୍ଡା, କିଛି ଲଂକାଗୁଣ୍ଡ, ମଦ ବୋତଲ ସହ କିଛି ତମାଖୁ ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି । ଅପରପକ୍ଷରେ ଚଢ଼ାଉ ସ୍ଥାନରୁ ପୋଲିସ ହାତରୁ ଖସିଯାଇଥିବ ସଂଜୟ ପ୍ରଧାନ, ଗାଂଗୁଲି ପ୍ରଧାନ ଓ ଉମେଶ ପ୍ରଧାନଙ୍କୁ ପୋଲିସ ଖୋଜି ବାହାର କରିବା ପାଇଁ ଚେଷ୍ଟା ଜାରିରଖିଛି । ଏହି ଡକାୟତ ମାନଙ୍କ ନାମରେ ଜିଲ୍ଲା ଓ ଜିଲ୍ଲା ବାହାରେ ଏକାଧିକ ଅପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ ।

ଜୟପୁର ପ୍ରାଥମିକ ବିଦ୍ୟାଳୟଠାରେ ତୁଳମତୁଳା ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ-୨୦୨୬ ଅନୁଷ୍ଠିତ

ବାସୁଦେବପୁର, ୧୪/୧୦ (ଆ.ପ୍ର) : ପିଲାଙ୍କ ଭିତରେ ଲୁଚି ରହିଛି ଅସୀମ ପ୍ରତିଭା । ଆବଶ୍ୟକ କେବଳ ଉପଯୁକ୍ତ ମଂଚ ଆଉ ପ୍ରୋତ୍ସାହନ । ଶିକ୍ଷା ସହ ସଂସ୍କୃତି, ସୃଜନଶୀଳତା ଓ ମାତୃଭାଷା ପ୍ରତି ଆଗ୍ରହ ବଢ଼ାଇବା ଲକ୍ଷ୍ୟରେ ଆୟୋଜିତ ହୋଇଛି ତୁଳମତୁଳା ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' । ୧୪ଟି ବିଦ୍ୟାଳୟର ୧୫୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଉତ୍ସବମୁଖର ହୋଇଉଠିଥିଲା ଜୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର । ପାଠପଢ଼ା ସହ ପ୍ରତିଭାର ବିକାଶ ମାତୃଭାଷା ପ୍ରତି ଭଲପାଇବା ସହ ସୃଜନଶୀଳତାର ପ୍ରସ୍ଫୁଟନ । ଏହି ମହତ୍ ଉଦ୍ଦେଶ୍ୟ ନେଇ ଜୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ତୁଳମତୁଳା ଆଂଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' । ଏହି ମହୋତ୍ସବର ମୁଖ୍ୟ ବାର୍ତ୍ତା ଥିଲା 'ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା' । ୧୪ଟି ବିଦ୍ୟାଳୟରୁ ଯୋଗଦେଇଥିବା ୧୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ । କେବଳ ପୁସ୍ତକ ଭିତରେ ସୀମିତ ନୁହେଁ ଶିକ୍ଷା ବରଂ ପ୍ରତ୍ୟେକ ଶିଶୁର ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନିବା, ତାଙ୍କ ମନରେ

ଆତ୍ମବିଶ୍ୱାସ ଭରିବା ଏବଂ ଆଗକୁ ବଢ଼ିବା ପାଇଁ ସୁଯୋଗ ସୃଷ୍ଟି କରିବା ହେଉଛି ଏଭଳି ମହୋତ୍ସବର ମୁଖ୍ୟ ଲକ୍ଷ୍ୟ । କାର୍ଯ୍ୟକ୍ରମରେ ନରସିଂହପୁର ଗ୍ରାମ ପଂଚାୟତର ସରପଂଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଏବଂ ଆରୁହା ସମିତି ସଭ୍ୟ ସୁରେନ୍ଦ୍ର ପ୍ରସାଦ ବେଜ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଆରୁହା ଗ୍ରାମ ପଂଚାୟତର ସରପଂଚ ରାଜେନ୍ଦ୍ର କୁମାର ସାହୁ, ତତୁଳମତୁଳା ଆଂଚଳିକ ସାଧନା କେନ୍ଦ୍ରର ସଂଯୋଜକ ରାଜେନ୍ଦ୍ର କୁମାର ପାଣିଗ୍ରାହୀ ଏବଂ ଜୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ନାୟକଙ୍କ ସମେତ ଏହି ଅବସରରେ ଖାରବେଳ ପଲାଇ, ଗୟାଧର ପଣ୍ଡା, ପଦ୍ମାଳୟ ପଣ୍ଡା, ଶାନ୍ତିଲତା ପଣ୍ଡା, ସବିତା ମହାନ୍ତି, ତାପସ ରଞ୍ଜନ ସେଠୀ, ଅତିଥି ପରିଚୟ ପ୍ରଦାନ କରୁଥିଲେ ଅଭିମନ୍ୟୁ ସାହୁ, ମନ୍ତ୍ର ପାଠ କରୁଥିଲେ ରବୀନ୍ଦ୍ର କୁମାର ହୋତା, ଧନ୍ୟବାଦ ଅର୍ପଣ ଅର୍ପଣ କରିଥିଲେ ଲକ୍ଷ୍ମୀମଣି ପଣ୍ଡା, ପରିଚାଳନା କମିଟି ସଦସ୍ୟ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶିଶୁଙ୍କ ମଧ୍ୟରେ ଲୁଚି ରହିଥିବା ସମ୍ଭାବନାକୁ ଆଗକୁ ଆଣିବା ସହ ସେମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ସଫଳ ମଣିଷ ଭାବେ ଗଢ଼ିତୋଳିବା ଦିଗରେ ଏହି ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପାଲଟିଛି । ପ୍ରତିଭାର ବିକାଶ, ମାତୃଭାଷାର ସୁରକ୍ଷା ଏବଂ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧିର ବାର୍ତ୍ତା ଦେଇ ଶେଷ ହୋଇଛି 'ସୁରଭୀ-୨୦୨୬' । ଏଭଳି କାର୍ଯ୍ୟକ୍ରମ ଶିଶୁଙ୍କ ଭିତରେ ନୂଆ ଆଶା, ନୂଆ ସ୍ୱପ୍ନ ଓ ନୂଆ ସମ୍ଭାବନା ସୃଷ୍ଟି କରିବା ସହ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ଆଶା କରାଯାଉଛି ।

ବିପଦ ସଂକୁଳ ଅବସ୍ଥାରେ ଝଡ଼କୁସୁମି ନଦୀ ପୋଲ, ପ୍ରଶାସନର ଦୃଷ୍ଟି ପଡୁ

ନବରଙ୍ଗପୁର, ୧୪/୧୦(ଆ.ପ୍ର): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଜାତୀୟ ରାଜପଥ ୨୬ ଠାରୁ ନାକଟିଗୁଡା ପଂଚାୟତର



ଝାଡକୁସୁମୀ ଗ୍ରାମକୁ ସଂଯୋଗ କରୁଥିବା ତୁରି ନଦୀ ଉପରେ ରହିଥିବା ପୋଲଟି ବର୍ତ୍ତମାନ ବିପଦ ସଂକୁଳ ଅବସ୍ଥାରେ ରହିଛି । ପୋଲର ପିଲର ତଳର ମାଟି ଗୁଡିକ ଧୋଇହୋଇ ଯାଉଛି ଯାହାଫଳରେ ପିଲର ଗୁଡିକ ଝୁଲିକି ରହିଛି ଏବଂ ଏହି ପୋଲଟି ତଳକୁ ନଇଁ ଗଲାଣି । କେତେବେଳେ ଯେ କୌଣସି ମୁହୂର୍ତ୍ତରେ ଏହି ପୋଲଟି ଭୁଶୁଡି ପଡି ଲୋକଙ୍କ ଧନ ଜୀବନ ଚାଲିଯିବ କହିହେବ ନାହିଁ । ଏହି ପୋଲ ଦେଇ ଲୋକେ ଜାତୀୟ ରାଜପଥରୁ ଝାଡକୁସୁମି, ନାକଟିଗୁଡା, ମିଞ୍ଚା, ପୁଞ୍ଜିଗୁଡା ସହିତ ନାକଟିଗୁଡା ପଂଚାୟତ ଓ ପାତ୍ରୀ ପଂଚାୟତର ଜନସାଧାରଣ ଯାତାୟତ ପାଇଁ ଏହି ପୋଲ ଉପରେ ନିର୍ଭର କରିଥାନ୍ତି । ଯଦି ଏହି ପୋଲ ଉପରେ କୌଣସି ଭାରିଯାନ ଚଳାଚଳ କଲେ ଯେକୌଣସି ମୁହୂର୍ତ୍ତରେ ବି ଅଘଟଣ ଘଟିବା ସମ୍ଭାବନା ରହିଛି । ଏଣୁ ଲୋକଙ୍କ ଧନ ଜୀବନର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ କୌଣସି ବିକଳ୍ପ ବ୍ୟବସ୍ଥା କରିବାକୁ ଅଂଚଳର ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି ।

ମା' ଭୁବନେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ପାଇଁ ଜଳଯାତ୍ରା ଓ ଯଜ୍ଞ ଅନୁଷ୍ଠିତ

ଦଶପଲ୍ଲା,୧୪/୧୦ (ଆ.ପ୍ର) : ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ



ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବହୁ ପୁରାତନ ମା' ଭୁବନେଶ୍ୱରୀଙ୍କ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ଏକ ଭବ୍ୟ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରର ଜୀର୍ଣ୍ଣୋଦ୍ଧାର ତଥା ପୁନର୍ନିର୍ମାଣ ସଂକଳ୍ପ ନେଇ ଶ୍ରଦ୍ଧାଳୁମାନଙ୍କ ଗହଣରେ ବିଧିବଦ୍ଧ ଭାବେ ପବିତ୍ର କଳସ ସ୍ଥାପନ, ଜଳଯାତ୍ରା ଏବଂ ଯଜ୍ଞ ସମ୍ପନ୍ନ ହୋଇଛି । ଏହି ପବିତ୍ର ଉତ୍ସବରେ ଅଶୋକ କୁମାର ଶତପଥି ଏବଂ ତାଙ୍କ ଧର୍ମପତ୍ନୀ ଶଶୀରେଖା ଶତପଥି ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରି ପୂଜାର୍ଚ୍ଚନା କରିଥିଲେ । ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସମଗ୍ର ବିଦ୍ୟାଳୟ ପରିସର ତଥା ସ୍ଥାନୀୟ ଅଂଚଳରେ ଏକ ଅପୂର୍ବ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ଏହି ଧାର୍ମିକ ଅନୁଷ୍ଠାନରେ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଆଜି ଛାତ୍ର ସଂସଦ ନିର୍ବାଚନ : କିଏ ମାରିବ ବାଜି ? ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା

ଜି.ଉଦୟଗିରି, ୧୪/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟରେ ଆଜି ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ । ଏହାକୁ ନେଇ କଲେଜ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଓ ଉତ୍କଣ୍ଠା ଦେଖାଦେଇଛି । ନିର୍ବାଚନରେ କିଏ ବାଜି ମାରିବ ଏବଂ କାହାକୁ ପରାଜୟର ସାମ୍ନା କରିବାକୁ ପଡ଼ିବ, ତାହାକୁ ନେଇ କଲେଜ ପରିସରରେ ଚର୍ଚ୍ଚା ଜୋର ଧରିଛି । ଛାତ୍ର ସଂସଦ ନିର୍ବାଚନରେ ଭାଗ ନେବା ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ହାସଲ କରିବାକୁ ଉଦ୍ୟମ ଚଳାଇଛନ୍ତି । ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟାର ସମାଧାନ, କଲେଜର ଉନ୍ନତି ଏବଂ ଶିକ୍ଷାନୁଷ୍ଠାନରେ ଉନ୍ନତ ପରିବେଶ ସୃଷ୍ଟି ଭଳି ପ୍ରସଙ୍ଗକୁ ନେଇ ପ୍ରାର୍ଥୀ ମାନେ ନିଜ ନିଜର ମତ ରଖିବା ସହ ସମର୍ଥନ ଯୋଗାଡ଼ କରୁଛନ୍ତି । ନିର୍ବାଚନ ପୂର୍ବରୁ ବୁଧବାର କଲେଜ ପରିସରରେ ମୁଁ କାହିଁକି ନିର୍ବାଚନରେ ଠିଆ ହୋଇଛି ଶୀର୍ଷକ ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସମସ୍ତ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ନିଜ ନିଜର ମତ, ଲକ୍ଷ୍ୟ ଓ ଯୋଜନା ଉପସ୍ଥାପନ କରିଥିଲେ । କାହିଁକି ସେମାନେ ନିର୍ବାଚନରେ ଭାଗ ନେଇଛନ୍ତି ଏବଂ ନିର୍ବାଚିତ ହେଲେ ଛାତ୍ରୀଛାତ୍ର, କଲେଜ ପାଇଁ କିପରି କାମ କରିବେ, ସେ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଜି.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ର, କଲେଜର ଅଧକ୍ଷ ବିନାୟକ ବିଶ୍ୱାଳ ଏବଂ ନିର୍ବାଚନ ଅଧିକାରୀ ଡିକେ ଖଣ୍ଡୁଆଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । କଲେଜର ଛାତ୍ରୀଛାତ୍ରଙ୍କ ସହ ଅଧାପକ ଓ ଅଧାପିକା ମାନେ ମଧ୍ୟ ଏଥିରେ ଯୋଗଦେଇଥିଲେ । ଅନ୍ୟପକ୍ଷରେ, ନିର୍ବାଚନକୁ ନେଇ ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ଭୋଟ ହାସଲ କରିବା ପାଇଁ ବିଭିନ୍ନ ଉଦ୍ୟମ କରୁଥିବା ଦେଖାଯାଉଛି । ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ସମର୍ଥନ ହାସଲ ପାଇଁ ନିଜର ଯୋଜନା ଓ ପ୍ରତିଶ୍ରୁତି ଉପସ୍ଥାପନ କରୁଥିବାବେଳେ ଭୋଟରଙ୍କ ମତ କାହା ସପକ୍ଷରେ ଯିବ, ତାହା ଭୋଟ ପରେ ଜଣାପଡ଼ିବ । ଛାତ୍ର ସଂସଦ ନିର୍ବାଚନ କେବଳ ପଦପଦବୀ ହାସଲ ପାଇଁ ନୁହେଁ, ବରଂ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ କର୍ତ୍ତୃପକ୍ଷଙ୍କ ନିକଟରେ ପହଂଚାଇବା ଏବଂ କଲେଜର ବିକାଶରେ ଭାଗୀଦାର ହେବାର ଏକ ମାଧ୍ୟମ । ତେଣୁ ଛାତ୍ରୀଛାତ୍ର କାହା ଉପରେ ଭରସା କରି ନିଜର ମୂଲ୍ୟବାନ ଭୋଟ ଦେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି । କିଏ ମାରିବ ବାଜି ଏବଂ କିଏ ହାରିବ, ତାହା ନିର୍ବାଚନ ଫଳାଫଳ ପରେ ସ୍ପଷ୍ଟ ହେବ । ନିର୍ବାଚନ ଶେଷ ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି ।

ପରାଜୟରୁ ରଣଜୀ ଅଭିଯାନ ଆରମ୍ଭ କଲା ଓଡ଼ିଶା

ଭୁବନେଶ୍ୱର, ୧୪/୧୦ (ଆ.ପ୍ର) : ପୁଣି ସମସ୍ତଙ୍କୁ ନିରାଶ କରିଛି ଓଡ଼ିଶା କ୍ରିକେଟ ଟିମ । ଚଳିତ ରଣଜୀ ଋତୁର ଅଭିଯାନ ଓଡ଼ିଶା ପରାଜୟରୁ ଆରମ୍ଭ କରିଛି । ଗୁଜରାଟ ଠାରୁ ଦଳ ଲଜ୍ଜାଜନକ ଭାବେ ୧୦ ୱିକେଟ ପରାସ୍ତ ହୋଇଛି । ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳା ଯାଉଥିବା ମ୍ୟାଚ୍‌ରେ ପ୍ରଥମ ଦିନକୁ ଛାଡ଼ି ଦେଲେ ବାକି ୩ ଦିନ ଓଡ଼ିଶାର ଖେଳାଳିମାନେ ଗୁଜରାଟର ମୁକାବିଲା କରିବାରେ ସକ୍ଷମ ହୋଇ ନାହାନ୍ତି । ଶେଷରେ ୪ର୍ଥ ଦିନର ପ୍ରଥମ ସେସନ୍‌ରେ ଗୁଜରାଟ ବିଜୟ ଲକ୍ଷ୍ୟ ୪୭କୁ ବିନା କୌଣସି ୱିକେଟ ହରାଇ ହାସଲ କରି ନେଇଛି । ଏଥିସହ ନିଜର ରଣଜୀ ଅଭିଯାନ ବୃହତ ବିଜୟରୁ ଆରମ୍ଭ କରିପାରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଓଡ଼ିଶା ପ୍ରଥମ ଇନିଂସରେ ଗୌରବ ଚୌଧୁରୀଙ୍କ ୧୩୭ ଓ ସନ୍ଦୀପ ପଟ୍ଟନାୟକଙ୍କ ୬୯ ବଳରେ ୩୨୬ ରନ କରପାରିଥିଲା । ପ୍ରଥମ ଦିନରେ ଓଡ଼ିଶା ମାତ୍ର ୩ଟି ୱିକେଟ ହରାଇ ୨୭୨ ରନ କରିଥିଲେ ହେଁ ଦ୍ୱିତୀୟ ଦିନରେ ବଡ଼ ସ୍କୋର କରିପାରି ନଥିଲା । ସେହିପରି ବୋଲିଂରେ ମଧ୍ୟ ଦଳ ପ୍ରାରମ୍ଭିକ ସଫଳତା ସତ୍ତ୍ୱେ ଗୁଜରାଟକୁ କମ ସ୍କୋରରେ ରୋକିବାକୁ ସକ୍ଷମ ହୋଇପାରି ନଥିଲେ ଓଡ଼ିଶା ବୋଲର । ଓଡ଼ିଶାର ୩୨୬ ରନର ଜବାବରେ ଗୁଜରାଟ ପ୍ରଥମ ଇନିଂସରେ ୪୩୯ ରନ କରି ନେଇଥିଲା । ଦଳ ପାଇଁ ଆର୍ଯ୍ୟ ଦେଶାଇ ୯୪, ବେଦାନ୍ତ ତ୍ରିବେଦୀ ୧୦୮, ଉର୍ଭିଲ ପଟେଲ ୮୫ ଓ ହର୍ଷିଲ ପଟେଲ ୬୦ ରନ କରିଥିଲେ । ଓଡ଼ିଶା ପାଇଁ ବାଦଲ ବିଶ୍ୱାଳ ପ୍ରଥମଥର ପାଇଁ ନିଜ ରଣଜୀ କ୍ୟାରିୟରରେ ୫ ୱିକେଟ ସଫଳତା ପାଇଥିଲେ । ପ୍ରଥମ ଇନିଂସର ବ୍ୟାଟିଂର ସାମାନ୍ୟ ଦମ ଦେଖାଇଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ସନ୍ଦୀପ ପଟ୍ଟନାୟକ(୬୫) ଓ ନିନାଦ ରଥବା(୫୩)ଙ୍କୁ ଛାଡ଼ି ଦେଲେ ଆଉ କେହି ବି ଗୁଜରାଟର ବୋଲରଙ୍କୁ ସମ୍ମୁଖୀନ କରି ପାରି ନଥିଲେ । ତୃତୀୟ ଦିନ ଶେଷ ସୁଦ୍ଧା ଦଳ ୧୧୯ ରନରେ ୪ ୱିକେଟ ହରାଇଥିଲା । ୪ର୍ଥ ଦିନରେ ଦଳ ଭଲ ବ୍ୟାଟିଂ କରି ମ୍ୟାଚ୍‌କୁ ଅତିକ୍ରମରେ ଡ୍ର ରଖିବାକୁ ସକ୍ଷମ ହେବ ବୋଲି ସମସ୍ତେ ଆଶା କରିଥିଲେ । ହେଲେ ବାମହାତୀ ଗୁଜରାଟ ସ୍ପିନର ସିଦ୍ଧାର୍ଥ ଦେଶାଇ ଓଡ଼ିଶାର ସବୁ ଆଶାରେ ପାଣି ପକାଇ ଦେଇଥିଲେ । ୩୬ ରନରେ ୫ ୱିକେଟ ନେବାରୁ ଓଡ଼ିଶା ଦ୍ୱିତୀୟ ଇନିଂସରେ କେବଳ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା । ଶେଷରେ ଗୁଜରାଟକୁ ମ୍ୟାଚ୍ ଜିତିବାକୁ ମିଳିଥିଲା ୪୭ ରନର ଟାର୍ଗେଟ । ଏହାକୁ ଦଳ ବେଶ ସହଜରେ ମାତ୍ର ୯.୩ ଓଭରରେ କୌଣସି ୱିକେଟ ନ ହରାଇ ହାସଲ କରି ନେଇଛି । ୪୭ ରନରୁ ଆର୍ଯ୍ୟ ଦେଶାଇ ଏକାକୀ ୩୭ ରନ କରିଥିବା ବେଳେ ଅନ୍ୟତମ ଓପନର ୮ ରନ କରି ଅପରାଜିତ ରହିଥିଲେ । ପ୍ରଥମ ଇନିଂସରେ ୧୦୮ ରନର ଇନିଂସ ଖେଳିଥିବା ବେଦାନ୍ତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି ।

ଆଇପିଏଲକୁ ଯୁବରାଜଙ୍କ କମବ୍ୟାକ୍

ନୂଆଦିଲ୍ଲୀ, ୧୪/୧୦(ନ୍ୟୁ.ଏ): ସୌରଭ ଗାଙ୍ଗୁଲିଙ୍କ ପରେ ଆଇପିଏଲକୁ କମବ୍ୟାକ କରିଛନ୍ତି ଯୁବରାଜ ସିଂହ । ଆଇପିଏଲରେ ପ୍ରଥମଥର ପାଇଁ ତାଙ୍କୁ କୌଣସି ଫ୍ରାଂଚାଇଜର ସହାୟକ କୋଚ ଓ ବ୍ୟାଟିଂ କୋଚ ଦାୟିତ୍ୱ ମିଳିଛି । ୨୦୨୭ ଆଇପିଏଲରେ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏହି ଭୂମିକାରେ ନଜର ଆସିବେ । ୪୪ ବର୍ଷୀୟ ଯୁବରାଜ ସିଂହ ୨୦୦୭ ଟି-୨୦ ବିଶ୍ୱକପ ଓ ୨୦୧୧ ବିଶ୍ୱକପରେ ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏବେ ସେ ଆଇପିଏଲରେ ନିଜର କୋଚିଂ ଡେବ୍ୟୁ କରିଛନ୍ତି । ଏକାଧିକ ଭାରତୀୟ କ୍ରିକେଟରଙ୍କ ମାର୍ଗଦର୍ଶକ ବନିଥିବା ଯୁବରାଜ ଏବେ ଦିଲ୍ଲୀକୁ ଟ୍ରଫି ଦାବିଦାର ଭାବେ ଉଭା କରିବାକୁ ଉଦ୍ୟମ କରିବେ । ଦିଲ୍ଲୀ ଫ୍ରାଂଚାଇଜ ସହ ଯୁବରାଜ ସିଂହଙ୍କ ସମ୍ପର୍କ ମଧ୍ୟ ବେଶ ପୁରୁଣା । ସେ ୨୦୧୬ରେ ରେକର୍ଡ ୧୬ କୋଟି ଟଙ୍କାରେ ଦିଲ୍ଲୀ ଡେୟାରଡେଭିଲ୍ସରେ ଜଣେ ଖେଳାଳି ଭାବେ ସାମିଲ ହୋଇଥିଲେ । ସେ ସେହି ସଂସ୍କରଣର ସମସ୍ତ ୧୪ଟି ଯାକ ମ୍ୟାଚ୍ ଦିଲ୍ଲୀ ପାଇଁ ଖେଳିଥିଲେ । ଏବେ ନିଜ ପୁରୁଣା ଟିମରେ ଯୁବରାଜ ସହାୟକ ଓ ବ୍ୟାଟିଂ କୋଚ ଭାବେ ସାମିଲ ହୋଇଛନ୍ତି । ନୂଆ ଦାୟିତ୍ୱ ସମ୍ପର୍କରେ ଯୁବରାଜ କହିଛନ୍ତି, "ଦିଲ୍ଲୀ କ୍ୟାପିଟାଲ୍ସ ସହ ମୁଁ ମୋ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ବେଶ ଉତ୍ସାହିତ । ଫ୍ରାଂଚାଇଜ ସହ ମୋର ପୁରୁଣା ସମ୍ପର୍କ ରହିଛି ଓ ମାଲିକଙ୍କୁ ବେଶ ଭଲ ଭାବେ ମୁଁ ଜାଣିଛି । ତେଣୁ ଏହା ମୋ ପାଇଁ ଗୋଟିଏ ସ୍ୱତନ୍ତ୍ର ସୁଯୋଗ ଆଣି ଦେଇଛି । ଦାଦାଙ୍କ ସହ ଏଥର କୋଚ ଭାବେ କାମ କରିବାକୁ ସୁଯୋଗ ମିଳିବ । କୋଚିଂ ଏମିତି ଏକ ବିଷୟ ଯାହା ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର । ଅତ୍ୟନ୍ତ ଦକ୍ଷତାପୂର୍ଣ୍ଣ ଷ୍ଟାଫ ସହ କାମ କରିବାକୁ ମୁଁ ଆଉ ଅପେକ୍ଷା କରିପାରୁନି । ମୋ ପାଇଁ ଏହି ଯାତ୍ରା ବେଶ ରୋମାଂଚକର ରହିବ । ଟିମର ସଫଳତାରେ ମୁଁ ଯୋଗଦାନ କରିବାକୁ ଅପେକ୍ଷା କରିଛି ।" ଯୁବରାଜ ନିଜ କ୍ରିକେଟିଂ କ୍ୟାରିୟରରେ ୧୩୨ଟି ଆଇପିଏଲ ଖେଳି ୨୭୫୦ ରନ ସହ ୩୬ଟି ୱିକେଟ ନେଇଛନ୍ତି । ଏବେ ସେ ଦିଲ୍ଲୀ ପାଇଁ କୋଚ ଭାବେ କାର୍ଯ୍ୟ କରିବେ । ଏହାପୂର୍ବରୁ ଦିଲ୍ଲୀ ଫ୍ରାଂଚାଇଜ କିମ୍ବଦନ୍ତୀ ଖେଳାଳି ଗାଙ୍ଗୁଲିଙ୍କୁ ଟିମର ମୁଖ୍ୟ କୋଚ ଭାବେ ଦାୟିତ୍ୱ ଦେଇଥିଲା । ଯୁବରାଜ ଓ ଦାଦାଙ୍କ ବ୍ୟତୀତ ଆଗାମୀ ଦିନରେ ଦ୍ରୁତ ବୋଲିଂ କୋଚ ଏବଂ ସ୍ପିନ ବୋଲିଂ କୋଚ ଭାବେ ଦିଲ୍ଲୀ ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ନିଯୁକ୍ତ କରିବାର ସମ୍ଭାବନା ରହିଛି ।

ଶ୍ରେୟସଙ୍କୁ ଜୀବନର ଶ୍ରେଷ୍ଠ ଟ୍ୱେଂଟି-୨୦ ମାନ୍ୟତା

ମୁମ୍ବାଇ, ୧୪/୧୦(ନ୍ୟୁ.ଏ): ଭାରତର ଟି-୨୦ ଅଧିନାୟକ ଶ୍ରେୟସ ଅୟର ଟି-୨୦ର ବ୍ୟାଟିଂ ରାଙ୍କିଂରେ ବଡ଼ ଲମ୍ଫ ମାରିଛନ୍ତି । ବୁଧବାର ଜାରି ହୋଇଥିବା ତାଜା ରାଙ୍କିଂରେ ଅୟର ୩ ସ୍ଥାନ ଉପରେ ପହଂଚି ଯାଇଛନ୍ତି । ଏବେ ସେ ୭୯୮ରେଟିଂ ସହ ଚତୁର୍ଥ ସ୍ଥାନରେ ଅଛନ୍ତି । ଅୟର ଟପ୍-୫ରେ ସାମିଲ ହୋଇଥିବା ତୃତୀୟ ଭାରତୀୟ ହୋଇଛନ୍ତି । ଏହା ପୂର୍ବରୁ ଇଶାନ କିଶନ ଏବଂ ଅଭିଷେକ ଶର୍ମା ପ୍ରଥମରୁ ଅଛନ୍ତି । ଇଶାନ କିଶନ ୯୦୪ରେଟିଂ ସହ ପ୍ରଥମ ସ୍ଥାନରେ ଅଛନ୍ତି । ଅଭିଷେକ ଶର୍ମା ୮୯୧ରେଟିଂ ସହ ଦ୍ୱିତୀୟ ନମ୍ବରରେ ଅଛନ୍ତି । ପାକିସ୍ତାନର ସାହିବଜାଦା ଫରହାନ ୮୮୩ରେଟିଂ ସହ ତୃତୀୟ ସ୍ଥାନରେ ଅଛନ୍ତି । ଅୟର ଚତୁର୍ଥ ନମ୍ବରରେ ଅଛନ୍ତି । ଇଂଲଣ୍ଡର ହ୍ୟାରି ବ୍ରୁକ ୭୯୩ରେଟିଂ ସହ ୫ମ ସ୍ଥାନକୁ ଖସି ଯାଇଛନ୍ତି । ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଖେଳାଯାଇଥିବା ୫ମ୍ୟାଚର ଟି-୨୦ ସିରିଜରେ ଅୟରଙ୍କ ବ୍ୟାଟ୍ ଧୂଆଁଧାର ଚାଲିଛି । ଲକ୍ଷ୍ନୌରେ ଖେଳାଯାଇଥିବା ପ୍ରଥମ ଟି-୨୦ରେ ସେ ନଟଆଉଟ ୧୦୨ରନର ପାଳି ଖେଳିଥିଲେ । ଏହା ଅୟରଙ୍କ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ଥିଲା । ରାଂଚିରେ ହୋଇଥିବା ଦ୍ୱିତୀୟ ଟି-୨୦ରେ ଅୟର ୪୦ରନ୍ ସ୍କୋର କରିଥିଲେ । ମାତ୍ର ଇନ୍ଦୋରରେ ସେ କେବଳ ୧ରନ୍ ହିଁ କରିପାରିଥିଲେ । ଯଦି ଆମେ ନଜର ପକାଇବା ଅୟରଙ୍କ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟର ଉପରେ ତେବେ ଏବେ ପର୍ଯ୍ୟନ୍ତ ସେ ୭୦ମ୍ୟାଚ୍ ଖେଳି ସାରିଛନ୍ତି । ଏହି ମ୍ୟାଚରୁ ୬୬ପାଳିରେ ବେଟିଂ କରି ଅୟର ୩୨.୪୭ ପ୍ରତିଶତ ଏବଂ ୧୪୧.୧୭ଷ୍ଟ୍ରାଇକ ରେଟରେ ୧୬୫୬ରନ୍ କରିଥିଲେ । ଏହି ସମୟରେ ସେ ୧ଶତକ ଏବଂ ୧୦ଅର୍ଦ୍ଧଶତକ କରିଛନ୍ତି । ବାମ ହାତୀର ଭାରତୀୟ ବ୍ୟାଟର ତିଲକ ବର୍ମା ଗୋଟିଏ ସ୍ଥାନ ଉପରକୁ ଆସି ୯ମ ନମ୍ବରରେ ଆସିଯାଇଛନ୍ତି । ତିଲକଙ୍କ ପାଖରେ ୭୯୩ର ରେଟିଂ ଅଛି । ଏହିଭଳି ଭାବେ ଟପ୍-୫ରେ ପ୍ରାୟ ୪ଭାରତୀୟ ବ୍ୟାଟର ଅଛନ୍ତି । ଟି-୨୦ର ବୋଲିଂ ରେଟିଂରେ ଆଫଗାନିସ୍ତାନର ରଶିଦ ଖାନ ୭୨୦ରେଟିଂ ସହ ପ୍ରଥମ ନମ୍ବରରେ ଅଛନ୍ତି । ଟପ୍-୫ରେ କୌଣସି ଭାରତୀୟ ନାହାନ୍ତି । ଟପ-୧୦ରେ କେବଳ ଜଣେ ଭାରତୀୟ ବୋଲର ଅକ୍ଷର ପଟେଲ ଅଛନ୍ତି । ଅକ୍ଷର ୨ ସ୍ଥାନ ଖସି ୬୪୯ରେଟିଂ ସହ ୯ମ ସ୍ଥାନରେ ପହଂଚିଛନ୍ତି ।

ଲ୍ୟାଣ୍ଡମାଇନ ସହିତ ଧକ୍କା ପରେ ବୁଡ଼ିଗଲା ୨୫୦୦ କଂଟେନର ଥିବା ଜାହାଜ

ତେହେରାନ, ୧୪/୧୦(ନ୍ୟୁ.ଏ): ହର୍ମୁଜ୍ ପ୍ରଣାଳୀରେ ବୁଧବାର ଏକ ସାମୁଦ୍ରିକ ଲ୍ୟାଣ୍ଡମାଇନ ସହିତ ଧକ୍କା ପରେ ୨୫୦୦ ରୁ ଅଧିକ କଂଟେନର ବୋଝେଇ ଏକ କଂଟେନର ଜାହାଜରେ ନିଆଁ ଲାଗିଯାଇଥିଲା ଓ ପରେ ଜାହାଜଟି ବୁଡ଼ି ଯାଇଥିଲା ବୋଲି ଇରାନର ରିଭଲ୍ୟୁସନାରୀ ଗାର୍ଡ ନୌସେନା କହିଛି । ରିଭଲ୍ୟୁସନାରୀ ଗାର୍ଡ କହିଛି ଯେ, ସମ୍ପୃକ୍ତ ଜାହାଜଟି ଅନଧିକୃତ ଓ ବିପଦପୂର୍ଣ୍ଣ ମାର୍ଗ ବ୍ୟବହାର କରୁଥିଲା । ଇରାନୀ ନୌସେନା ବୁଡ଼ି ଯାଇଥିବା ଜାହାଜର ନାମ, କମ୍ପାନି, ପତାକା କିମ୍ବା ଏହା କେଉଁଠାରୁ ଯାଉଥିଲା ସେ ବିଷୟରେ କୌଣସି ସୂଚନା ଦେଇନାହିଁ । ଏଥିରେ କେହି ମୃତାହତ ହୋଇଛନ୍ତି ନାହିଁ ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଦିଆଯାଇନାହିଁ । ରିଭୋଲ୍ୟୁସନାରୀ ଗାର୍ଡ଼ ତଥ୍ୟ ଅନୁଯାୟୀ ବୁଧବାର ଏହି ଘଟଣା ଘଟିଥିଲା । ଜାହାଜରେ ବିସ୍ଫୋରଣ ପରେ ତା' ନିକଟକୁ ନ ଯିବା ପାଇଁ ରିଭଲ୍ୟୁସନାରୀ ଗାର୍ଡ ସ୍ଥାନୀୟ ଜାହାଜ ଓ ମତ୍ସ୍ୟଜୀବୀଙ୍କୁ ସତର୍କ କରିଥିଲା । ଏହି ଘଟଣା ହର୍ମୁଜ୍ ପ୍ରଣାଳୀରେ ଜାହାଜ ଗୁଡ଼ିକର ସୁରକ୍ଷାକୁ ନେଇ ଚିନ୍ତା ସୃଷ୍ଟି କରିଛି । ତେବେ ୟୁକେ ମେରିଟାଇମ୍ ଟ୍ରେଡ୍ ଅପରେସନ୍ (ୟୁକେଏମ୍‌ଟିଓ) ଏକ ଘଟଣାର ରିପୋର୍ଟ କରି ଯେ, ଏକ କଂଟେନର ଜାହାଜ ଉପରେ ଏକ ଅଜଣା କ୍ଷେପଣାସ୍ତ୍ର ମାଡ଼ ହୋଇଛି । ଯଦିଓ ବର୍ତ୍ତମାନ ଏହା ସ୍ପଷ୍ଟ ନୁହେଁ ଯେ, ଦୁଇଟି ଘଟଣା ସମାନ କି ନୁହେଁ । ଅନ୍ୟ ଏକ ଘଟଣାରେ ଦକ୍ଷିଣ ଇରାନର ହର୍ମୋଜଗାନ ପ୍ରଦେଶର ସିରିକ ନିକଟରେ ଏକ ଅଜଣା ଡ୍ରୋନ ଏକ ମାଛଧରା ଡଙ୍ଗାକୁ ଧକ୍କା ହେବା ଫଳରେ ତିନି ଜଣ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି ।

ସିଜେପି ସମର୍ଥନରେ ବାହାରିଲେ ରାହୁଲ

ନୂଆଦିଲ୍ଲୀ, ୧୪/୧୦(ନ୍ୟୁ.ଏ): ଯନ୍ତର ମନ୍ତରକୁ ବିକ୍ଷୋଭ ସ୍ଥଳ ମାନ୍ୟତାରୁ ହଟାଯିବା ଏବଂ ବେଆଇନ ଭାବେ ପ୍ରବେଶ କରିଥିବା ଅଭିଯୋଗରେ କୋକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସହ-ସଂଯୋଜକ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ୫ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଯିବା ପରେ ସେମାନଙ୍କ ସମର୍ଥନରେ ବାହାରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ପ୍ରଥମ ଥର ପାଇଁ ସିଜେପିକୁ ସମର୍ଥନ ଜଣାଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ''ଏକ୍ସ''ରେ ଲେଖିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ ବେଳେ ଯନ୍ତର ମନ୍ତରରେ ତ୍ରିରଙ୍ଗା ଉଡ଼ାଇବା କୌଣସି ଅପରାଧ ନୁହେଁ । ଏଥିପାଇଁ ଯୁବକମାନଙ୍କୁ ଜେଲ୍ ପଠାଇବା କାପୁରୁଷତାର ପରିଚୟ । ରାହୁଲ ଆହୁରି ମଧ୍ୟ କହିଛନ୍ତି ଯେ ଦେଶବ୍ୟାପୀ ଚାଲିଥିବା ସମସ୍ତ ପ୍ରତିବାଦ ଏକ ନିର୍ଦ୍ଦିଷ୍ଟ କାରଣ ପାଇଁ ଏକତ୍ରିତ ହୋଇଛନ୍ତି । ଛାତ୍ର, ଯୁବକ, ସମ୍ବାଦିକ ଏବଂ ''ଇଣ୍ଡିଆ'' ମେଂଟ, ସମସ୍ତଙ୍କ ପତାକା ଅଲଗା ହୋଇପାରେ, କିନ୍ତୁ ଲକ୍ଷ୍ୟ ଏକ । ନାଗରିକମାନେ ସେମାନଙ୍କ ସାମ୍ବିଧାନିକ ଅଧିକାର ଦାବି କରୁଛନ୍ତି । ଯନ୍ତର ମନ୍ତର ଭାରତର ଜନସାଧାରଣଙ୍କର ଏବଂ ଆମେ ଏହାକୁ ପୁଣି ଥରେ ହାସଲ କରିବୁ ବୋଲି ସେ କହିଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ ଜଣାଇ ମଙ୍ଗଳବାର ସକାଳେ ସିଜେପି ନେତା ସୌରଭ ଦାସ, ଆଶୁତୋଷ ରାଙ୍କା ଏବଂ ଅନ୍ୟ ୧୨ ଜଣ କାର୍ଯ୍ୟକର୍ତ୍ତା ଯନ୍ତର ମନ୍ତର ସୁରକ୍ଷା ବଳୟ ଭାଙ୍ଗି ତ୍ରିରଙ୍ଗା ଉଡ଼ାଇଥିଲେ, ଯାହା ପରେ ପୁଲିସ ସେମାନଙ୍କୁ ଅଟକ ରଖିଥିଲା । ଦିଲ୍ଲୀ ପୁଲିସ ପକ୍ଷରୁ ଯନ୍ତର ମନ୍ତରକୁ ବିକ୍ଷୋଭ ସ୍ଥଳ ମାନ୍ୟତାରୁ ହଟାଯିବା ନେଇ ବିଜ୍ଞପ୍ତି ଜାରି ହେବାର ଗୋଟିଏ ଦିନ ପରେ ଏହି ସିଜେପି ନେତାମାନେ ଏପରି କାର୍ଯ୍ୟ କରିଥିଲେ । ବୁଧବାର ସକାଳେ ସୌରଭ, ଆଶୁତୋଷ ଏବଂ ଦଳର ଜାତୀୟ ସଂଗଠନ ପ୍ରଭାରୀ ଅଜିଙ୍କ୍ୟ ଶିନ୍ଦେଙ୍କୁ ମନ୍ଦିର ମାର୍ଗ ପୁଲିସ ଷ୍ଟେସନସ୍ଥିତ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇଥିଲା, ଯେଉଁଠାରେ ସୌରଭ ଓ ଆଶୁତୋଷଙ୍କୁ ୫ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ଏବଂ ଶିନ୍ଦେଙ୍କୁ ବ୍ୟକ୍ତିଗତ ମୁଚାଲିକା ବଳରେ ଛାଡ଼ି ଦିଆଯାଇଛି । ଏହି ଗିରଫଦାରୀ ପରେ ସିଜେପିର ଆଇନଗତ ମୁଖିଆ ରବ୍ୟା ସିଂହ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନିଆଯାଇଛି ଏବଂ ସେମାନଙ୍କୁ ନିଜ ଓକିଲଙ୍କ ସହ ପରାମର୍ଶ କରିବାକୁ ସୁଯୋଗ ଦିଆଯାଇ ନାହିଁ । ସେ ''ଏକ୍ସ''ରେ ଲେଖିଛନ୍ତି ଯେ ଡେରି ରାତି ପର୍ଯ୍ୟନ୍ତ ସେମାନଙ୍କୁ ଓକିଲଙ୍କୁ ଭେଟିବାକୁ ଦିଆଯାଇ ନଥିଲା ଏବଂ ରାତି ୩ଟାରେ ଏକ ବେସରକାରୀ ଗାଡ଼ିରେ ସେମାନଙ୍କୁ ପାର୍ଲାମେଂଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନକୁ ନିଆଯାଇଥିଲା ।

ରେଳ କର୍ମଚାରୀ ପାଇବେ ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ

ନୂଆଦିଲ୍ଲୀ, ୧୪/୧୦(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ପାର୍ବଣ ଋତୁ ପୂର୍ବରୁ ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ (ପିଏଲବି) ମଞ୍ଜୁର କରିଛି । ଦେଶର ୧୧,୪୦,୭୭୦ ରେଳ କର୍ମଚାରୀଙ୍କୁ ମୋଟ୍ ୨୦୦୯.୬୧ କୋଟି ଟଙ୍କାର ପିଏଲବି ପ୍ରଦାନ କରାଯିବ । ଏହି ଘୋଷଣା ସହିତ କ୍ୟାବିନେଟ୍ ସମସ୍ତ ରେଳ କର୍ମଚାରୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ପ୍ରଶଂସା କରିଛି । ପ୍ରତିବର୍ଷ ଦୁର୍ଗା ପୂଜା/ ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀମାନଙ୍କୁ ପିଏଲବି ପ୍ରଦାନ କରାଯାଏ । ଚଳିତ ବର୍ଷ ମଧ୍ୟ ପ୍ରାୟ ୧୧.୪୯ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରାଯାଉଛି, ଯାହା ୭୮ ଦିନର ଦରମା ସହିତ ସମାନ । ପିଏଲବି ରେଳ କର୍ମଚାରୀମାନଙ୍କୁ ରେଳ ବିଭାଗର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ନିମନ୍ତେ ପ୍ରୋତ୍ସାହନ ଦେବ । ଯୋଗ୍ୟ ରେଳ କର୍ମଚାରୀମାନଙ୍କୁ ସର୍ବାଧିକ ୭୮ ଦିନ ପାଇଁ ୧୭,୯୫୧ ଟଙ୍କା ବୋନସ ଦିଆଯିବ । ଏହି ରାଶି ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ଦିଆଯିବ, ଯେଉଁଥିରେ ଟ୍ରାକ୍ ରକ୍ଷଣାବେକ୍ଷଣ କର୍ମଚାରୀ, ଲୋକୋ ପାଇଲଟ୍, ଟ୍ରେନ୍ ପରିଚାଳକ (ଗାର୍ଡ), ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ସହାୟକ, ପଏଂଟମ୍ୟାନ୍, ମନ୍ତ୍ରୀସ୍ତରୀୟ କର୍ମଚାରୀ ଏବଂ ଅନ୍ୟାନ୍ୟ ଗ୍ରୁପ୍ 'ସି' କର୍ମଚାରୀ ଅନ୍ତର୍ଭୁକ୍ତ । ରେଳବାଇ ୨୦୨୫-୨୬ରେ ଅସାଧାରଣ ପ୍ରଦର୍ଶନ କରିବା ସହିତ ରେକର୍ଡ ୧୬୭୦ ନିୟୁତ ଟନ୍ ମାଲ ପରିବହନ କରିଥିଲା ଏବଂ ପ୍ରାୟ ୭.୪୧ ବିଲିୟନ ଯାତ୍ରୀ ପରିବହନ କରିଥିଲା ।

ଜୟପୁରରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ଜୟପୁର, ୧୪/୧୦(ନ୍ୟୁ.ଏ): ଫ୍ରାଙ୍କଫର୍ଟରୁ ନୂଆଦିଲ୍ଲୀ ଅଭିମୁଖେ ଆସୁଥିବା ଏୟାର ଇଣ୍ଡିଆର ଏକ ଅନ୍ତର୍ଜାତୀୟ ବିମାନ ବୁଧବାର ସକାଳେ ଜୟପୁର ବିମାନ ବନ୍ଦରରେ ଜରୁରୀ ଅବତରଣ କରିଛି । ବିମାନର ପାଇଲଟ୍ ଏକ ହାଇଜାକ୍ (ବିମାନ ଅପହରଣ) ସମ୍ପର୍କିତ ସତର୍କ ସୂଚନା ଜାରି କରିବା ପରେ ଏହାର ଗତିପଥ ପରିବର୍ତ୍ତନ କରି ଜୟପୁର ଅଭିମୁଖେ ନିଆଯାଇଥିଲା । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସୂତ୍ରରୁ ଏହି ସୂଚନା ମିଳିଛି । ବିମାନ ଚଳାଚଳ ନିୟାମକ ସଂସ୍ଥା ବର୍ତ୍ତମାନ ଏହି ସମ୍ପୂର୍ଣ୍ଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରୁଛି । ଏୟାର ଇଣ୍ଡିଆର 'ଏଆଇ ୨୦୩୦' (ବୋଇଂ ୭୮୭-୯) ଜୟପୁରରେ ସୁରକ୍ଷିତ ଅବତରଣ କରିବା ପରେ ସୁରକ୍ଷା ଯାଂଚ ପାଇଁ ବିମାନକୁ ଏକ ନିର୍ଦ୍ଦିଷ୍ଟ ତଥା ପୃଥକ ମାର୍ଗକୁ ନିଆଯାଇଥିଲା । ପ୍ରାଥମିକ ସୂଚନା ଅନୁଯାୟୀ, ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ ପରିଚାଳକ ଦଳ ସଦସ୍ୟମାନଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇ ବିମାନବନ୍ଦର ଟର୍ମିନାଲର ଏକ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା । ଡିଜିସିଏ ସୂତ୍ର ଅନୁଯାୟୀ, ସକାଳ ୯ଟାରେ ବିମାନର ଟ୍ରାନ୍ସପୋଣ୍ଡରୁ 'ସ୍କ୍ୱାକ୍ ୭୫୦୦' କୋଡ୍ ମିଳିଥିଲା, ଯାହା ବିମାନ ଅପହରଣ କିମ୍ବା ବେଆଇନ ହସ୍ତକ୍ଷେପ ପାଇଁ ଏକ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିମାନ ଚଳାଚଳ କୋଡ୍ ଅଟେ । ବିମାନର ମୁଖ୍ୟ ପାଇଲଟ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ସତର୍କ ସୂଚନା ବିମାନ ଚଳାଚଳ ନିୟନ୍ତ୍ରଣ କକ୍ଷ (ଏଟିସି) ପକ୍ଷରୁ ଗ୍ରହଣ କରାଯାଇଥିଲା ।

ଭାରତର ଟେନସନ ବଢ଼ାଇଛି ଅଶୋଧିତ ତୈଳ

ନୂଆଦିଲ୍ଲୀ, ୧୪/୧୦(ନ୍ୟୁ.ଏ): ଖୁଚୁରା ମୁଦ୍ରାସ୍ଫୀତି ପରେ, ବର୍ତ୍ତମାନ ଦେଶକୁ ହୋଲସେଲ୍ ବା ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ଏକ ବଡ଼ ଧକ୍କା ଦେଇଛି । ଗତ ଚାରି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ, ବିଶେଷକରି ସେପ୍ଟେମ୍ବର ୨୦୨୨ ଠାରୁ ପାଇକାରୀ ମୁଦ୍ରାସ୍ଫୀତି ହାର ୧୦ ପ୍ରତିଶତ ସୀମା ଅତିକ୍ରମ କରିଛି । ତଥ୍ୟରୁ ଜଣାପଡ଼େ ଯେ ସେପ୍ଟେମ୍ବର ୨୦୨୬ରେ ଏହି ହାର ୧୧ ପ୍ରତିଶତରୁ ଅଧିକ ରହିଥିଲା । ବିଶେଷଜ୍ଞମାନେ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧିକୁ ଏହି ବୃଦ୍ଧିର ମୁଖ୍ୟ କାରଣ ବୋଲି ଦର୍ଶାଇଛନ୍ତି । ତେବେ ଆସନ୍ତୁ ହୋଲସେଲ୍ ବା ପାଇକାରୀ ମୁଦ୍ରାସ୍ଫୀତି ସମ୍ବନ୍ଧରେ ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଉପରେ ନଜର ପକାଇବା । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ବୁଧବାର ଦିନ ପ୍ରକାଶିତ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ମାସରେ ପାଇକାରୀ ମୁଦ୍ରାସ୍ଫୀତି ହାର ବାର୍ଷିକ ଭିତ୍ତିରେ ୧୧.୩୯% କୁ ବୃଦ୍ଧି ପାଇଛି, ଯାହାକି ଅଗଷ୍ଟ ମାସରେ ୯.୯୨% ଥିଲା । ଇନ୍ଧନ ଓ ବିଦ୍ୟୁତ୍, ଖାଦ୍ୟ ସାମଗ୍ରୀ ଏବଂ ଉତ୍ପାଦିତ ସାମଗ୍ରୀର ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁଁ ଏହି ବୃଦ୍ଧି ଘଟିଛି । ଚଳିତ ମାସ ଆରମ୍ଭରେ, ଅର୍ଥନୀତିଜ୍ଞମାନଙ୍କ ମଧ୍ୟରେ କରାଯାଇଥିବା ଏକ 'ରଏଟର୍ସ' (Reuters) ସର୍ଭେରେ ପାଇକାରୀ ମୁଦ୍ରାସ୍ଫୀତି ହାର ୧୦.୧୮% ରହିବ ବୋଲି ଆକଳନ କରାଯାଇଥିଲା । ଅନ୍ୟପକ୍ଷରେ, ଚଳିତ ସପ୍ତାହ ଆରମ୍ଭରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ଅଗଷ୍ଟ ମାସର ୪.୮୩% ରୁ ବୃଦ୍ଧି ପାଇ ସେପ୍ଟେମ୍ବରରେ ୫.୫୪% ରେ ପହଂଚିଛି, ତେବେ ଏହାର ମୁଖ୍ୟ କାରଣ ହେଉଛି ଖାଦ୍ୟ ସାମଗ୍ରୀ, ବିଶେଷକରି ପନିପରିବାର ମୂଲ୍ୟରେ ହୋଇଥିବା ତୀବ୍ର ବୃଦ୍ଧି । ଉଲ୍ଲେଖନୀୟ ବିଷୟ ହେଉଛି, ଚାରି ବର୍ଷ ପରେ ହୋଲସେଲ୍ ମୁଦ୍ରାସ୍ଫୀତି ହାର ୧୦% ସୀମା ଅତିକ୍ରମ କରି ଦୁଇ ଅଙ୍କ ବିଶିଷ୍ଟ ସ୍ତରରେ ପହଂଚିଛି । ଏହା ପୂର୍ବରୁ ସେପ୍ଟେମ୍ବର ୨୦୨୨ରେ ହୋଲସେଲ୍ ବା ପାଇକାରୀ ମୁଦ୍ରାସ୍ଫୀତି ହାର ୧୦.୭୦% ରେ ପହଂଚିଛି । ଏହା ସ୍ପଷ୍ଟ ଭାବେ ସୂଚିତ କରେ ଯେ ଦେଶରେ ହୋଲସେଲ୍ ମୁଦ୍ରାସ୍ଫୀତି ଗତ ଚାରି ବର୍ଷ ମଧ୍ୟରେ ସର୍ବାଧିକ ସ୍ତରରେ । ଏଥିସହିତ, କ୍ରମାଗତ ଦ୍ୱିତୀୟ ମାସ ପାଇଁ ହୋଲସେଲ୍ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି । ଜୁଲାଇ ମାସରେ ଏଥିରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଥିଲା; ତେବେ ତା' ପୂର୍ବରୁ ନଭେମ୍ବର ୨୦୨୫ ରୁ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଏଥିରେ କ୍ରମାଗତ ବୃଦ୍ଧି ଦେଖିବାକୁ ମିଳିଥିଲା । ସେପ୍ଟେମ୍ବର ମାସରେ ଇନ୍ଧନ ଓ ବିଦ୍ୟୁତ୍ ପାଇଁ ମୁଦ୍ରାସ୍ଫୀତି ହାର ଅଗଷ୍ଟ ମାସର ୨୨.୯୩% ରୁ ବୃଦ୍ଧି ପାଇ ୨୫.୮୫% ରେ ପହଂଚିଥିବାବେଳେ, ଉତ୍ପାଦିତ ସାମଗ୍ରୀ ପାଇଁ ଏହି ହାର ୮.୩୭% ରୁ ବୃଦ୍ଧି ପାଇ ୯.୭୬% ହୋଇଛି । ସମାନ ସମୟ ମଧ୍ୟରେ, ପ୍ରାଥମିକ ସାମଗ୍ରୀ (ଯେଉଁଥିରେ ଖାଦ୍ୟ ସାମଗ୍ରୀ, ଅଣ-ଖାଦ୍ୟ ସାମଗ୍ରୀ ଏବଂ ଖଣିଜ ପଦାର୍ଥ ଅନ୍ତର୍ଭୁକ୍ତ) ପାଇଁ ମୁଦ୍ରାସ୍ଫୀତି ହାର ୭.୭୬% ରୁ ବୃଦ୍ଧି ପାଇ ୮.୬୭% ରେ ପହଂଚିଛି । ସେପ୍ଟେମ୍ବର ମାସରେ ହୋଲସେଲ୍ ଫୁଡ୍ ଇଣ୍ଡେକ୍ସ (ଯେଉଁଥିରେ ଖାଦ୍ୟ ସାମଗ୍ରୀ ଏବଂ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ) ରେ ମୁଦ୍ରାସ୍ଫୀତି ହାର ୮.୬୬% ରେ ରେକର୍ଡ କରାଯାଇଛି, ଯାହା ଅଗଷ୍ଟ ମାସରେ ୭.୦୫% ଥିଲା । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ହୋଲସେଲ୍ ମୁଦ୍ରାସ୍ଫୀତି ବୃଦ୍ଧି ପଛର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ଖଣିଜ ତେଲ, ଖାଦ୍ୟ ସାମଗ୍ରୀ, ଅଶୋଧିତ ତେଲ ଓ ପ୍ରାକୃତିକ ଗ୍ୟାସ୍, କୋଇଲା ଓ ଲିଗ୍ନାଇଟ୍, ମୌଳିକ ଧାତୁ, ରାସାୟନିକ ପଦାର୍ଥ, ବୟନ ଶିଳ୍ପ ସାମଗ୍ରୀ, ରବର ଓ ପ୍ଲାଷ୍ଟିକ୍ ସାମଗ୍ରୀ ଏବଂ ବୈଦ୍ୟୁତିକ ଉପକରଣ ଅନ୍ତର୍ଭୁକ୍ତ ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das